
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୫ ଜୁନ୍ ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 5 JUNE 2020

Vol.No. 30 ■ No. 141 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



SAI SADHANA SCIENCE HIGHER SECONDARY SCHOOL, UDALA

A Fully +2 Science Residential College

Dibyasingpur, Udala,



Dist: Mayurbhanj



2nd Admission is going on

SUMMER COURSE:- 2nd Batch Admission Starts from: Dt.19.03.2020 and Class Starts From:- 2nd April (Thursday)

ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।

For better development of students are taught by highly and well experienced faculties.

Contact No:

9437294587, 9438232419, 9437443950, 9937557158,9438317887

S d- P.C Bindhani

Chairman


## ମୁମ୍ବାଇ ସହିତ ରାଜ୍ୟର ଅନେକ ଜିଲ୍ଲାରେ ଭୀଷଣ ବର୍ଷା : ୨ ଜଣଙ୍କ ମୃତ୍ୟୁ



ମୁମ୍ବାଇ,୪।୬ (ନି.ପ୍ର): ମୁମ୍ବାଇ ସହିତ ରାଜ୍ୟର କେତେକ ଜିଲ୍ଲାରେ ଅଧିକ ବେଗରେ ପବନ ସହିତ ଭୀଷଣ ବର୍ଷା ହୋଇଛି । ଏଥିରେ ପୁଣେର ଏକ ଘର ଭାଙ୍ଗି ଟିଣ ଉଡ଼ିଯାଇ ଦୁଇଜଣଙ୍କ ମୃତ୍ୟୁ ହୋଇଛି ଏବଂ ୩ ଜଣ ବ୍ୟକ୍ତି ଆହତ ହୋଇଛନ୍ତି । ନିସର୍ଗ ତୋଫାନ ଦ୍ୱାରା ଜୋର ପବନ ଯୋଗୁଁ ସକାଳେ ଶହ ଶହ ଗଛ ଭାଙ୍ଗିଯାଇଛି ଯାହାଦ୍ୱାରା କି ଯିବା ଆସିବା ବହୁ ପ୍ରଭାବିତ ହୋଇଛି । ମୁମ୍ବାଇର ବାଲକେଶ୍ୱର ଇଲାକାରେ ଘର ଉପରେ ଛାଉଣୀ ଅଚାନକ ଉଡ଼ିଯିବା ଦ୍ୱାରା ତିନି ଜଣ ଲୋକ ଜଖମ ହୋଇଛନ୍ତି । ମୁମ୍ବାଇରେ ଶହ ଶହ ଗଛ ଭାଙ୍ଗି ପଡ଼ିଛି । ବିଧାନ ଭବନ ପରିସରରେ ୪ଟି ଗଛ ଭାଙ୍ଗିଯାଇଛି । ସେହିପରି ବ୍ରେବୋର୍ଣ୍ଣ ଷ୍ଟାଡିୟମ ପାଖରେ ଦୁଇଟି ଗଛ ଅଚାନକ ଗାଡ଼ି ଉପରେ ପଡ଼ିଯିବା ଯୋଗୁ ଏକ ଟାକ୍ସ ଓ ଘରୋଇ ଗାଡ଼ି ଭାଙ୍ଗି ଚୁରମାର ହୋଇଯାଇଛି । ପଶ୍ଚିମ ରାଜମାର୍ଗ ରେ ଗଛ ପଡ଼ି ହାଇୱେ ସମ୍ପୂର୍ଣ୍ଣ ଜାମ୍ ହୋଇଯାଇଛି । ମୁମ୍ବାଇ ନଗର ନିଗମର କର୍ମଚାରୀ ତଥା ଫାୟାର ବ୍ରିଗେଡ଼ର ଯବାନମାନେ ଏହି ଭାଙ୍ଗି ଯାଇଥିବା ଗଛକୁ ହଟାଇବାକୁ ଚେଷ୍ଟା କରିଛନ୍ତି । ଗୁରୁବାର ସକାଳେ ମୁମ୍ବାଇର କୋଲାବ, ଅନ୍ଧେରୀ, ଠାଣେ, କାନ୍ଦିବଲୀ, କଲ୍ୟାଣ, ମୀରା ରୋଡ଼, ପାଲଘର ଆଦି ଇଲାକାରେ ଜୋରରେ ବର୍ଷା ହୋଇଛି । କୋଲାବ ମୌସୁମୀ ବିଭାଗ ଅନୁସାରେ ମୁମ୍ବାଇ ସହରରେ ୨୪.୮ ଓ ମୁମ୍ବାଇ ଉପନଗରରେ ୫୦ ମି.ମି. ବର୍ଷା ହୋଇଛି । ମୌସୁମୀ ବିଭାଗ ତରଫରୁ ୬ ଜୁନ୍ ପର୍ଯ୍ୟନ୍ତ ବର୍ଷା ଜାରି ରହିବ ଏବଂ ହାଇ ଆଲର୍ଟ ପାଇଁ ଚେତାବନୀ ଦେଇଛନ୍ତି । ନିସର୍ଗ ବାତ୍ୟା ଯୋଗୁ ପୁଣେ ଜିଲ୍ଲାର ବାହେଗାଓଁ ରେ ଘର ଭାଙ୍ଗିଯିବା ଯୋଗୁ ମଂଜାବାଇ ଅନନ୍ତ ନବଲେର ମୃତ୍ୟୁ ହୋଇଛି । ଏହି ଘଟଣାରେ ତିନି ଜଣ ଲୋକ ଆହତ ହୋଇଛନ୍ତି । ସମସ୍ତଙ୍କ ଚିକିତ୍ସା ଜିଲ୍ଲା ହସ୍ପିଟାଲରେ ଚାଲିଛି । ଏହି ପରି ପୁଣେର ମୋକରବାଡୀ ରେ ଘରର ଟିଣର ଛପର ଉଡ଼ିଯାଇଛି । ଏହି ଛପରକୁ ରକ୍ଷା କରିବାକୁ ଯାଇ ପ୍ରକାଶ ମୋକର ଆହତ ହୋଇଛନ୍ତି, ପରେ ତାଙ୍କର ମୃତ୍ୟୁ ଘଟିଛି । ବାତ୍ୟା ଦ୍ୱାରା ପୁଣେ, ନାସିକ, ଜଳଗାଓଁ, ଅହମଦନଗର ରେ ପ୍ରବଳ ବର୍ଷା ହେଉଛି ।

## ଜାରି ରହିବ ହାଇଡ୍ରୋକ୍ସିକ୍ଲୋରୋକୁଇନ୍‌ର ପରୀକ୍ଷଣ




ନୂଆଦିଲ୍ଲୀ,୪।୬ (ନି.ପ୍ର): ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲୁଏଚଓ) ହାଇଡ୍ରୋକ୍ସିକ୍ଲୋରୋକୁଇନ୍ ର ପୁଣି ଥରେ ପରୀକ୍ଷଣ କରିବାକୁ ନିଷ୍ପତି ନେଇଛି । ବୁଧବାର ଅନୁଷ୍ଠିତ ଏହାର କାର୍ଯ୍ୟକାରିଣୀ ବୈଠକରେ ଏହି ନିଷ୍ପତି ନିଆଯାଇଛି । ଏହି ନିଷ୍ପତି ପରେ ହାଇଡ୍ରୋକ୍ସିକ୍ଲୋରୋକୁଇନ୍ ଉପରେ ପରୀକ୍ଷା ଜାରି ରହିବ । ଡବ୍ଲୁଏଚଓର ଏହି ନିଷ୍ପତି ଉପରେ ଖୁସି ବ୍ୟକ୍ତ କରି କାଉନସିଲ୍ ଅଫ୍ ସାଇଂଟିଫିକ୍ ଆଣ୍ଡ ଇଣ୍ଡଷ୍ଟ୍ରିଆଲ୍ ରିସର୍ଚ୍ଚ (ସିଏସଆଇଆର) ମହାନିର୍ଦ୍ଦେଶକ ଶେଖର ସି ମାଣ୍ଡେ କହିଛନ୍ତି ଯେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ପୂର୍ବରୁ ତରବରିଆ ଭାବେ ନିଷ୍ପତି ନେଇଥିଲା । ହାଇଡ୍ରୋକ୍ସିକ୍ଲୋରୋକୁଇନ୍ ର ପରୀକ୍ଷା ବନ୍ଦ କରିବା ପୂର୍ବରୁ ସଂଗଠନ ଏହାର ପ୍ରାଥମିକ ତଥ୍ୟ ସମୀକ୍ଷା କରିବା ଉଚିତ୍ ବୋଲି ସେ କହିଛନ୍ତି । ସୂଚନାଯୋଗ୍ୟ ଯେ କିଛି ଦିନ ପୂର୍ବେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଲାନସେଟ୍ ପତ୍ରିକାର ଏକ ଆଲେଖକୁ ଦର୍ଶାଇ ଡ୍ରଗ୍ ହାଇଡ୍ରୋକ୍ସି କ୍ଲୋରୋକୁଇନ୍ ର ଚାଲିଥିବା ପରୀକ୍ଷାକୁ ବନ୍ଦ କରି ଦେଇଥିଲା । ଲାନସେଟ୍ ଅନୁଯାୟୀ, କରୋନା ଉପରେ ଏହି ଔଷଧର ବିଶେଷ ପ୍ରଭାବ ନାହିଁ ବରଂ ଏହାର ଗୁରୁତର ପାର୍ଶ୍ୱ ପ୍ରତିକ୍ରିୟା ଅଛି । ତେବେ ଆଇସିଏମଆର ଏହି ଔଷଧକୁ ନିରାପଦ ଏବଂ ପ୍ରଭାବଶାଳୀ ବୋଲି କହିଥିଲା ଏବଂ କରୋନା ସହିତ ଲଢୁଥିବା ସମସ୍ତ ଯୋଦ୍ଧାଙ୍କୁ ଏହାର ବ୍ୟବହାର କରିବାକୁ ସୁପାରିଶ କରିଥିଲା ।

## ଅନନ୍ତନାଗରୁ ୨୪ କେଜି ବିସ୍ଫୋରକ ଜବତ , ୪ ଗିରଫ

ଜମ୍ମୁ,୪।୬ (ନି.ପ୍ର): ଜମ୍ମୁ ଓ କାଶ୍ମୀରର ଅନନ୍ତନାଗ ଜିଲ୍ଲାରୁ ଚଢାଉ ବେଳେ ସୁରକ୍ଷା ବାହିନୀ ୨୪ କିଲୋଗ୍ରାମ ବିସ୍ଫୋରକ ଜବତ କରିଛି । ବିସ୍ଫୋରକ ଜବତ ହୋଇଥିବା ଘର ମାଲିକ ଆଦିଲ ମକବୁଲଙ୍କ ସମେତ ମୋଟ ୪ ଜଣଙ୍କୁ ଗିରଫ କରାଯାଇଛି । ପୋଲିସର ମୁଖପାତ୍ର କହିଛନ୍ତି ଯେ ବୁଧବାର ରାତିରେ ଅନନ୍ତନାଗର ନାନିଲ ସ୍ଥିତ ଆଦିଲ ମକବୁଲ ୱାନିଙ୍କ ଘରେ ସ୍ଥାନୀୟ ପୋଲିସ ଏବଂ ସୁରକ୍ଷା ବାହିନୀର ଏକ ଟିମ୍ ଚଢାଉ କରିଥିଲେ । ତାଙ୍କ ଘରୁ ୨୪ କିଲୋଗ୍ରାମ ବେଆଇନ ବିସ୍ଫୋରକ ଜବତ କରାଯାଇଥିଲା । ଗିରଫ ଆଦିଲ ମାକବୁଲ ୱାନି ଘଟଣାରେ ସମ୍ପୃକ୍ତ ଅନ୍ୟ ୩ ଜଣଙ୍କୁ ସୂଚନା ଦେବା ପରେ ସେମାନଙ୍କୁ ମଧ୍ୟ ଗିରଫ କରାଯାଇଛି । ଏହି ମାମଲାରେ ଅଧିକ ତଦନ୍ତ ଜାରି ରହିଛି ।

## ସଟ୍ ଡାଉନ୍ ବେଳେ ବି ଚାଲିବ ବସ୍

ଭୁବନେଶ୍ୱର,୪।୬ (ନି.ପ୍ର): ରାଜ୍ୟର ୧୧ଟି ଜିଲ୍ଲାରେ ସପ୍ତାହକୁ ଦୁଇଦିନ ଶନିବାର ଓ ରବିବାର ସଟ୍ ଡାଉନ୍ ଘୋଷଣା କରାଯାଇଛି । ତେବେ ସଟ୍ ଡାଉନ୍ ସମୟରେ ସମ୍ପୃକ୍ତ ଜିଲ୍ଲାରେ ବସ୍ ଯାତାୟତ କରି ପାରିବ ବୋଲି ରାଜ୍ୟ ପରିବହନ ପ୍ରାଧିକରଣ(ଏସଟିଏ) ପକ୍ଷରୁ କୁହାଯାଇଛି । ବସ୍ ରେ କେବଳ ସେହି ଯାତ୍ରୀ ଯାତାୟାତ କରି ପାରିବେ ଯେଉଁମାନଙ୍କ ପାଖରେ ରେଳ ଓ ବିମାନରେ ଯିବାର ବା ଫେରିଥିବାର ଟିକେଟ ରହିଥିବ । ଯାତ୍ରୀମାନଙ୍କର ଯାତାୟତର ସୁବିଧା ପାଇଁ ବସ୍‌ଷ୍ଟାଣ୍ଡ, ରେଳ ଷ୍ଟେସନ୍ ଓ ବିମାନବନ୍ଦରକୁ ଘରୋଇ ଯାନ ଏବଂ ଟ୍ୟାକ୍ସି ଯିବା ଆସିବା କରିପାରିବ । ଶନିବାର ଓ ରବିବାର ସଟଡାଉନ୍ ସମୟରେ ଅଟୋ ଏବଂ ଟ୍ୟାକ୍ସି ସେବା ମଧ ଜାରି ରହିବ । ଅଟୋ ଓ ଟ୍ୟାକ୍ସିରେ ଯାତ୍ରୀ ସାଧାରଣ ଯାତ୍ରା କରି ପାରିବେ ନାହିଁ । କେବଳ ବିମାନ ଓ ରେଳରେ ଫେରୁଥିବା ଯାତ୍ରୀଙ୍କ ପାଇଁ ଅଟୋ ଓ ଟ୍ୟାକ୍ସି ସେବା ଉପଲବ୍ଧ ରହିବ ବୋଲି ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି । ଏହି ନିର୍ଦ୍ଦେଶନାମା ଅନୁସାରେ ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ବସ ଚଳାଚଳ ଅବ୍ୟାହତ ରହିବ ବୋଲି ଟୁଇଟ୍ କରି ଜଣାଯାଇଛି । ଉଲ୍ଲେଖ୍ୟଯୋଗ୍ୟ ଯେ ରାଜ୍ୟରେ ଦିନକୁ ଦିନ କରୋନା ସଂକ୍ରମଣ ସଂଖ୍ୟା ବୃଦ୍ଧି ପାଉଛି । ଜୁନ୍ ମାସଟି କରୋନା ମହାମାରୀକୁ ରୋକିବା ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ ଥିବାରୁ ସରକାର ଅଧିକ ଆକ୍ରାନ୍ତ ଥିବା ୧୧ ଟି ଜିଲ୍ଲାରେ ସପ୍ତାହକୁ ୨ ଦିନ ସଟ୍ ଡାଉନ୍ ଘୋଷଣା କରିଛନ୍ତି । ଗଞ୍ଜାମ, ପୁରୀ, ନୟାଗଡ଼, ଖୋର୍ଦ୍ଧା, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ବାଲେଶ୍ୱର ଓ ବଲାଙ୍ଗୀର ଆଦି ଜିଲ୍ଲାରେ ସପ୍ତାହର ଶନିବାର ଓ ରବିବାର ସଟ୍ ଡାଉନ୍ ଘୋଷଣା କରାଯାଇଛି । ଜୁନ୍ ମାସ ସାରା ଏହି ନିୟମ ଲାଗୁ ହେବ ।

## ଏସିଏଫ୍‌ଙ୍କ ଘରେ ଭିଜିଲାନ୍ସ ଚଢଉ : ଦେଢକୋଟିର ସଂପତି ଠାବ

ଭଦ୍ରକ,୪।୬ (ନି.ପ୍ର): ଭଦ୍ରକ ଜଂଗଲ ଓ ବନ୍ୟପ୍ରାଣୀ ବିଭାଗର ଆସିଷ୍ଟାଣ୍ଡ କଞ୍ଜରଭେଟର ଏସିଏଫ୍ ବିରାଜ ମୋହନ ମହାନ୍ତି ଆୟ ବର୍ହିଭୂତ ସଂପତି ଠୁଳ କରିଥିବା କୌଣସି ସୂତ୍ରରୁ ଖବର ପାଇ ଭିଜିଲାନ୍ସ ବିଭାଗ ଚାନ୍ଦବାଲି, ଭୁବନେଶ୍ୱର, କଟକ, ଯାଜପୁର ଟାଉନ୍ ଆଦି ଅଫିସ୍, ଭଡାଘର, ନିଜସ୍ୱ ଘର ଉପରେ ଚଢଉ କରିଛି । ତାଙ୍କର ମୋଟ ସଂପତି ୧ କୋଟି ୪୮ ଲକ୍ଷ ୩ ହଜାର ୭୩୬ ଟଙ୍କାର ବୋଲି ଭିଜିଲାନ୍ସ ବିଭାଗ କହିଛି । ଜଙ୍ଗଲ ବିଭାଗ ଭିଜିଲାନ୍ସ ଭୁବନେଶ୍ୱର ଶାଖା ପକ୍ଷରୁ ହୋଇଥିବା ଏହି ଚଢଉ ଏକ ସଂଗେ କରାଯାଇଥିଲା । ଶ୍ରୀ ମହାନ୍ତିଙ୍କର ଖୋର୍ଦ୍ଧା ଜଂଗଲ ବିଭାଗ ବାଲିପାଟଣା ରେଞ୍ଜ ଅଧୀନରେ ଦୁଇଟି ବେଆଇନ୍ କରତ କଳ ଚାଲୁଥିଲା । ଗୋଟିଏ ଗୋଡିପୋଖରୀ ଛକର ସଂଗଲାଇ ଛକ ଠାରେ ଏବଂ ଅନ୍ୟଟି ଚଉଷଠି ଯୋଗିନୀ ହୀରାପୁର ଗ୍ରାମରେ ରହିଛି । ଏହି ଦୁଇ କରଜକଳର ମୂଲ୍ୟ ୨୫ ଲକ୍ଷ ବୋଲି ଭିଜିଲାନ୍ସ ବିଭାଗ ଆକଳନ କରିଛି । ସେହିପରି ଏକ ତ୍ରିତଳ ଗୃହ କଟକରେ ଯାହାର ମୂଲ୍ୟ ୫୩ ଲକ୍ଷ ୬୧ ହଜାର ୫୨୭ ଟଙ୍କା, ଏକ ଦ୍ୱିତଳ ଗୃହ ଭୁବନେଶ୍ୱର ଠାରେ ଯାହାର ମୂଲ୍ୟ ୩୯ ଲକ୍ଷ ୬ ହଜାର, ଏକ ଚାରିଚକିଆ ଯାନ, ଯାହାର ମୂଲ୍ୟ ୩୯ ଲକ୍ଷ ୬ ହଜାର, ଏକ ଚାରିଚକିଆ ଯାନ ଯାହାର ମୂଲ୍ୟ ୧୧ ଲକ୍ଷ ୫୦ ହଜାର, ୩ଟି ମୋଟର ସାଇକେଲ୍ ୪ ଲକ୍ଷ ୩୦ ହଜାର ୫୫୭ ଟଙ୍କା, ବିଭିନ୍ନ ବ୍ୟାଙ୍କ ଆକାଉ ରେ ୧୬ ଲକ୍ଷ ୫୭ ହଜାର ୭୧୪ ଟଙ୍କା, ଇନ୍ସୁରାନ୍ସ ଇନଭେଷ୍ଟ ୬ ଲକ୍ଷ ୭୫ ହଜାର, ସୁନା ଓ ରୂପା ଅଳଙ୍କାର ୪ ଲକ୍ଷ ୩୩ ହଜାର ୭ ଶହ, ନଗଦ ଓ ଅନ୍ୟାନ୍ୟ ଆସବାବ ପତ୍ର ମିଶି ୧୧ ଲକ୍ଷ ୮୯ ହଜାର ୨୩୮ ଟଙ୍କାର ଆକଳନ ହୋଇଛି । ଶ୍ରୀ ମହାନ୍ତିଙ୍କ ବିରୋଧରେ ମୋଟ ୪ ଟି ମାମଲା ରୁଜୁ କରାଯାଇଛି ।

## ଆଜି ସ୍ନାନ ଯାତ୍ରା , ଲାଗୁ ହେଲା ୧୪୪ ଧାରା



ଭୁବନେଶ୍ୱର,୪।୬ (ନି.ପ୍ର): ଆସନ୍ତାକାଲି (ଶୁକ୍ରବାର)ଜୁନ ୫ ତାରିଖରେ ପୁରୀ ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କର ସ୍ନାନଯାତ୍ରା ଅନୁଷ୍ଠିତ ହେବ । କୋଭିଡ୍-୧୯ ପରିପ୍ରେକ୍ଷୀରେ ଘୋଷିତ ଲକ୍ ଡାଉନ୍ ସମୟରେ ଏହା ଅନୁଷ୍ଠିତ ହେଉଥିବାରୁ ସରକାରଙ୍କ ମାର୍ଗଦର୍ଶିକା ନୀତିକାନ୍ତି ସମୟରେ ଅନୁପାଳନ କରାଯିବ । ମାର୍ଗଦର୍ଶିକା ଅନୁସାରେ ଧାର୍ମିକ ସ୍ଥଳକୁ ସର୍ବସାଧାରଣଙ୍କର ପ୍ରବେଶ ଅନୁମତି ନାହିଁ ଏବଂ ସର୍ବସାଧାରଣ ସ୍ଥାନରେ ୭ ଜଣରୁ ଅଧିକ ବ୍ୟକ୍ତି ଏକାଠି ହୋଇପାରିବେ ନାହିଁ । ଏତଦ୍‌ବ୍ୟତୀତ ସାମାଜିକ ଦୂରତ୍ୱକୁ ବଜାୟ ରଖିବା ଏବଂ ବଡ଼ଦାଣ୍ଡରେ ଜନସମାଗମକୁ ରୋକିବା ପାଇଁ ଶ୍ରୀମନ୍ଦିର ପାଖାପାଖି ଅଂଚଳରେ ୧୪୪ ଧାରା ଲାଗୁ କରାଯାଇଛି । ଏହି ମହତ୍ୱପୂର୍ଣ୍ଣ ଉତ୍ସବର ସଫଳ ସଂପାଦନ ନିମନ୍ତେ ଜିଲ୍ଲା ପ୍ରଶାସନ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିଛନ୍ତି । କୋଭିଡ୍-୧୯ ସଂକ୍ରମଣକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଦୂରଦର୍ଶନ ମାଧମରେ ମହାପ୍ରଭୁଙ୍କ ସ୍ନାନଯାତ୍ରାର ସିଧା ପ୍ରସାରଣ ବ୍ୟବସ୍ଥା କରିଛନ୍ତି । ଏହି ସିଧା ପ୍ରସାରଣ ଅନ୍ୟ ଟିଭି ଚ୍ୟାନେଲ୍ ଏବଂ ସାମାଜିକ ଗଣମାଧମଗୁଡ଼ିକରେ ମଧ ଉପଲବ୍ଧ ହେବ । ଶ୍ରୀଜୀଉମାନଙ୍କ ଦିବ୍ୟ ସ୍ନାନଯାତ୍ରାର ସିଧାପ୍ରସାରଣକୁ ସୁନିଶ୍ଚିତ କରିବା ନିମନ୍ତେ ସୂଚନା ଓ ଲୋକସଂପର୍କ ବିଭାଗକୁ ଦାୟିତ୍ୱ ଦିଆଯାଉଛି ।

## ବଙ୍ଗୋପସାଗରରେ ଦାନା ବାନ୍ଧୁଛି ଲଘୁଚାପ

ଭୁବନେଶ୍ୱର,୪।୬ (ନି.ପ୍ର): ଆସନ୍ତା ଜୁନ୍ ୮ ତାରିଖରେ ପଶ୍ଚିମ-ମଧ୍ୟ ବଙ୍ଗୋପସାଗରର ପୂର୍ବ ଭାଗରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ଆସନ୍ତା ୧୦ ତାରିଖରୁ ଓଡିଶାର ବିଭିନ୍ନ ଜିଲ୍ଲାରେ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି । ତେବେ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ଲଘୁଚାପର କୌଣସି ପ୍ରଭାବ ଓଡିଶା ଉପରେ ନାହିଁ ।

## ଓଡିଶାକୁ ପଙ୍ଗପାଳ ବିପଦ ନାହିଁ ବୋଲି କହି ହେବ ନାହିଁ - କୃଷି ମନ୍ତ୍ରୀ




ଭୁବନେଶ୍ୱର,୪।୬ (ନି.ପ୍ର): ଓଡିଶାକୁ ପଙ୍ଗପାଳ ବିପଦ ନାହିଁ ବୋଲି କହି ହେବ ନାହିଁ ବୋଲି କହିଛନ୍ତି ରାଜ୍ୟ କୃଷି ମନ୍ତ୍ରୀ ଡ ଅରୁଣ ସାହୁ । ସେ କହିଛନ୍ତି ଯେ ବର୍ତମାନ ପଙ୍ଗପାଳ ମାନେ ମଧ୍ୟ ପ୍ରଦେଶ ଓ ଛତିଶଗଡ ସୀମାନ୍ତରେ ଅଛନ୍ତି । ତେବେ ପଙ୍ଗପାଳ ମୁକାବିଲା ପାଇଁ କେମିକାଲ ସ୍ପ୍ରେ ବ୍ୟବସ୍ଥା କରିଛୁ । ଅଗ୍ନିଶମ ବିଭାଗ ପକ୍ଷରୁ ବଡ ସ୍ପ୍ରେୟରର ବ୍ୟବସ୍ଥା କରା ଯାଇଛି । ସେ କହିଛନ୍ତି ପଙ୍ଗପାଳ ଉପଦ୍ରବ ଆଶଙ୍କା ଦେଖି ରାଜ୍ୟକୁ ତିନୋଟି ଜୋନରେ ବିଭାଜିତ କରା ଯାଇଛି ।

## ଇଡି ଅଧିକାରୀଙ୍କୁ କରୋନା: ସିଲ୍ ହେଲା ମୁଖ୍ୟାଳୟ

ନୂଆଦିଲ୍ଲୀ,୪।୬ (ନି.ପ୍ର): ପ୍ରବର୍ତନ ନିର୍ଦ୍ଦେଶାଳୟ (ଇଡି)ର ଜଣେ ଅଧିକାରୀ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଏହା ପରେ ଗୁରୁବାର ଦିନ ଦକ୍ଷିଣ ଦିଲ୍ଲୀର ଇଡି ମୁଖ୍ୟାଳୟର ପ୍ରଥମ ମହଲାକୁ ଦୁଇ ଦିନ ପାଇଁ ସିଲ୍ କରାଯାଇଛି । ଇଡି ସୂତ୍ର ଅନୁଯାୟୀ ଦକ୍ଷିଣ ଦିଲ୍ଲୀର ଲୋକ ନାୟକ ଭବନରେ ଅବସ୍ଥିତ ଇଡି ମୁଖ୍ୟାଳୟର ପ୍ରଥମ ମହଲାକୁ ଦୁଇ ଦିନ ଧରି ସାନିଟାଇଜ୍ ପାଇଁ ସିଲ୍ କରାଯାଇଛି । ଲୋକନାୟକ ଭବନରେ ଦୁଇଟି ମହଲାରୁ ପ୍ରଥମ ମହଲାରେ ଇଡିର କାର୍ଯ୍ୟାଳୟ ରହିଛି । ସମ୍ପୃକ୍ତ ଆକ୍ରାନ୍ତ ଅଧିକାରୀଙ୍କ କଂଟାକ୍ଟ ଟ୍ରେସିଂ କରାଯାଉଛି ଏବଂ ତାଙ୍କୁ ଆଇସୋଲେସନ୍ ରେ ରଖାଯାଇଛି ।

## ରାଜ୍ୟରେ ଆଉ ୯୦ କରୋନା ଆକ୍ରାନ୍ତ ଚିହ୍ନଟ




ଭୁବନେଶ୍ୱର,୪।୬ (ନି.ପ୍ର): ରାଜ୍ୟରେ ଆଉ ୯୦ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏହାକୁ ମିଶାଇ ରାଜ୍ୟରେ କରୋନା ରୋଗୀଙ୍କ ସଂଖ୍ୟା ୨୪୭୮କୁ ବୃଦ୍ଧି ପାଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା ୯୦ ଜଣଙ୍କ ମଧ୍ୟରୁ ୭୯ ଜଣ ସଂଗରୋଧ କେନ୍ଦ୍ରରୁ ହୋଇଥିବା ବେଳେ ୧୧ ଜଣ ସ୍ଥାନୀୟ ଲୋକ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଏହି ୯୦ ଜଣ ଆକ୍ରାନ୍ତଙ୍କ ମଧ୍ୟରୁ ଖୋର୍ଧା ଜିଲ୍ଲାରୁ ୨୫ ଜଣ, ନୟାଗଡ ଜିଲ୍ଲାରୁ ୭ ଜଣ, ଅନୁଗୁଳ ଜିଲ୍ଲାରୁ ଜଣେ, ବାଲେଶ୍ୱର ଜିଲ୍ଲାରୁ ଜଣେ, ଭଦ୍ରକ ଜିଲ୍ଲାରୁ ୯ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି କଳାହାଣ୍ଡି ଜିଲ୍ଲାରୁ ଜଣେ ଓ ଗଂଜାମ ଜିଲ୍ଲାରୁ ୨୨ ଜଣ ଓ ସମ୍ବଲପୁରରୁ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ସୁନ୍ଦରଗଡ ଜିଲ୍ଲାରୁ ୫ ଜଣ, ପୁରୀ ଜିଲ୍ଲାରୁ ୨ ଜଣ, କଟକ ଜିଲ୍ଲାରୁ ୫ ଜଣ, ବରଗଡ ଜିଲ୍ଲାରୁ ଜଣେ, ଢେଙ୍କାନାଳ ଜିଲ୍ଲାରୁ ୧୦ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## ନିଜାମୁଦ୍ଦିନ ମର୍କଜରେ ସାମିଲ ୨,୫୫୦ ବିଦେଶୀ ନାଗରିକ ୧୦ ବର୍ଷ ପାଇଁ ବ୍ୟାନ୍

ନୂଆଦିଲ୍ଲୀ,୪।୬ (ନି.ପ୍ର): ନିଜାମୁଦ୍ଦିନ ମର୍କଜ ଧାର୍ମିକ ସମ୍ମିଳନୀରେ ଯୋଗ ଦେଇଥିବା ୨,୫୫୦ବିଦେଶୀ ନାଗରିକଙ୍କୁ ଆସନ୍ତା ୧୦ବର୍ଷ ପର୍ଯ୍ୟନ୍ତ ବ୍ୟାନ୍ କରାଯାଇଛି । ୧୦ ବର୍ଷ ଯାଏଁ ଭାରତକୁ ଆସିବା ଉପରେ ପ୍ରତିବନ୍ଧକ ଲଗାଇ ଦିଆଯାଇଛି । ସୂଚନା ଅନୁଯାୟୀ, ଏହି ବିଦେଶୀ ନାଗରିକମାନେ ପର୍ଯ୍ୟଟକ ଭିସା ନେଇ ଭାରତ ଆସିଥିଲେ ଏବଂ ତବଲିଗି ଜମାତର କାର୍ଯ୍ୟକଳାପରେ ଜଡିତ ଥିଲେ । ଭାରତୀୟ ଭିସା ଆଇନର ଉଲ୍ଲଙ୍ଘନ କରିଥିବାରୁ ଏହି ବିଦେଶୀ ନାଗରିକମାନଙ୍କର ଭାରତ ଆସିବା ଉପରେ ୧୦ବର୍ଷ ପାଇଁ ପ୍ରତିବନ୍ଧକ ଲଗାଇଦିଆଯାଇଛି । ୨,୫୫୦ ବିଦେଶୀ ନାଗରିକମାନଙ୍କ କଳା ତାଲିକାରେ ମାଲି, ନାଇଜେରିଆ, ଶ୍ରୀଲଙ୍କା, କେନିଆ, ଜିବୁତି, ତାଞ୍ଜାନିଆ, ଦକ୍ଷିଣ ଆଫ୍ରିକା, ମିଆଁମାର, ଥାଇଲ୍ୟାଣ୍ଡ, ବାଂଲାଦେଶ, ବ୍ରିଟେନ (ଓସିଆଇ କାର୍ଡ ଧାରକ) ଅଷ୍ଟ୍ରେଲିଆ ଏବଂ ନେପାଳର ନାଗରିକ ଅନ୍ତର୍ଭୁକ୍ତ । ଆସନ୍ତା ୧୦ବର୍ଷ ପାଇଁ ସେମାନଙ୍କୁ ଭାରତ ଆସିବାକୁ ବାରଣ କରାଯାଇଛି ।

# ଅଜଣା ରୋଗରେ ପୀଡିତ ଯୁବକର ଆକୁଳ ନିବେଦନ ଚିକିତ୍ସାପାଇଁ ଅର୍ଥ ସାଜିଛି ବାଧକ



ବାରିପଦା,୪/୬ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଅ'ର୍ଗତ କରଞ୍ଜିଆ ବ୍ଲକ୍ ର ବଡଦେଉଳି ପଂଚାୟତ, ସରଧା ଗାଁ । ବାପ ମା ଛେଉଣ୍ଡ ୨୭ ବର୍ଷ ବୟସ୍କ ଯୁବକ ଶୁକୁରା । ମା, ବାପାଙ୍କ ଅକାଳ ବିୟୋଗପରେ ମାମୁଁ ଘରେ ଛୋଟବେଳୁ ରହିଆସୁଛି । ମାମୁଁ ବି ଆରପାରିକି ଚାଲିଯାଇଛନ୍ତି । ମାଇଁ ଜୀବିତ ଏବଂ କାମକରି ପରିବାର ଚଳାଉଛନ୍ତି । ଆଜକୁ ବର୍ଷେ ହେବ କେଉଁଏକ ଅଜଣାରୋଗର ଶିକାର ହୋଇଛି ଶୁକୁରା । ତାର ଦେହ ହାତ ଫୁଲାଫୁଲି କରୁଛି । ବହୁ ସମୟରେ ଶୁକୁରା କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ଯାଇ ଚିକିତ୍ସିତ ହୋଇ ଫେରିଯାଏ । ମାତ୍ର ତାର ଅବସ୍ଥା ଗୁରୁତର ହେବାରୁ ଶୁକୁରାଙ୍କୁ ଏହି ଡାକ୍ତରଖାନାରେ ଭର୍ତିକରାଯାଇଥିଲା । ଏବେ ସୁଦ୍ଧା ଅର୍ଥ ଅଭାବରୁ ଠିକ୍ ଭାବେ ତାର ଚିକିତ୍ସା ହୋଇପାରିନାହିଁ । ତେଣୁ ଗତକାଲି ୨ ତାରିଖଦିନ କରଞ୍ଜିଆ ହସ୍‌ପିଟାଲ କର୍ତୃପକ୍ଷ ତାକୁ ଅଧିକ ଚିକିତ୍ସାପାଇଁ ବାରିପଦା ଜିଲ୍ଲା ହସ୍ ପିଟାଲ୍ କୁ ପଠାଇବାର ବ୍ୟବସ୍ଥା କରିଛନ୍ତି । ବିନା ଅର୍ଥରେ ସାଙ୍ଗରେ ଯାଇଛନ୍ତି ତାର ମାଇଁ । ମୁ ବଂଚିବାକୁ ଚାହୁଁଛି, ବୋଲି ସମସ୍ତଙ୍କୁ ଆକୁଳ ନିବେଦନ କରୁଛି ଶୁକୁରା । ହେଲେ ତାର ଆକୁଳ ନିବେଦନ ଶୁଣୁଛି ଅବା କିଏ ? ତେବେ ଭଗବାନଙ୍କ ଉପରେ ଭରସା କରି ବାରିପଦା ପିଆରଏମ ହସ୍‌ପିଟାଲରେ ପହଂଚିଥିବା ଶୁକୁରାକୁ ସରକାରୀ ସାହାଯ୍ୟ ମିଳନ୍ତା, ତେବେ ସେ ସୁସ୍ଥ ହୋଇ ଜୀବନର ମୁଖ୍ୟସ୍ରୋତକୁ ଫେରିପାରନ୍ତା ବୋଲି ସେ ଆଶାବାନ୍ଧି ବସିଛି । ଶୁକୁରାକୁ ଭଲ ଚିକିତ୍ସା କରି ସୁସ୍ଥ କରିବାକୁ ସରକାର ସାହାଯ୍ୟ କରିବାକୁ ସାଧାରଣରେ ଦାବୀ ହେଉଛି ।

## ସି ପି ଆଇ ପକ୍ଷରୁ ଜିଲ୍ଲାପାଳଙ୍କୁ ୧୧ଦଫା ଦାବିପତ୍ର ପ୍ରଦାନ

କେନ୍ଦ୍ରାପଡ଼ା,୪/୬ (ନି.ପ୍ର): ଭାରତୀୟ କମ୍ୟୁନିଷ୍ଟ ପାର୍ଟି କେନ୍ଦ୍ରାପଡା ଜିଲ୍ଲା ପରିଷଦ ଶାଖା ତରଫରୁ ବୁଧବାର ଏକ ୧୧ଦଫା ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି । ଗରାପୁର ଠାରେ ଥିବା ମହାତ୍ମାଗାନ୍ଧୀଙ୍କ ପ୍ରତିମୁର୍ତୀ ନିକଟରୁ ଏକ ଶୋଭାଯାତ୍ରାରେ ଶତାଧିକ କର୍ମୀ ବାହାରି ଜିଲ୍ଲାପାଳ ସମର୍ଥ ବର୍ମାଙ୍କୁ ଭେଟି କରୋନା ମହାମାରୀ ସମୟରେ ସରକାରଙ୍କ ଲକଡାଉନ ଘୋଷଣା ଯୋଗୁଁ ଜନ ସାଧାରଣଙ୍କର ଅର୍ଥନୀତି ଭାଙ୍ଗି ପଡିଥିବା ବେଳେ ଅମ୍ପାନ ବାତ୍ୟା ଜିଲ୍ଲାର ଚାଷୀ କୂଳର ନାହିଁ ନଥିବା କ୍ଷତି ଘଟାଇଛି । ଏହି ଚାଷୀ ଓ ଶ୍ରମିକ ମାନଙ୍କ ସୁରକ୍ଷା ପାଇଁ ଅମ୍ପାନ ବାତ୍ୟାର କ୍ଷତିଗ୍ରସ୍ତର ତଦନ୍ତ କରାଯାଇ କ୍ଷତିଗ୍ରସ୍ତଙ୍କୁ କ୍ଷତି ପୂରଣ ଦିଆଯିବା, ମନରେଗା ପ୍ରକଳ୍ପକୁ କାର୍ଯ୍ୟକାରୀ କରି ବେକାର ଯୁବକ ଯୁବତୀଙ୍କୁ ୨୦୦ ଦିନର କାମ ଯୋଗାଇବା ସମସ୍ତ ପ୍ରବାସୀ ଶ୍ରମିକଙ୍କୁ ୬ ମାସ ପର୍ଯ୍ୟନ୍ତ ୧୦ ହଜାର ଟଙ୍କା ସହାୟତା ଦେବା, ସମସ୍ତ କୃଷକଙ୍କର କୃଷି ଋଣ ଛାଡ କରାଯାଇ ବିନା ସୁଧରେ ନୂତନ କୃଷିଋଣ ପ୍ରଦାନ ପ୍ରଭୃତି ୧୧ ଦଫା ଦାବିରେ ଉଲ୍ଲେଖ ରହିଛି । ଏହି ଦାବିପତ୍ର ପ୍ରଦାନ ସମୟରେ ସିପିଆଇ ର ଜିଲ୍ଲା ସଂପାଦକ ରମଣୀ ରଞ୍ଜନ ରାଉତରାୟ, ଏଆଇଟିୟୁସି ର ସଭାପତି ବାବାଜୀ ଧଳ, ଅଭୟ ଦାସ, ଜିଲ୍ଲା ପରିଷଦ ସଭ୍ୟା ସୁହାନା ବେଗମ, ସଂଯୁକ୍ତା ରାଉତ, ଶଶୀ ଭୂଷଣ କୁଣ୍ଡୁ ପ୍ରମୁଖ ଉପସ୍ଥିତ ଥିଲେ ।

# ୬ଦଫା ଦାବିରେ କୃଷକ ମହାସଂଘର ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର

ଜଳେଶ୍ୱର,୪/୬ (ନି.ପ୍ର): ଆଜି ବୁଧବାର ବାଲେଶ୍ୱର ଜିଲାର ଜଳେଶ୍ୱର କୃଷି ଜିଲା କୃଷକ ମହାସଂଘ ପକ୍ଷରୁ ୬ଦଫା ଦାବି ନେଇ ଏକ ସ୍ମାରକପତ୍ର କୃଷି ଜିଲା ଅଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଠାଯାଇଛି । ଗତ ସୁପର ସାଇକ୍ଲୋନ ଅମ୍ପାନ ଦ୍ୱାରା ଜଳେଶ୍ୱର, ଭୋଗରାଇ ଓ ବାଲିଆପାଳର ଚାଷୀମାନଙ୍କର ବ୍ୟାପକ କ୍ଷତି ହୋଇଥିବାରୁ ଏ ସଂଚଳର ସମସ୍ତ କୃଷିଋଣକୁ ଛାଡ କରାଯିବାକୁ ସେମାନେ ଦାବୀ ଜଣାଇଛନ୍ତି । ସମବାୟ ସମିତି ଜରିଆରେ ନିର୍ଦ୍ଦିଷ୍ଟ ସମୟରେ ଧାନକ୍ରୟ ଓ ଅତିଶୀଘ୍ର ସହାୟକ ମୂଲ୍ୟପ୍ରଦାନ କରାଯିବା, କ୍ଷତିଗ୍ରସ୍ତ ଚାଷୀଙ୍କୁ ସବ୍‌ସିଡି ଓ ବୀମା ପ୍ରଦାନ କରିବା, ଫଂଗପାଳ ଦାଉରୁ ଫସଲ ରକ୍ଷା ନିମନ୍ତେ ଆଗୁଆ ପଦକ୍ଷେପ ଗ୍ରହଣ, ଖରିଫ ଚାଷ ନିମନ୍ତେ ବିହନ ଓ କୃଷିଯନ୍ତ୍ରପାତି ମାଗଣାରେ ଯୋଗାଇବା, କୃଷକର କେତେକ ଗାଡିକୁ ପୁଲିସ୍ ଅଟକାଇ ଚାନ୍ଦା ଆଦାୟ କରୁଥିବା ଅଭିଯୋଗର ତଦନ୍ତ କରାଯିବାକୁ ଜଳେଶ୍ୱର ବ୍ଲକ ସଭାପତି ଦୀନବଂଧୁ ଜେନା, ଭୋଗରାଇ ବ୍ଲକ ସଭାପତି ତ୍ରିଲୋଚନ ଦାସ, ବାଲିଆପାଳ ବ୍ଲକ ସଭାପତି ଅନାଦି ଗିରି, ଆବାହାକ ସୁଦାମ ଚରଣ ପାତ୍ର, ମନୋରଂଜନ ଦାସ, କମଳ ଚକ୍ରବର୍ତ୍ତୀ, ଆଶିଷ କୁମାର ଗିରି, ସୁକୁମାର ରଣା, ଅନନ୍ତ କୁମାର ଘୋଷ, ସରୋଜ ପାତ୍ର ପ୍ରମୁଖ ଲିଖିତଭାବେ ସ୍ମାରକପତ୍ରରେ ଦର୍ଶାଇଛନ୍ତି ।

# ମୟୂରଭଞ୍ଜ ସାଂସଦଙ୍କ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ପରିଦର୍ଶନ



ବାରିପଦା,୪/୬ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ର ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜରେ ଗତ କିଛିଦିନ ପୂର୍ବରୁ କୋରୋନା ସ୍ୱାବ ଟେଷ୍ଟ ଆରମ୍ଭ ହୋଇଥିବା ବେଳେ ମୟୂରଭଞ୍ଜ ସାଂସଦ ଙ୍କ ବିଶେଶ୍ୱର ଟୁଡୁ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ପରିଦର୍ଶନ କରି ସ୍ୱାବ ଟେଷ୍ଟ ନିମନ୍ତେ କ୍ରୟ କରାଯାଇଥିବା ଯନ୍ତ୍ରାଂଶ ଗୁଡିକୁ ବୁଲି ଦେଖିଥିଲେ । ମାଇକ୍ରୋ ବାଇଲୋଜି ବିଭାଗରେ ଆର.ଟି.ପି.ସି.ଆର. ପରୀକ୍ଷାଗାର ଭିତରେ ଏହି ପରୀକ୍ଷା କରାଯାଉଥିବାର ଦେଖିଥିଲେ । ଏହି ଅତ୍ୟାଧୁନୀକ ଯନ୍ତ୍ର ଦ୍ୱାରା ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ କ୍ୱାରେଂଟାଇନ କେନ୍ଦ୍ରରେ ରହୁଥିବା ଅନ୍ତେବାସୀ ମାନଙ୍କର ନମୂନା ପରୀକ୍ଷା ସାଙ୍ଗକୁ ଜିଲ୍ଲାର କୌଣଷି ବ୍ୟକ୍ତିଙ୍କ କରୋନା ଲକ୍ଷଣ ଦେଖାଗଲେ ତାଙ୍କର ନମୂନା ପରୀକ୍ଷା ସହଜରେ ହୋଇପାରିବ । ମାତ୍ର ବର୍ତମାନ ପରୀକ୍ଷଣ ଆରମ୍ଭ ହୋଇଥିଲେ ସୁଦ୍ଧା ସନ୍ତୋଷ ଜନକ ସଂଖ୍ୟକ ପରୀକ୍ଷା କରାଯାଇ ପାରୁନାହିଁ । କମ ସଂଖ୍ୟକ କର୍ମଚାରୀ ଓ ଟେକନିସିଆନ, ବିଶେଷଜ୍ଞ ଥିବାରୁ ଅଧିକ ସଂଖ୍ୟକ ପରୀକ୍ଷା ସମ୍ଭବ ହୋଇପାରୁନାହିଁ ବୋଲି କହିଛନ୍ତି ସାଂସଦ । ତେବେ କିଭଳି ଅଧିକ ସଂଖ୍ୟକ ପରୀକ୍ଷଣ କରାଯାଇପାରିବ ଏବଂ ଜିଲ୍ଲାରେ ଥିବା ସଂଦିଗ୍ଧ କରୋନା ସଂକ୍ରମିତଙ୍କର ସଠିକ ଉପାୟରେ ପରୀକ୍ଷା କରାଯାଇ ସେମାନଙ୍କର ଚିକିତ୍ସା କରାଯାଇପାରିବ ସେଦିଗରେ ସାଂସଦ ଦୃଷ୍ଟି ଆକର୍ଷଣ କରିଥିବାର ଜଣାଯାଇଛି । ଏହି ଗସ୍ତ କାଳରେ ସାଂସଦଙ୍କ ସହିତ ମୟୂରଭଞ୍ଜ ମହାରାଜା ପୂର୍ବତନ ମନ୍ତ୍ରୀ ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ବରିଷ୍ଠ ବିଜେପି ନେତା ଛୋଟେଲାଲ ମହାନ୍ତ, ହେମନ୍ତ ସୋରେନ, ହେମନ୍ତ ସାହା ପ୍ରମୁଖ ଉପସ୍ଥିତ ଥିଲେ ।

## କର୍ମୀଙ୍କୁ ଆକ୍ରମଣ ନେଇ ଜିଲ୍ଲାପାଳଙ୍କୁ ଭେଟିଲା ଆଶାକର୍ମୀ ସଂଘ

କେନ୍ଦ୍ରାପଡ଼ା,୪/୬ (ନି.ପ୍ର): କରୋନା ସଂକ୍ରମଣକୁ ପ୍ରତିହତ କରିବା ପାଇଁ ଆଶାକର୍ମୀ ମାନେ ବିଭିନ୍ନ ସଂଗରୋଧ ଶିବିର ରେ ନିଯୁକ୍ତ ଅଛନ୍ତି । ଏହି କର୍ମୀମାନେ ଗାଁ ଗାଁ ବୁଲି ନିଜ ଜୀବନକୁ ବିପିନ୍ନ କରି ସେମାନଙ୍କର କର୍ତବ୍ୟ ପାଳନ କରୁଥିବା ବେଳେ କେତେକ ଆଶାକର୍ମୀ ବିଭିନ୍ନ ସ୍ଥାନରେ ଜନ ସାଧାରଣଙ୍କର ଆକ୍ରମଣର ଶିକାର ହେଉଇଥିବା ନେଇ ବିଭିନ୍ନ ଥାନାରେ ଅଭିଯୋଗ ହେବା ସହ ସଂଘ ତରଫରୁ ଜିଲ୍ଲାପାଳ ଙ୍କୁ ଭେଟି ଆକ୍ରମଣ କାରୀଙ୍କୁ ଗିରଫ କରିବା ପାଇଁ ଦାବି କରାଯାଇଛି । ଜମଧର ପଂଚାୟତ ର ସମସୁନ ବିବି, ଆଖୁଆ ଦକ୍ଷୀଣ ପଂଚାୟତର ନୋତିକି ସେଠୀ, ଆୟତପୁର ପଂଚାୟତ ର ସୁଷମା ସାମଲ, ତେରଗାଁ ପଂଚାୟତର ରୀନାବାଳା ଦାସ, କଳପଡା ପଂଚାୟତର କାନ୍ତିପ୍ରଭା ନାୟକ ପ୍ରଭୃତି ଆକ୍ରମଣର ଶିକାର ହୋଇଛନ୍ତି । ନିଖିଳ ଓଡିଶା ଆଶାକର୍ମୀ ସଂଘ ତରଫରୁ ସଂପାଦିକା କାନ୍ତିପ୍ରଭା ନାୟକଙ୍କ ସହ ଅନ୍ୟ ଶତାଧିକ ଆଶାକର୍ମୀ ଜିଲ୍ଲାପାଳଙ୍କୁ ଭେଟି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି ।

## କଟକରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ ୨୦୩ ଜଣଙ୍କ ଠାରୁ ଆଦାୟ ହେଲା ଜୋରିମାନା

ଭୁବନେଶ୍ୱର,୪/୬ (ନି.ପ୍ର): କଟକରେ ଗତ ୨୪ ଘଂଟା ମଧ୍ୟରେ ୨୯୮ ଜଣଙ୍କ ଠାରୁ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ ଜୋରିମାନା ଆଦାୟ କରା ଯାଇଛି । କଟକ ଡିସିପିଙ୍କ ଦ୍ୱାରା ଟ୍ୱିଟ କରି ଏହି ସୂଚନା ଦିଆ ଯାଇଛି ।

# ଭଦ୍ରକ ବ୍ଲକରେ ବ୍ୟାପକ ଦୁର୍ନୀତି : ବିଡିଓଙ୍କୁ ଅଭିଯୋଗ କଲା ଜିଲ୍ଲା କଂଗ୍ରେସର ପ୍ରତିନିଧି ଦଳ

ଭଦ୍ରକ, ୪/୬ (ହି.ସ.) - ଭଦ୍ରକ ବ୍ଲକରେ ଦୁର୍ନୀତି ଚରମ ସୀମାରେ ପହଂଚିଛି । ସବୁ ପ ।ୟତରେ ଖୁଲମଖୁଲ୍ଲା ଲୁଟ ଜାରି ରହିଛି । ମନରେଗା କାମ ହେଉ କି ରାସନ କାର୍ଡ ପ୍ରସ୍ତୁତିରେ ବିଜେଡି ନେତାଙ୍କ ହାତବାରିସୀ ସାଜି ବ୍ଲକ ଅଧିକାରୀମାନେ ସିଧାସଳଖ ଦଳୀୟ ଭିତିରେ କାମ କରୁଛନ୍ତି । ଶ୍ରମିକ ବଦଳରେ ମେସିନ ଦ୍ୱାରା କାମ କରାଇ ମିଥ୍ୟା ମଷ୍ଟରରୁଲ କରି ଅର୍ଥ ଲୁଟ କରୁଛନ୍ତି । ଯାହାର ସଦ୍ୟତମ ଉଦାହାରଣ ବହୁଦରଡା ପଂଚାୟତରେ ଦେଖିବାକୁ ମିଳିଛି । ସେହିପରି ରାସନ କାର୍ଡ ଯୋଗାଣ କ୍ଷେତ୍ରରେ ବାସ୍ତବିକ ଭାବେ ଯେଉଁମାନେ ରାସନ କାର୍ଡ ପାଇବା ପାଇଁ ଯୋଗ୍ୟ ସେମାନଙ୍କୁ ବାଦ ଦେଇ କୋଠାଘର ଥିବା ଦଳୀୟ କର୍ମୀଙ୍କୁ ରାସନ କାର୍ଡ ଯୋଗାଣର ବନ୍ଦୋବସ୍ତ କରାଯାଉଛି । ଏହି କାର୍ଯ୍ୟରେ ଗାଁ ନେତା ଠାରୁ ଆରମ୍ଭ କରି ବିଧାୟକ ସାଂସଦ ପର୍ଯ୍ୟନ୍ତ ଜଡିତ ଅଛନ୍ତି । ଏପରି ବ୍ଲକ କାର୍ଯ୍ୟାଳୟକୁ ବିଧାୟକ ତାଙ୍କ ସମର୍ଥକଙ୍କ ତାଲିକା ପଠାଇ ରାସନ କାର୍ଡ ପ୍ରସ୍ତୁତ କରିବାକୁ ସରକାରୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଉଛନ୍ତି । ଏହି ଦୁର୍ନୀତି ଓ ହରିଲୁଟରେ ବ୍ଲକ କାର୍ଯ୍ୟାଳୟର ଅଧିକାରୀ ଠାରୁ କର୍ମଚାରୀ ଲିପ୍ତ ଅଛନ୍ତି । ଏ ସବୁକୁ ବିରୋଧ କରି ଆଜି ଜିଲ୍ଲା କଂଗ୍ରେସର କାର୍ଯ୍ୟକାରୀ ସଭାପତି ତଥା ଭଦ୍ରକ ବିଧାନସଭା ନେତା ନଳିନୀକାନ୍ତ ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ଏକ ପ୍ରତିନିଧି ଦଳ ଭଦ୍ରକ ବିଡିଓଙ୍କୁ ଭେଟି ଏକ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି । ଦୁର୍ନୀତିର ତଦନ୍ତ କରାଯିବା ସହ ପ୍ରକୃତ ଉପଯୁକ୍ତ ହିତାଧିକାରୀ ଚୟନ କରି ରାସନ କାର୍ଡ ଯୋଗାଇବାକୁ ଦାବି କରିଛନ୍ତି । ଏହି ପ୍ରତିନିଧି ଦଳରେ ବ୍ଲକ କଂଗ୍ରେସ ସଭାପତି ଆଇନଜିବି ପ୍ରଫୁଲ୍ଲ ସାମଲ, ପୀତବାସ ଧଳ, ଗୋପାଳ ଚନ୍ଦ୍ର ତ୍ରିପାଠି, ପୂର୍ବତନ ସରପ ଅନନ୍ତ ଚରଣ ପଣ୍ଡା, ଗଙ୍ଗାଧର ଜେନା, ରଞ୍ଜିତ ଦାସ, ବିଜୟ ବାରିକ ପ୍ରମୁଖ ଯୋଗ ଦେଇ ଅଭିଯୋଗପତ୍ର ପ୍ରଦାନ କରିଥିଲେ ।

### ରେଳମନ୍ତ୍ରୀଙ୍କୁ ସମାଜବାଦୀ ପାର୍ଟିର ଚିଠି

# ଭୁବନେଶ୍ୱରରୁ ପାରାଦୀପ, ବାରିପଦା, କେନ୍ଦୁଝର ଓ ରାଉରକେଲାକୁ ରେଳ ଚଳାଇବା ପାଇଁ ଦାବି

ଭୁବନେଶ୍ୱର,୪/୬ (ନି.ପ୍ର): ଆସନ୍ତା ୮ ତାରିଖରୁ ରେଳବାଇ ପକ୍ଷରୁ ଓଡ଼ିଶାର ବିଭିନ୍ନ ସହରକୁ ପାଂଚ ଯୋଡ଼ା ଟ୍ରେନ୍ ଚଳାଇବା ପାଇଁ ନିଷ୍ପତି ଗ୍ରହଣ କରାଯାଇଛି । କେବଳ ଯେଉଁ ଯାତ୍ରୀମାନଙ୍କର ସଂରକ୍ଷିତ ଟିକେଟ୍ ଥିବ ସେହିମାନେ ହିଁ ଏହିସବୁ ଟ୍ରେନ୍‌ରେ ଯାତ୍ରା କରିପାରିବେ । ସେଥିମଧ୍ୟରୁ ଭୁବନେଶ୍ୱର-ବଲାଙ୍ଗୀର, ଭୁବନେଶ୍ୱର- କୋରାପୁଟ- ଭାୟା- ରାୟଗଡ଼ା ଓ ଅନୁଗୋଳ, ଭୁବନେଶ୍ୱର-ବ୍ରହ୍ମପୁର ଏବଂ ଭୁବନେଶ୍ୱର-ଭଦ୍ରକ ପ୍ରଭୃତି ଟ୍ରେନ୍ ଅନ୍ତର୍ଭୁକ୍ତ । ରାଜ୍ୟବାସୀଙ୍କର ସୁବିଧା ଦୃଷ୍ଟିରୁ (୧) ଭୁବନେଶ୍ୱର- ପାରାଦ୍ୱୀପ (୨) ଭୁବନେଶ୍ୱର- ବାରିପଦା (୩) ଭୁବନେଶ୍ୱର- କେନ୍ଦୁଝର (୪) ଭୁବନେଶ୍ୱର- ରାଉରକେଲା ରେଳ ଚଳାଚଳ କରିବା ପାଇଁ ସମାଜବାଦୀ ପାର୍ଟି ଦାବି କରିଛି । ପାର୍ଟିର ରାଜ୍ୟ ସଭାପତି ରବି ବେହେରା ଏହି ଦାବିକୁ ନେଇ କେନ୍ଦ୍ର ରେଳମନ୍ତ୍ରୀ ପିୟୁଷ ଗୋଏଲ୍‌ଙ୍କୁ ଏକ ଚିଠି ଲେଖିବା ସହିତ ଏହି ଚିଠିର ଏକକିତା ନକଲ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ର ପେଟ୍ରୋଲିୟମ ଓ ଇସ୍ପାତମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପ୍ରଦାନ କରି ତାଙ୍କର ହସ୍ତକ୍ଷେପ ଦାବି କରିଛନ୍ତି । ଏହାଫଳରେ ରାଜ୍ୟର ସାଧାରଣ ଲୋକଙ୍କ ଭିତରେ ଯିବାଆସିବା ସୁଗମ ହୋଇପାରିବ ବୋଲି ସେ ଆଶାପ୍ରକାଶ କରିଛନ୍ତି ।

## କରୋନା ପାଣ୍ଠିକୁ ପଟ୍ଟାମୁଣ୍ଡାଇ ବାଳିକା ବିଦ୍ୟାଳୟର ସହାୟତା

କେନ୍ଦ୍ରାପଡ଼ା,୪/୬ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ସରକାରୀ ବାଳିକା ଇଚ୍ଚ ବିଦ୍ୟାଳୟ ତରଫରୁ ମୁଖ୍ୟମନ୍ତ୍ରୀଙ୍କ କରୋନା ରିଲିଫ ପାଣ୍ଠିକୁ ସହାୟତା ପ୍ରଦାନ କରାଯାଇଛି । ବୁଧବାର ୨୪ ହଜାର ୮୧୬ ଟଙ୍କାର ଏକ ଚେକ୍ ଜିଲ୍ଲାପାଳ ସମର୍ଥ ବାର୍ମଙ୍କୁ ପ୍ରଦାନ କରାଯାଇଛି । ଏହି ଚେକ୍ ପ୍ରଦାନ ସମୟରେ ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ ବେହେରା, ରଞ୍ଜନ କୁମାର ମଲିକ, ଟିଟିକାନ୍ତ ନାୟକ, ପ୍ରଦୀପ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ୧୪୪ ଧାରା ବଳରେ ପ୍ରଶାସନ ପକ୍ଷରୁ ସ୍ନାନ ଯାତ୍ରା ପ୍ରସ୍ତୁତି ବଡ଼ଦାଣ୍ଡକୁ ଭକ୍ତଙ୍କୁ ନଛାଡିବା ପାଇଁ ତିଆରି ହୋଇଛି ବ୍ୟାରିକେଡ୍: ବିଭିନ୍ନ ସ୍ଥାନରେ ପୋଲିସ ମୁତୟନ ପ୍ରକ୍ରିୟା ଆରମ୍ଭ

ପୁରୀ,୪/୬ (ନି.ପ୍ର):୧୪୪ ଧାରା ବଳରେ ଆସନ୍ତା ୫ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଶ୍ରୀଜୀଉଙ୍କ ସ୍ନାନ ଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ କରିଛି ପ୍ରଶାସନ । ବଡ଼ଦାଣ୍ଡକୁ ଭକ୍ତଙ୍କୁ ନଛାଡିବା ପାଇଁ ବିଭିନ୍ନ ସ୍ଥାନରେ ତିଆରି ହୋଇଛି ବ୍ୟାରିକେଡ୍ । ସେପଟେ ସ୍ନାନ ଓ ଅଣସର ନୀତି ପାଇଁ ଶ୍ରୀମନ୍ଦିରରେ ଦଇତାପତି ସେବାୟତ ପ୍ରବେଶ କରିଛନ୍ତି । ଅନ୍ୟପକ୍ଷରେ ପ୍ରଶାସନର ଏଭଳି କଡ଼ା ଆଭିମୁଖ୍ୟକୁ ଦେଖି ଅଢ଼େଇ ମାସ ଧରି ଜଗନ୍ନାଥ ମହାପ୍ରଭୁଙ୍କ ଦର୍ଶନରୁ ବଂଚିତ ଦର୍ଶନାର୍ଥୀ ବ୍ୟଥିତ ହୋଇପଡିଛନ୍ତି । ଭକ୍ତ ମନ ବ୍ୟାକୁଳ ହୋଇ ଉଠିଛି । କରୋନା କଟକଣାକୁ ଦୃଷ୍ଟିରେ ରଖି ସ୍ନାନ ପୂର୍ଣ୍ଣମୀ ଦିନ ଜିଲ୍ଲା ପ୍ରଶାସନ ପକ୍ଷରୁ ଶ୍ରୀମନ୍ଦିର ଚର୍ତୁପାର୍ଶ୍ୱ ସମେତ ଅନ୍ୟାନ୍ୟ ଛକ ମାନଙ୍କରେ ୧୪୪ ଧାରା ଜାରୀ କରାଯିବ । ଜିଲ୍ଲାପାଳ ଶ୍ରୀ ସିଂହଙ୍କ ଏହି ନିର୍ଦ୍ଦେଶ ପ୍ରକାରେ ଆସନ୍ତା ୪ ତାରିଖ ରାତି ୧୦ଟା ଠାରୁ ୬ ତାରିଖ ପ୍ରାତଃ ୨ଟା ପର୍ଯ୍ୟନ୍ତ ୧୪୪ କଟକଣା ବଳବତର ରହିବ । ଏଥିସହ ଶ୍ରୀମନ୍ଦିରକୁ ସଂଯୋଗ କରୁଥିବା ଅନେକ ସାହି ଓ ଛକ ମାନଙ୍କରେ ମଧ ୧୪୪ ଧାରା ଜାରୀ କରାଯିବ । ମାର୍କେଟ ଛକ - କାକୁଡ଼ି ଖାଇ ଛକ, ମର୍ଚ୍ଚିକୋଟ ଛକ ଠାରୁ- ଲବଣୀଖିଆ ଛକ, ଲବଣୀଖିଆ ଛକ ଠାରୁ ଭାୟା ଜେନାରୀ ଗଛ ଛକ ଦେଇ କରତି ସାହି ସହ ଦୋଳମଣ୍ଡପ ସାହି ଜହ୍ନିମୁଣ୍ଡିଆ ଛକ ପର୍ଯ୍ୟନ୍ତ ଏହି ୧୪୪ ଧାରା ବଳବତର ରହିବ । ଏଥିସହ ଭୋଗ ଜାଗା, ଖୁଂଟିଆ ସାହି ଛକ, ସୁଦର୍ଶନ ଗେଷ୍ଟ ହାଉସ୍, ହରଚଣ୍ଡୀ ସାହିର ମାଛ ହାଟ ଛକ, ବରାହି ଛକ, ଲୋକନାଥ ରୋଡର ବୃଷଭ ଛକ, ମଙ୍ଗଳା ଘାଟ ମାଳିକା ଛକ, ବାଲି ସ୍କୁଲ, ମିଶ୍ର ସାହି, ପାଣ୍ଡା ଜାଗା, ଚୂଡ଼ଙ୍ଗ ସାହି ଦେଇ ବଡ଼ଦାଣ୍ଡ ଇଣ୍ଡିଆନ ବ୍ୟାଙ୍କ ଛକ ପର୍ଯ୍ୟନ୍ତ ୧୪୪ ଧାରା ଜାରୀ କରାଯିବ । ଏନେଇ ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । ବିଭିନ୍ନ ସ୍ଥାନରେ ଫୋର୍ସ ମୁତୟନ ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି ।

# ନିତ୍ୟାନନ୍ଦ ଶତପଥିଙ୍କ ବିୟୋଗରେ ଉତ୍କଳ ସମ୍ମିଳନୀର ଶୋକ

ଭୁବନେଶ୍ୱର,୪/୬ (ନି.ପ୍ର): ବିଶିଷ୍ଟ ସାହିତ୍ୟିକ, ଓଡ଼ିଆ ଭାଷା ଓ ସାହିତ୍ୟ ଜଗତର ମହାନାୟକ, ଭାଷା ଆନ୍ଦୋଳନର ପ୍ରମୁଖ ବିନ୍ଧାଣୀ ତଥା ଉତ୍କଳ ସମ୍ମିଳନୀର ସଦସ୍ୟ ପ୍ରଫେସର ଡଃ ନିତ୍ୟାନନ୍ଦ ଶତପଥିଙ୍କ ବିୟୋଗରେ ଓଡ଼ିଆ ଭାଷା ପାଇଁ ଏକ ଅପୂରଣୀୟ କ୍ଷତି ଘଟିଲା ବୋଲି ଉତ୍କଳ ସମ୍ମିଳନୀ ପକ୍ଷରୁ ମତ ପ୍ରକାଶ ପାଇଛି । ଉତ୍କଳ ସମ୍ମିଳନୀରେ ସେ ପଦ ପଦବୀ ଦୌଡ଼ରେ କେବେ ରହି ନାହାଁନ୍ତି କିନ୍ତୁ ଝାଡ଼ଖଣ୍ଡରେ ଅନୁଷ୍ଠିତ ହୋଇଥିବା ସମ୍ମିଳନୀର କେନ୍ଦ୍ରୀୟ କମିଟି ନିର୍ବାଚନରେ ନିର୍ବାଚନ ଅଧିକାରୀ ଭାବେ ସୂଚାରୁ ରୂପେ ଦାୟିତ୍ୱ ନିର୍ବାହ କରିଛନ୍ତି । ନିତ୍ୟାନନ୍ଦ ଶତପଥିଙ୍କ ବିୟୋଗରେ ଉତ୍କଳ ସମ୍ମିଳନୀ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯିବା ସହିତ ତାଙ୍କ ଅମର ଆତ୍ମାର ସଦଗତି କାମନା କରାଯାଇ ତାଙ୍କ ପରିବାର ବର୍ଗଙ୍କୁ ସମବେଦନା ଜ୍ଞାପନ କରାଯାଇଛି ବୋଲି ଉତ୍କଳ ସମ୍ମିଳନୀ ପକ୍ଷରୁ ମଂଚେଶ୍ୱର ଶିଳ୍ପାଂଚଳ ଶାଖା ସଭାପତି ଦିଲ୍ଲୀପ ଦାଶଶର୍ମା ଏକ ପ୍ରେସ ବିବୃତିରେ ଜଣାଇଛନ୍ତି ।

# ରାଜସୁନାଖଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମେଡ଼ିକାଲ କର୍ତୃପକ୍ଷଙ୍କ ଚରମ ଅବହେଳା

## ମୋବାଇଲ୍ ଆଲୁଅରେ ଗୁରୁତରଙ୍କ ମୁଣ୍ଡରେ ପଡିଲା ଷ୍ଟିଚ୍ ଘଟଣାର ବିଧିବଦ୍ଧ ତଦନ୍ତ ହେବ - ସିଡ଼ିଏମଓ

ନୟାଗଡ,୪/୬ (ନି.ପ୍ର): ମୋବାଇଲ୍ ଆଲୁଅରେ ନୟାଗଡ଼ ଜିଲ୍ଲା ରଣପୁର ବ୍ଲକ୍ ଅନ୍ତର୍ଗତ ରାଜସୁନାଖଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗୁରୁତରଙ୍କ ମୁଣ୍ଡରେ ପଡିଛି ଷ୍ଟିଚ୍ । ଏପରି ସ୍ଥିତିରେ ମେଡିକାଲରେ ୫ କୋଟି ଟଙ୍କାରେ ନିର୍ମିତ ଡ୍ରେସିଂ ରୁମ୍ ରେ ଆଲୋକ ବ୍ୟବସ୍ଥା ନଥିବାକୁ ନେଇ ଗୁରୁତରଙ୍କ ସମ୍ପର୍କୀୟ ଓ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଅନ୍ୟପକ୍ଷରେ ଘଟଣାର ବିଧିବଦ୍ଧ ତଦନ୍ତ ହେବ ବୋଲି କହିଛନ୍ତି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡ଼ିଏମଓ) । ଗତକାଲି ବିଳମ୍ବିତ ରାତିରେ ଖୋର୍ଦ୍ଧା-ବଲାଙ୍ଗିର ୫୭ ନଂ ଜାତୀୟ ରାଜପଥର ବିନୋଦପଡ଼ା ଛକ ଠାରେ ଏକ ସଡ଼କ ଦୁର୍ଘଟଣାର ଶିକାର ହୋଇଥିଲେ ଚମ୍ପାଇଲୋ ଗ୍ରାମର ଜଣେ ଯୁବକ । ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ରାଜସୁନାଖଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରିଥିଲେ ।ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗି ଥିବାରୁ ତାଙ୍କୁ ଡ୍ରେସିଂ ରୁମ୍ କୁ ନିଆଯାଇଥିଲା । ହେଲେ ସେତେବେଳେ ଡ୍ରେସିଂ ରୁମ୍ ର ସମସ୍ତ ଲାଇଟ୍ ଫ୍ୟୁଜ୍ ହୋଇଯାଇଥିଲା । ତେଣୁ ମୋବାଇଲ୍ ଟର୍ଚ୍ଚ ଲାଇଟ୍ ରେ ଷ୍ଟିଚ୍ ପକାଇଥିଲେ ମେଡ଼ିକାଲ ଆଟେଣ୍ଡାଂଟ ।
ଏଠାରେ ଉଲ୍ଲେଖଯୋଗ୍ୟ ଯେ, ରାଜସୁନାଖଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ତିନି ମହଲା ବିଶିଷ୍ଟ କୋଠା ଗତ କିଛି ଦିନ ତଳେ ଲୋକାର୍ପିତ ହୋଇଥିଲା । ହେଲେ ଗୁରୁତ୍ୱପୂର୍ଣ୍ଣ ସେବା ଯୋଗାଉଥିବା ଡ୍ରେସିଂ ରୁମ୍ ରେ ଲାଇଟ୍ ନଥିବା ଘଟଣା ସାମ୍ନାକୁ ଆସିବା ପରେ ଏହା ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ପ୍ରଶାସନିକ ଚରମ ଅବହେଳାକୁ ପଦାରେ ପକାଇଛି । ଏହାଦ୍ୱାରା ଗୁରୁତର ରୋଗୀଙ୍କ ଜୀବନ ସହ ମେଡ଼ିକାଲ କର୍ତୃପକ୍ଷ ଖେଳ ଖେଳୁଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି । ବିଭାଗୀୟ ମନ୍ତ୍ରୀ ଏ ଦିଗରେ ଦୃଷ୍ଟି ଦେବାକୁ ଦାବି ହେଉଛି ।

# ରାଇବଣିଆ-ରାସଗୋବିନ୍ଦପୁର ସୀମାରେ ହାତୀ ଉପଦ୍ରବରୁ ରକ୍ଷାପାଇଁ ଖନନ ହେବ ଟ୍ରେ



ଜଳେଶ୍ୱର,୪/୬ (ନି.ପ୍ର): ପ୍ରତିବର୍ଷ ସିମିଳିପାଳ ଅଂଚଳରୁ ବହୁ ସଂଖ୍ୟାରେ ହାତୀ ଆସି ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅନ୍ତର୍ଗତ ରାଇବଣିଆ ଥାନା ଇଲାକାରେ ବ୍ୟାପକ କ୍ଷତି ଘଟାଉଥିବାରୁ ରାସଗୋବିନ୍ଦପୁର ଓ ରାଇବଣିଆ ସୀମାରେ ହାତୀ ନ ଆସିବାପାଇଁ ଏକ ଟ୍ରେଞ୍ଚ ଖନନ ପାଇଁ ସ୍ଥିର ହୋଇଛି । ମଙ୍ଗଳବାର ଜିଲାପାଳ ଘଟଣାସ୍ଥଳକୁ ଯାଇ ମନୋରେଗା ଯୋଜନାରେ ରାଇବଣିଆର ଗରିବ ପ୍ରବାସୀଙ୍କୁ କାର୍ଯ୍ୟ ଯୋଗାଇବା ଉଦ୍ଦେଶ୍ୟରେ ଏପରି ଏକ ପ୍ରକଳ୍ପ ହାତକୁ ନିଆଯାଇଥିବା ଜଣାଯାଇଛି । ଜଳେଶ୍ୱର ବ୍ଲକ ଅନ୍ତର୍ଗତ ରାଇବଣିଆ ଥାନାର ଶ୍ୟାମନଗର, ସର୍ଦ୍ଦାରବନ୍ଧ, ଖୁଆଡ, ବରଡିଆ, କଳମା ଓଲମରା, ରାଇବଣିଆ ଓ କାଳିକ ପଂଚାୟତ ବିଭିନ୍ନ ଗ୍ରାମାଂଚଳକୁ ହାତୀ ଆସି ବ୍ୟାପକ କ୍ଷତି ଘଟାଇଥାଏ । ପଶ୍ଚିମବଂଗର ଦଳମା, ଓଡିଶାର ଶିମିଳିପାଳ ଓ ଝାଡଖଣ୍ଡି ଆତୀ ଆସି ଏହି ଅଂଚଳରେ ବହୁ ଘର ଭଂଗିବା ସହିତ ରବି ଓ ଖରିପ ଚାଷର ବ୍ୟାପକ କ୍ଷତି ଘଟାଇ ଆସୁଛି । ଚଳିତବର୍ଷ ବର୍ଷ ତମାମ ହାତୀ ଉପଦ୍ରବ ଯୋଗୁଁ ରାଇବଣିଆର ଜଣେ ଲୋକ ମୃତ୍ୟୁବରଣ କରିବା, ୧୦ଟି ଗୃହପାଳିତ ପଶୁ ମରିବା ଏବଂ ପ୍ରାୟ ୧୧୦ଟି ଘର ଭାଂଗିଥିବାରୁ ସେ ଅଂଚଳରେ ଆତଙ୍କ ସୃଷ୍ଟି ହୋଇଛି । ତେଣୁ ଶ୍ୟାମନଗର ପଂଚାୟତ ନିକଟରେ ଜଂଗଲ ବିଭାଗ ପକ୍ଷରୁ ୨ କିମି ଲମ୍ବର ଏକ ଟ୍ରେଞ୍ଚ କାର୍ଯ୍ୟ ସରିଛି । ଚଳିତବର୍ଷ ଶ୍ୟାମନଗର ପଂଚାୟତର କେନ୍ଦୁଖୁଣ୍ଟା ଗାଁଠାରେ ୫କି.ମି ଲମ୍ବର ଏକ ଟ୍ରେଞ୍ଚ ଜଳେଶ୍ୱର ବ୍ଲକ ପକ୍ଷରୁ ଏମ୍‌ଜିଏନ୍‌ଆରଜିଏସ୍ ଯୋଜନା ମାଧ୍ୟମରେ ଖୋଳିବାର ଲକ୍ଷ୍ୟ ନେଇ ଏବେ ୨ କିମି.ର କାର୍ଯ୍ୟ ଆରମ୍ଭପାଇଁ ପଦକ୍ଷେପ ନିଆଯାଇଛି । ନିକଟରେ କାର୍ଯ୍ୟ ହେବାକୁ ଥିବାରୁ ଆଜି ଜିଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ, ଜଳେଶ୍ୱର ବିଡ଼ିଓ ଦିପ୍ତିରଂଜନ ସେଠୀ ଓ ଅନ୍ୟ କେତେକ ପଦସ୍ଥ କର୍ମକର୍ତ୍ତା ଘଟଣା ସ୍ଥଳକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରିଛନ୍ତି ।

# ସାଢେ ୧୩ ହଜାର ଚାଷୀଙ୍କୁ ମିଳିବ ୪୯ କୋଟି ଟଙ୍କାର ଋଣ

ଭଦ୍ରକ,୪/୬ (ହି.ସ.) - ଚଳିତ ଖରିଫ ଚାଷ ପାଇଁ ଚାଷୀଙ୍କୁ ସମବାୟ ଋଣ ପ୍ରଦାନ ଏବେଠୁ ବାଟବଣା ହେବା ଦେଖାହେଲାଣି । କାରଣ କରୋନା ମାଡରେ ସମବାୟ ସଂସ୍ଥା ଘାଇଲା ହୋଇଯାଇଛି । ଚଳିତ ଖରିଫ ଋଣ ପ୍ରଦାନ ସମୟସୀମା ଜୁନ୍ ୨୬ ତାରିଖରେ ଶେଷ ହେବ । ତେବେ ଚଳିତବର୍ଷର ୪୯ କୋଟି ଟଙ୍କାର ଖରିଫ ଋଣ ଟାର୍ଗେଟ୍ ମାର୍ଚ୍ଚ ମାସ ସ୍ଥାନରେ ମଇ ୧୫ ତାରିଖରୁ ଆରମ୍ଭ ହେଲା । ହାତରେ ମାତ୍ର ଦେଢମାସ ସମୟ । ଏହି ଦେଢମାସ ମଧ୍ୟରେ ତିହିଡି ବ୍ଲକ୍‌ର ୧୬ଟି ସମବାୟ ସମିତି ୪୯ କୋଟି ଟଙ୍କାର ଋଣ ୧୩.୫୫୦ ଚାଷୀଙ୍କୁ ଦେବା ଅସମ୍ଭବ ବୋଲି ସମବାୟ ସଂପାଦକମାନେ କହିଲେଣି । ମିଳିଥିବା ତଥ୍ୟ ଅନୁଯାୟୀ ତିହିଡି ବ୍ଲକ୍‌ର ଆରସା ସୋସାଇଟିର ୫୨୦ ଜଣ ଚାଷୀଙ୍କ ପାଇଁ ୧ କୋଟି ୫୨ ଲକ୍ଷ ୭୭ ହଜାର, ଅଣ୍ଡରାଇ ସୋସାଇଟିର ୮୯୫ ଜଣ ଚାଷୀଙ୍କ ପାଇଁ ୨ କୋଟି ୮୬ ଲକ୍ଷ ୫୪ ହଜାର, ଅମୃତପୁର ସୋସାଇଟିର ୫୮୦ ଜଣ ଚାଷୀଙ୍କ ପାଇଁ ୨ କୋଟି ୧୨ ଲକ୍ଷ ୭ ହଜାର, ବାମନବିନ୍ଧା ସୋସାଇଟିର ୨୧୮୦ ଜଣ ଚାଷୀଙ୍କ ପାଇଁ ୧୦ କୋଟି ୩୩ ଲକ୍ଷ ୧୪ ହଜାର, ଭାଟପଡା ସୋସାଇଟିରୁ ୬୮୦ ଜଣ ଚାଷୀଙ୍କ ପାଇଁ ୧ କୋଟି ୫୩ ଲକ୍ଷ ୨୭ ହଜାର, ବାରସର ସୋସାଇଟିର ୧୩୯୦ ଜଣ ଚାଷୀଙ୍କ ପାଇଁ ୫ କୋଟି ୨ ଲକ୍ଷ ୬୯ ହଜାର, ବିଲଣା ସୋସାଇଟିର ୬୪୦ ଜଣଙ୍କ ପାଇଁ ୨ କୋଟି ୫୦ ଲକ୍ଷ ୯୬ ହଜାର, ଚାରିତରଫ ସୋସାଇଟିର ୭୮୦ ଜଣଙ୍କ ପାଇଁ ୩ କୋଟି ୨୨ ଲକ୍ଷ ୪୨ ହଜାର, ଗାନ୍ଧିନଗର ସୋସାଇଟିର ୧୦୦୦ ଚାଷୀଙ୍କ ପାଇଁ ୩ କୋଟି ୯୩ ଲକ୍ଷ ୬୨ ହଜାର, ଗୁଆମାଳ ସୋସାଇଟିରୁ ୧୮୦ ଜଣଙ୍କ ପାଇଁ ୪୦ ଲକ୍ଷ ୧୦ ହଜାର, ଜାମଯୋଡି ସୋସାଇଟିର ୫୨୦ ଜଣଙ୍କ ପାଇଁ ୨ କୋଟି ୧୫ ଲକ୍ଷ ୧୦ ହଜାର, ମଙ୍ଗଳପୁର ସୋସାଇଟିର ୯୨୫ ଜଣଙ୍କ ପାଇଁ ୨ କୋଟି ୮୯ ଲକ୍ଷ ୩୫ ହଜାର, ନିଶ୍ଚନ୍ତପୁର ସୋସାଇଟିର ୭୩୦ ଜଣଙ୍କ ପାଇଁ ୨ କୋଟି ୨୧ ଲକ୍ଷ ୬ ହଜାର, ନରେନ୍ଦ୍ରପୁର ସୋସାଇଟିର ୪୬୦ ଜଣଙ୍କ ପାଇଁ ୧ କୋଟି ୫୦ ଲକ୍ଷ ୭୯ ହଜାର, ପାଳିଆବିନ୍ଧା ସୋସାଇଟିର ୯୮୦ ଜଣଙ୍କ ପାଇଁ ୨ କୋଟି ୯୩ ଲକ୍ଷ ୫୦ ହଜାର, ଶ୍ୟାମସୁନ୍ଦରପୁରର ୧୦୯୦ ଜଣଙ୍କ ପାଇଁ ୩ କୋଟି ୮୨ ଲକ୍ଷ ୬୨ ହଜାର ଟଙ୍କା ଋଣ ଦିଆଯିବ । ତିହିଡି ବ୍ଲକ୍‌ର ୧୬ଟି ସମବାୟ ସୋସାଇଟି ଜରିଆରେ ୧୩.୫୫୦ ଜଣ ଚାଷୀଙ୍କୁ ମୋଟ ୪୯ କୋଟି ଋଣ ଦିଆଯିବାକୁ ଟାର୍ଗେଟ ହୋଇଛି । ଚଳିତ ୨୦୨୦-୨୧ ବର୍ଷରେ ଖରିଫ ଚାଷ ପାଇଁ ୪୯ କୋଟିର ଋଣ ସଫଳ ହେବା ନେଇ ଆଶଙ୍କା ଦେଖାଦେଇଛି ।

# ପ୍ରାକୃତିକ ବିପର୍ଯ୍ୟୟ କମିଟିରେ ସାଂସଦ ଓ ବିଧାୟକଙ୍କ ସମୀକ୍ଷା

କେନ୍ଦ୍ରାପଡ଼ା,୪/୬ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାରେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପାଇଁ ଜିଲ୍ଲା ସ୍ତରୀୟ ବୈଠକ ବୁଧବାର ଅପରାହ୍ନ ରେ ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲାପାଳ ସମର୍ଥ ବର୍ମାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କେନ୍ଦ୍ରାପଡା ସାଂସଦ ଅନୁଭବ ମହାନ୍ତି, ବିଧାୟକ ଶଶି ଭୂଷଣ ବେହେରା, ରାଜ ନଗର ବିଧାୟକ-ଧୃବ ଚରଣ ସାହୁ, ପାଟକୁରା ବିଧାୟିକା ଙ୍କ ପ୍ରତିନିଧି ସଂଜୟ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ । ଅୟୋଜିତ ଏହି ପ୍ରାକୃତିକ ବିପର୍ଯ୍ୟୟ ବୈଠକରେ ସାଂସଦ ଶ୍ରୀ ମହାନ୍ତି ଏବଂ ବିଧାୟକ, ଜିଲ୍ଲାର ସମସ୍ତ ବିଡିଓ, ତହସିଲଦାର, ଜଳସେଚନ ଆରଡି, ନିର୍ବାହୀ ଯନ୍ତ୍ରୀ, ସାଲାଇନ, ଆର ଡବ୍ଲୁ ଏସ ଏସ ପ୍ରମୁଖ ଯନ୍ତ୍ରୀ ମାନଙ୍କ ସହିତ ଭିଡିଓ କଲିଂ ମାଧମରେ ଆଲୋଚନା କରିଥିଲେ । ଏହି ଆଲୋଚନା ସମୟରେ ରାଜନଗର ବିଧାୟକ ଶ୍ରୀ ସାହୁ ରାଜନଗର ର ତାଳଚୁଆ ଓ ପୁରଷ୍ତମପୁର ଅଂଚଳର ପାଇଁ ସଜାଗ ରହିବାକୁ ସାଲାଇନ ନିର୍ବାହୀ ଯନ୍ତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ବିଧାୟକ ଶ୍ରୀ ବେହେରା ୨୦୨୦ ମସିହାର ମୌସୁମୀ ଆଗମନ ପୂର୍ବରୁ ଦୁର୍ବଳ ନଦୀବନ୍ଧ ମରାମତି କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାରେ ଥିବା ୩୮ଟି ସୁଇସ୍ ଗେଟ୍ ଗୁଡିକର କାର୍ଯ୍ୟକାରିତାକୁ ତଦାରଖ କରିବା, ପୁରୁଣା ଘାଇ ଗୁଡିକୁ ମରାମତି କରିବା, ନଦୀବନ୍ଧ ରାସ୍ତା ଗୁଡିକୁ ବନ୍ୟାଜଳ ପ୍ରତିରୋଧ ପାଇଁ ଆବଶ୍ୟକୀୟ ମରାମତି କରିବା , ଜୁନ ମାସ ରୁ ନଭେମ୍ବର ପର୍ଯ୍ୟନ୍ତ ୬ମାସ ଧରି ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ କାର୍ଯ୍ୟକାରୀ କରିବା ପ୍ରଭୃତି ଉପରେ ସାଂସଦ ଶ୍ରୀ ମହାନ୍ତି ଗୁରୁତ୍ୱାରୋପ କରିଥିଲେ । ଏହାସହ ବିଦ୍ୟୁତ୍ ବିଭାଗକୁ ସଜାଗ ରହିବା ପାଇଁ ବୈଠକରେ ଆଲୋଚନା କରା ଯାଇଥିଲା । ଏଥି ସହିତ ବନ୍ୟା ଆସିବା ପୂର୍ବରୁ ତଳିଆ ଅଂଚଳ ବାସୀଙ୍କୁ ସ୍ଥାନାନ୍ତର କରିବା ପାଇଁ ପରାମର୍ଶ ଦେଇ ଥିଲେ । ଯେଉଁଳି କୌଣସି ଅଂଚଳରେ ଜଣେ ହେଲେ ବ୍ୟକ୍ତି ଅସୁବିଧା ର ସମ୍ମୁଖୀନ ନହେବ ସେନେଇ ପ୍ରଶାସନ ସଜାଗ ରହିବାକୁ ଉକ୍ତ ବୈଠକରେ ଆଲୋଚନା ହୋଇଥିଲା । ଏହି ବୈଠକରେ ଜିଲ୍ଲା ପରିଷଦ ଅଧକ୍ଷ ମାନସ କୁମାର ପରିଡା, ଅତିରିକ୍ତ ଜିଲ୍ଲାପାଳ ନରହରି ସେଠୀ(ରାଜସ୍ୱ), ପିଡି ଦିଲିପ କୁମାର ପରିଡା,ଅତିରିକ୍ତ ଆରକ୍ଷୀ ଅଧକ୍ଷ ଗାଗରିନ ମହାନ୍ତି, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ସମ୍ବିତ୍ ଶତପଥୀ, ଯୋଗାଣ ବିଭାଗ ଅଧିକାରୀ ରଜନୀକାନ୍ତ ଦାସ, ଏହାସହ ସମସ୍ତ ବିଦ୍ୟୁତ୍ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

## କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ପ୍ରତି ଅସମ୍ମାନ : ଧାରଣା ଦ୍ୱିତୀୟ ଦିନରେ

ଭଦ୍ରକ, ୪/୬ (ହି.ସ.) -କାନ୍ତକବି ମଂଚ ପକ୍ଷରୁ ବାଇପାସ୍ ନିକଟରେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଭଗ୍ନାଂଶ ପ୍ରତିମୂର୍ତ୍ତି ତଳେ ଧାରଣା ଓ ପ୍ରତିବାଦ ଦ୍ୱିତୀୟ ଦିନରେ ପହଂଚିଛି । 'ବନ୍ଦେ ଉତ୍କଳ ଜନନୀ' ର ରଚୟିତା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ପ୍ରତି ଅସମ୍ମାନ ପ୍ରତିବାଦରେ ୬ ଦଫା ଦାବି ନେଇ ମଂଚ ପକ୍ଷରୁ ଏହି ଧାରଣା ଦିଆଯାଇଛି । କରୋନା ଯୋଦ୍ଧାଙ୍କୁ ସମ୍ମାନ ଜଣାଇ ରାଜ୍ୟ ସରକାର ନିର୍ଦ୍ଦେଶରେ ସବୁଠି 'ବନ୍ଦେ ଉତ୍କଳ ଜନନୀ' ଗାନ କରାଯାଇଥିବାବେଳେ ଭଦ୍ରକ ବାଇପାସ୍ ନିକଟରେ ଥିବା ଏକମାତ୍ର ପ୍ରତିମୂର୍ତ୍ତି ଭଗ୍ନାଂଶ ଅବସ୍ଥାରେ ଥିବାବେଳେ, ଏହା କାନ୍ତକବିଙ୍କ ପ୍ରତି ଅସମ୍ମାନ ବୋଲି ମଂଚ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ତେବେ ସରକାର ଏ ଦିଗରେ ତୁରନ୍ତ ପଦକ୍ଷେପ ନେବା ସହ, ପୁନଃ ପ୍ରତିମୂର୍ତ୍ତି ପ୍ରତିଷ୍ଠା କରିବା ସହ, ମରଣୋ ର ଭାରତ ରତ୍ନ ଉପାଧି ପ୍ରଦାନ କରିବା, ଡାକ ଟିକଟ ପ୍ରଚଳନ କରିବା ପ୍ରମୁଖ ଦାବି ନେଇ ମଂଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା ।

## ପର୍ଶ୍ଚିମବଙ୍ଗ ଉଦ୍ଧାର କାର୍ଯ୍ୟରେ ଦେବଗଡ଼ ଓଡ୍ରାଫ ଦଳ



ବାଲେଶ୍ୱର,୪/୬ (ନି.ପ୍ର): ବାତ୍ୟା ଅମ୍ଫନ ପର୍ଶ୍ଚିମବଙ୍ଗ ସହିତ ଓଡ଼ିଶାରେ ମଧ ତାଣ୍ଡବ ସୃଷ୍ଟିକରି ବ୍ୟାପକ କ୍ଷୟକ୍ଷତି ଘଟାଇଥିବା ବେଳେ ଏଥିରେ ଅଧିକ ପ୍ରଭାବିତ ହୋଇଥି ପର୍ଶ୍ଚିମବଙ୍ଗ । ଏପରି ସ୍ଥଳେ ଓଡ଼ିଶାର ବାଲେଶ୍ୱର ଜିଲ୍ଲାର ସଦର ଏବଂ ବାଲିଆପାଳ ବ୍ଲକର କ୍ଷତିଗ୍ରସ୍ତ ଅଞ୍ଚଳକୁ ଦେବଗଡ଼ ୪ର୍ଥ ଇଣ୍ଡିଆ ରଜର୍ଭ ବାଟାଲିୟନର ଓଡ୍ରାଫ ଦଳର ଡେପୁଟି ସୁବେଦାର ବିରଞ୍ଚିନାରାୟଣ ମିଶ୍ରଙ୍କ ସହିତ ୨୭ ଜଣିଆ ଓଡ୍ରାଫ ଦଳ ଦଳ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଥିଲେ ଏବଂ ବାତ୍ୟାର କ୍ଷୟକ୍ଷତି ହୋଇଥିବା ଅଞ୍ଚଳରେ ଗମନା ଗମନର ସ୍ୱାଭାବିକ ଅବସ୍ଥା ଆସିବା ପରେ, ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶନୁସାରେ ତା ୨୪.୦୫.୨୦୨୦ ରିଖରେ ପର୍ଶ୍ଚିମବଙ୍ଗରେ ପହଞ୍ଚି ବିଭିନ୍ନ ସ୍ଥାନରେ ରେସକ୍ୟୁ ଏବଂ ରୋଡ଼ଲାଇନ୍ କ୍ଲିୟାରେନ୍ସ କାର୍ଯ୍ୟରେ ନିୟୋଜିତ ଥିବା ଜଣାପଡ଼ିଛି ।

# ମହିଳା ସରପଂଚଙ୍କୁ ମାଡ ମାରି ବିବାଦରେ ଘସିପୁରା ଥାନା ଏସଆଇ ବିଶ୍ୱଜିତ୍ ବେହେରା

**ପ୍ରତିବାଦରେ ରାସ୍ତା ରୋକ**

ଆନନ୍ଦପୁର,୪/୬ (ନି.ପ୍ର): କେନ୍ଦୁଝର ଜିଲା ପୋଲିସ ର ବିବାଦୀୟ ଏସଆଇ ବିଶ୍ୱଜିତ୍ ବହେରା ପୁଣି ଚର୍ଚ୍ଚାର ପରିସରକୁ ଆସିଛନ୍ତି । ରାମଚନ୍ଦ୍ରପୁର ଥାନାରେ ଏସଆଇ ଦାୟିତ୍ୱରେ ଥିବାବେଳେ ବିଶ୍ୱଜିତ୍ ବେହେରା ଜଣେ ବ୍ୟକ୍ତିଙ୍କୁ ରାସ୍ତାରେ ଉଲଗ୍ନ କରି ମାଡ ମାରିବା ଘଟଣାକୁ ନେଇ ଏପ୍ରିଲ ମାସ ୩ ତାରିଖରେ ନିଲମ୍ବିତ ହୋଇଥିଲେ । ନିଲମ୍ବନ ଆଦେଶ ପ୍ରତ୍ୟାହୃତ ହେବା ପରେ ପୁନର୍ବାର ତାଙ୍କୁ ଘସିପୁରା ଥାନାର ଏସଆଇ ଭାବେ ନିଯୁକ୍ତି ଦିଆଯାଇଥିଲା । ମଙ୍ଗଳବାର ଦିନ ଘସିପୁରା ଥାନାର ଏସଆଇ ବିଶ୍ୱଜିତ୍ ବେହେରା ସୋସୋ ଥାନା ବଉଳା ଫାଣ୍ଡି ଅଧିନ ବାଙ୍ଗୋର ପଂଚାୟତର ମହିଳା ସରପଂଚଙ୍କୁ ମାଡ ମାରି ବିବାଦୀୟ ପରିସ୍ଥିତିରେ ଛନ୍ଦି ହୋଇଛନ୍ତି । ତେବେ ଘସିପୁରା ଥାନାର ଏସଆଇ ବିଶ୍ୱଜିତ୍ କେଉଁ କାରଣରୁ ବଉଳା ଫାଣ୍ଡି ଅଂଚଳକୁ ଆନନ୍ଦପୁର ଏସଡିପିଓଙ୍କ ଅଜାଣତରେ ଯାଇଥିଲେ ତାହା ଏବେ ଚର୍ଚ୍ଚା ଜୋର ଧରିଛି । ସୂଚନାଯୋଗ୍ୟ, ମଙ୍ଗଳବାର ରାତିରେ ବାଙ୍ଗୋର ପଂଚାୟତ ଅଧିନ ଏକ କ୍ୱାରେଣ୍ଟାଇନ କେନ୍ଦ୍ରରୁ ଜଣେ ଯୁବକ ପାଚେରୀ ଡେଇଁ ପଳେଇବା ଘଟଣାକୁ ନେଇ ସ୍ଥାନୀୟ ସରପଂଚ ସୁପ୍ରଭା ରାଉତ ଏବଂ ତାଙ୍କ ସ୍ୱାମୀ ତଥା ସମିତିସଭ୍ୟ ବିବେକାନନ୍ଦ ରାଉତ ଘଟଣାସ୍ଥଳ ପରିଦର୍ଶନ ପରେ ରାତି ପ୍ରାୟ ୯ ଟା ସମୟରେ ବଉଳା ଫାଣ୍ଡିକୁ ଅଭିଯୋଗ ଦେବାକୁ ଆସିଥିଲେ । ପୂର୍ବରୁ ଏକ ଝିଅ-ପୁଅ ଘଟଣାକୁ ନେଇ ଫାଣ୍ଡିରେ ବିବାଦୀୟ ପରିସ୍ଥିତି ଲାଗିରହିଥିଲା । ଘଟଣାକୁ ନେଇ ସୋସୋ ଥାନା ଭାରପ୍ରାପ୍ତ ଅଧିକାରୀ ଗଗନ ନାୟକ ଓ ଘସିପୁରା ଥାନା ଏସଆଇ ବିଶ୍ୱଜିତ୍ ବେହେରା ମାମଲାର ତଦାରଖ କରୁଥିଲେ । ବାଙ୍ଗୋର ପଂଚାୟତ ମହିଳା ସରପଂଚ ଫାଣ୍ଡିରେ ପହଂଚିବା ପରେ ଏକ ମିଥ୍ୟା ମାମଲା ଅଭିଯୋଗ କରାଯାଇ ତାଙ୍କ ସ୍ୱାମୀଙ୍କୁ ଗିରଫ କରିବାକୁ ଉଦ୍ୟମ କରାଯାଇଥିଲା । ଏହାର ପ୍ରତିବାଦ କରିବାରୁ ସୋସୋ ଥାନା ଅଧିକାରୀ ଗଗନ ନାୟକ ଏବଂ ଘସିପୁରା ଏସଆଇ ବିଶ୍ୱଜିତ୍ ବେହେରା ମିଳିତ ଭାବେ ତାଙ୍କୁ ଗିରଫ କରିବାକୁ ଉଦ୍ୟମ କରିଥିଲେ । ଏସଆଇ ବିଶ୍ୱଜିତ୍ ମହିଳା ସରପଂଚଙ୍କ ହାତ ମୋଡିଦେବା, ବେକକୁ ଚିପି ଧକ୍କା ଦେବା ଭଳି ଅଭିଯୋଗ ହୋଇଛି । ଏହାର ପ୍ରତିବାଦରେ ବୁଧବାର ଦିନ ଗ୍ରାମବାସୀମାନେ ରାସ୍ତାରୋକ ଭଳି ପଦକ୍ଷେପ ଗ୍ରହଣ କରିଥିଲେ । ଘଟଣାର ସମାଧାନ ପାଇଁ ଆନନ୍ଦପୁର ଏସଡିପିଓ ବିଦ୍ୟୁତ୍ ଚନ୍ଦ୍ର ପଣ୍ଡା ପହଂଚି ଲୋକମାନଙ୍କୁ ବୁଝାସୁଝା କରିଥିଲେ ସୁଦ୍ଧା କୌଣସି ସମାଧାନର ରାସ୍ତା ବାହାରି ପାରନଥିବା ଜଣାପଡିଛି । ଏହି ଘଟଣା ସମ୍ପର୍କରେ ସୂଚନା ପାଇ କେନ୍ଦୁଝର ସଦର ବିଜେପି ବିଧାୟକ ମୋହନ ଚରଣ ମାଝୀ ଘଟଣାସ୍ଥଳରେ ପହଂଚି ଥିଲେ । ବିଧାୟକ ମାଝୀ ପୋଲିସ ଆକ୍ରୋଶମୂଳକ ଭାବେ ଶାସକ ଦଳର ବିଧାୟକଙ୍କ ଚାପର ବଶବର୍ତ୍ତୀ ହୋଇ ସରପଂଚଙ୍କୁ ଆକ୍ରମଣ କରିଥିବା ଅଭିଯୋଗ କରିଥିଲେ । ଘଟଣା ଏବେ ସମ୍ବେଦନଶୀଳ ସ୍ଥିତିରେ ପହଂଚିଥିବାବେଳେ ଜିଲ୍ଲାପାଳ କ୍ଷମତା ପାଇଥିବା ଜଣେ ମହିଳା ସରପଂଚଙ୍କୁ ପୋଲିସ କିପରି ଏଭଳି ବ୍ୟବହାର କଲା ତାହାକୁ ନେଇ ବିଜେପି ନେତାମାନେ ଏସଆଇ ବିଶ୍ୱଜିତ୍ ଏବଂ ସୋସୋ ଥାନା ଅଧିକାରୀଙ୍କ ନିଲମ୍ବନ ଦାବି କରିଛନ୍ତି ।

## ଭଦ୍ରକ ଜିଲା ଟେଂଟ -ସାଉଣ୍ଡ-ଲାଇଟ୍ ଆସୋସିଏସନ୍‌ର କୋଭିଡ୍ ପରିପ୍ରେକ୍ଷୀରେ ସରକାରଙ୍କୁ ଦାବି

ଭଦ୍ରକ, ୪/୬ (ହି.ସ.) - କୋଭିଡ୍-୧୯ ଜନିତ କଟକଣା ମଧ୍ୟରେ ସମସ୍ତ ସାମାଜିକ କାର୍ଯ୍ୟ, ସଭା ସମିତି ପ୍ରଭୃତି କାର୍ଯ୍ୟ ପ୍ରାୟତଃ ବନ୍ଦ ହୋଇଯିବା ଫଳରେ ଏହି ସବୁକାର୍ଯ୍ୟରେ ସେବା ଯୋଗାଇ ଆସୁଥିବା, ଟେଂଟ -ସାଉଣ୍ଡ ଓ ଲାଇଟ୍ ଯୋଗାଣ ସଂସ୍ଥା ପରି କ୍ଷୁଦ୍ର ବ୍ୟବସାୟୀମାନେ ବହୁମାତ୍ରାରେ କ୍ଷତିଗ୍ରସ୍ତ ହେବା ସହିତ ସେମାନଙ୍କ ପରିବାର ପ୍ରତିପୋଷଣ କ୍ଷେତ୍ରରେ ନକାରାତ୍ମକ ଅବସ୍ଥା ସୃଷ୍ଟି ହୋଇଥିବାରୁ ଜିଲାପାଳଙ୍କ ଜରିଆରେ ଭଦ୍ରକ ଜିଲା ଟେ - ସାଉଣ୍ଡ-ମାଇକ୍ ଆସୋସିଏସନ୍‌ର ସଂପାଦକ ଶ୍ୟାମସୁନ୍ଦର ଜେନା ୪ ଦଫା ସମିଳିତ ଦାବିପତ୍ର ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି । ଏହି ବ୍ୟବସାୟ ପାଇଁ ସେମାନେ ଆଣିଥିବା ଋଣର ୪ ମାସ ପର୍ଯ୍ୟନ୍ତ ସୁଧ ଛାଡ କରାଯାଉ, ସେମାନଙ୍କୁ କୋଭିଡ୍ ଜନିତ ପରିପ୍ରେକ୍ଷୀରେ ବିନା ପରିଶୋଧର ସର୍ତ୍ତରେ ସହାୟତା ରାଶି ଯୋଗାଇ ଦିଆଯାଉ, କୌଣସି ସାମାଜିକ କର୍ମୀ-କର୍ମାଦି, ସଭାସମିତିରେ ଏକାଧିକ ୫୦ ଜାଗାରେ ୧୫୦ ବ୍ୟକ୍ତି ସାମାଜିକ ଦୂରତା ରକ୍ଷା ସହିତ ମାକ୍ସ ପିନ୍ଧି ରହିବାକୁ ନିର୍ଦ୍ଦେଶ ଦିଆଯାଉ, କୋଭିଡ୍-୧୯ କାରଣରୁ ଦୀର୍ଘଦିନ ବ୍ୟବହାର ନହୋଇଯାଇ ଥିବାରୁ ସେଥିପାଇଁ ସରକାରଙ୍କ ତରଫରୁ ପୁନଶ୍ଚ ସେ ସବୁ ଯୋଗାଡ କରିବା ପାଇଁ ସହାୟତା ଯୋଗାଇ ଦିଆଯାଉ । ଜିଲାପାଳଙ୍କ ମାଧ୍ୟମରେ ଏହାର ଏକକିତା ନକଲ ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା ଓ ଅଲ୍ ଓଡିଶା ଟେଣ୍ଟ ସାଉଣ୍ଡ ଓ ଲାଇଟ୍ ଆସୋସିଏସନ୍‌ର ସଂପାଦକଙ୍କ ପାଖକୁ ପଠାଇଥିବାର ଜଣାଇଛନ୍ତି ।

# ଆଜି ଦେବସ୍ନାନ ପୂର୍ଣ୍ଣିମା : ଶ୍ରୀ ଜିଉ ମାନଙ୍କର ଗଜାନନ ବେଶ

ପୁରୀ,୪/୬-ଆସନ୍ତା କାଲି ଶ୍ରୀ ଜିଉ ମାନଙ୍କର ଗଜାନନ ବେଶ ସ୍ନାନ ମଣ୍ଡପରେ ଅନୁଷ୍ଠିତ ହେବ । ଚଳିତ ବର୍ଷ ମହାପ୍ରଭୁଙ୍କର ଏହି ଦୁର୍ଲଭ ବେଶ ଭକ୍ତ ମାନେ ଦେଖିପାରିବେ ନାହିଁ । ସେମାନେ ନିଜ ନିଜ ଘରେ ରହି ବିଭିନ୍ନ ଟିଭି ଚ୍ୟାନେଲ୍ ରେ ଏହି ବେଶ ଦେଖିପାରିବେ । ମଙ୍ଗଳାର୍ପଣ ନୀତି ସରିବା ପରେ ଶ୍ରୀ ଜିଉ ମାନଙ୍କର ପହଣ୍ଡି ବିଜେ ଆରମ୍ଭ ହେବ । ଆଜି ରାତି ଗୋଟାଏ ସମୟରେ ମହାପ୍ରଭୁଙ୍କର ପହଣ୍ଡି ବିଜେ ଆରମ୍ଭ ହେବ । ଚତୁର୍ଦ୍ଧାମୂର୍ତ୍ତି ରତ୍ନ ସିଂହାସନ ରୁ ଆନନ୍ଦ ବଜାର ଦେଇ ଧାଡି ପହଣ୍ଡି ରେ ସ୍ନାନ ବେଦୀ ଉପରକୁ ବିଜେ କରିବେ । ମହାପ୍ରଭୁ ସ୍ନାନ ବେଦୀ ରେ ବିଜେ ହେବା ପରେ ସବୁଦିନ ପରି ମଙ୍ଗଳା ଆଳତୀ ମୈଲମ ତଡପ ଲାଗି ଅଧର ପୋଛା ଅବକାଶ,ରୋଷ ହୋମ,ସୂର୍ଯ୍ୟ ପୂଜା ଆଦି ନୀତି ବଢିବା ପରେ ଜଳବିଜେ ନୀତି କରାଯିବ । ପୂର୍ବରୁ ଶୀତଳା ଙ୍କ ମନ୍ଦିର ପରିସରରେ ଥିବା ସୁନା କୁଅଁ ରୁ ୧୦୮ ଗଡୁ ପାଣି ଅଣାଯାଇ ଅଧିବାସ ଗୃହରେ ରଖାଯାଇଛି । ପରେ ଘଟୁଆରୀ ସେବକ ଚନ୍ଦନ କର୍ପୂର ଆଦି ଜଳରେ ମିଶାଇବେ । ପରେ ୧୦୮ ଗରାବଡୁ ଅଧିବାସ ଘରୁ ୧୦୮ ଗଡୁ ଜଳ ଆଣି ସ୍ନାନ ମଣ୍ଡପ ରେ ବିଜେ କରାଇଥିଲେ । ଏହାପରେ ଶ୍ରୀ ଜିଉ ମାନଙ୍କୁ ଉକ୍ତ ଜଳରେ ସ୍ନାନ କରାଯାଇଥିଲା । ସ୍ନାନଯାତ୍ରା ପାଇଁ ୪୦ ପ୍ଲାଟୁନ୍ ପୁଲିସ୍ ମୃତୟନ କରାଯିବା ସହ ବିଭିନ୍ନ ସ୍ଥାନରେ ୩୦ ଟି ସିସି କ୍ୟାମେରା ଲଗାଯାଇଛି । ଚଳିତ ବର୍ଷ କରୋନା ପାଇଁ ଶ୍ରୀ ମନ୍ଦିର ଚତୁପାର୍ଶ୍ୱ ଓ ଶ୍ରୀ ମନ୍ଦିର କୁ ସଂଯୋଗ କରୁଥିବା ରାସ୍ତା ଗୁଡିକରେ ବ୍ୟାରିକେଡ କରାଯାଇଛି । ବ୍ୟାରିକେଡ ନିକଟରେ ପୁଲିସ ମୃତୟନ କରାଯାଇଛି । ଯେଉଁ ମାନଙ୍କର ଡିଉଟି ରହିଛି ସେମାନଙ୍କ ବ୍ୟତୀତ ଅନ୍ୟ କାହାରିକୁ ବଡଦାଣ୍ଡ କୁ ଛଡାଯିବ ନାହିଁ । ନୀତି ନିର୍ଘଂଟ ଅନୁଯାୟୀ ଛେରାପହଁରା ସକାଳ ୧୦ଟା୩୦ ଓ ହାତୀ ବେଶ ସକାଳ ୧୧ଟା ରୁ ୧୨ ଟା ମଧ୍ୟରେ ଶେଷ ହେବ । ପରେ ପରେ ଅନ୍ୟାନ୍ୟ ନୀତି ଗୁଡିକ ମଧ୍ୟ ଅନୁଷ୍ଠିତ ହେବ ।ଶ୍ରୀ ଜିଉ ଙ୍କର ସ୍ନାନ ଯାତ୍ରା ର ସିଧା ପ୍ରସାରଣ ଦୂରଦର୍ଶନ କରିବ । ଦୂରଦର୍ଶନ ରୁ ଅନ୍ୟାନ୍ୟ ଚ୍ୟାନେଲ ଗୁଡିକ ଲିଙ୍କ୍ ନେଇ ସେମାନଙ୍କ ଚ୍ୟାନେଲ ରେ ପ୍ରସାରଣ କରିବେ । ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସ୍ନାନଯାତ୍ରା ର ସୁଟିଙ୍ଗ୍ ପାଇଁ ଏକ ଅସ୍ଥାଇ ମଂଚ ନିର୍ମାଣ କରାଯାଇଛି । ୧୫ ଫୁଟ ଉଚ୍ଚ ର ଏହି ମଂଚ ଉପରେ କ୍ୟାମେରା ରହିବ । ୨୫ ଫୁଟ ଲମ୍ବା ଓ ୮ ଫୁଟ ଓସାର ପରିସୀମା ର ମଂଚ ଉପରେ ସ୍ନାନଯାତ୍ରା ର ଭିଡିଓ ସୁଟିଙ୍ଗ୍ କରା ଯିବ ।

## ପଙ୍ଗପାଳ ନେଇ ଚିନ୍ତାରେ ଚାଷୀ

ନୂଆପଡା,୪/୬ (ନି.ପ୍ର): ନୂଆପଡା ଜିଲ୍ଲାର ଚାଷୀକୂଳ ପଙ୍ଗପାଳ ପାଇଁ ଚିନ୍ତିତ ହୋଇ ପଡିଛନ୍ତି । ପଡୋଶୀ ରାଜ୍ୟ ଛତିଶଗଡର ଭରତପୁର ଅଲରେ ଏହି ପଙ୍ଗପାଳ ମାଡି ଆସିଥିବା ବେଳେ ଏହି ପଙ୍ଗପାଳ ନୂଆପଡା ଜିଲ୍ଲା ପାଇଁ ମଧ୍ୟ ଚିନ୍ତାର କାରଣ ପାଲଟିଛି । କାରଣ ଛତିଶଗଡ ଏବଂ ନୂଆପଡା ଜିଲ୍ଲା ସୀମା ଲାଗି ରହିଅଛି । ବର୍ତ୍ତମାନ ଚାଷୀକୂଳ ଆଗାମୀ ଖରିଫଧାନ ଚାଷ ପାଇଁ ତଳି ପକେଇବା ଆରମ୍ଭ କରି ଦେଲେଣି । ଯଦି ପଙ୍ଗପାଳ ମାଡି ଆସନ୍ତି ତେବେ ତଳି ଧାନ ସହ ଚାଷୀ ଚାଷ କରିଥିବା ପନିପରିବା ଚାଷକୁ ମଧ୍ୟ ନଷ୍ଟ କରି ଦେବ ବୋଲି ଅନୁମାନ କରୁଛନ୍ତି । ଏନେଇ ଜିଲ୍ଲାର ତୁକଲା ଅଂଚଳର ଚାଷୀ ମାନେ ଏହି ପଙ୍କପାଳ ନେଇ ସଚେତନତା କରିବାକୁ ଦାବୀ କରିଛନ୍ତି । ଜିଲ୍ଲା କୃଷୀ ବିଭାଗ ଏଦିଗରେ ଦୃଷ୍ଟି ଦେଇ ଚାଷୀଙ୍କୁ ସଚେତନ କରିବାକୁ ବିଭିନ୍ନ ମହଲରେ ଦାବୀ ହେଉଛି ।

## ବିଧାୟକଙ୍କ ଦ୍ୱାରା ୫୦୦ ପରିବାରଙ୍କୁ ସୁଖିଲା ଖାଦ୍ୟ ବଂଟନ

ନୂଆପଡା,୪/୬ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ଠାରେ ବିଧାୟକ ଅଧିରାଜ ପାଣିଗ୍ରାହୀଙ୍କ ଦ୍ୱାରା ୫୦୦ ପରିବାରଙ୍କୁ ସୁଖିଲା ଖାଦ୍ୟ ବ ନ କରାଯାଇଛି । ଏମଜିଏମ ଗ୍ରୀନ ଏନେର୍ଜି ଏଲଟିଡିର ସହଭାଗିତାରେ ବିଧାୟକ ମୁଖ୍ୟ ଅରତିଥି ଭାବରେ ଯୋଗଦାନ କରି ଗରିବ ପରିବାରଙ୍କୁ ସୁଖିଲା ଖାଦ୍ୟ ପ୍ରଦାନ କରିଥିଲେ । ଖଡିଆଳ ଟ୍ୟାକ୍ସି ସଂଘ, ବସ ଚାଳକ ତଥା କର୍ମଚାରୀ ସଂଘ, ମାଲବାହି ଠେଲା ଚାଳକ ସଂଘର ସଦସ୍ୟ ମାନଙ୍କୁ ୧୫ ଦିନର ସୁଖିଲା ଖାଦ୍ୟ ବ ନ କରାଯାଇଛି । ଏଥିରେ ଚାଉଳ ୧୦ କେଜି, ଡାଲି ୨ କେଜି, ଅଟା ୩ କେଜି, ଚିନି ୨ କେଜି ସହ ସାବୁଜ, ସୁଜି, ଅମୂଲ, ତେଲ, ଲୁଣ, ମାକ୍ସ ଓ ସେନିଟାଇଜର ଆଦି ବଂଟନ କରାଯାଇଥିଲା । ଏହି ବ ନ ସମୟରେ ବିଧାୟକଙ୍କ ସହ ସନ୍ତୋଷ ପଟ୍ଟନାୟକ, ହିରାଧର ମେହେର, ବିଭୂଦତ ଯୋଷୀ, ସତପାଲ ସିଂ ସମେତ ଅନ୍ୟାନ୍ୟ କଂଗ୍ରେସ କର୍ମକର୍ତ୍ତା ଯୋଗଦାନ କରିଥିଲେ ।

## ମଣିପୁର ରୁ ଫେରିଲେ ୧୪୩ କେନ୍ଦ୍ରାପଡା ପ୍ରବାସୀ

କେନ୍ଦ୍ରାପଡ଼ା,୪/୬ (ନି.ପ୍ର): ଦୀର୍ଘ ୨ ମାସ ହେଲା ମଣିପୁର ର ଇମ୍ଫାଲା ଠାରେ ଥିବା ୨୦୦ରୁ ଉର୍ଦ୍ଧ୍ୱ କେନ୍ଦ୍ରାପଡା ପ୍ରବାସୀ ସେଠାରେ ଲକ ଡାଉନ ସମୟରେ ଅସୁବିଧାର ସମ୍ମୁଖୀନ ହେଉଥିଲେ । ଏହି ଖବର ଦୈନିକ ଖବର କାଗଜ ରେ ପ୍ରକାଶ ପାଇବା ପରେ ଜିଲ୍ଲା ପ୍ରଶାସନ ତତ୍ପରତା ପ୍ରକାଶ କରି ଏମାନଙ୍କୁ ଆଣୀବା ପାଇଁ ଯୋଗସୂତ୍ର ଆରମ୍ଭ କରିଥିଲେ । ରାଜନଗର, ଆଳି, ରାଜକନିକା, ପଟ୍ଟାମୁଣ୍ଡାଇ ପ୍ରଭୃତି ଅଂଚଳର ଏହି ପ୍ରବାସୀ ମାନେ ସେଠାରେ ରହି ପାଣି ପାଇପ କାମ କରି ଜିବିକା ନିର୍ବାହ କରୁଥିଲେ । କରୋନା ମହାମାରୀ ଭୂତାଣୁରେ କାମ ଧନ୍ଦା ସବୁ ବନନ୍ଦ ହୋଇଯିବା ଫଳରେ ଠିକାଦାର ଏମାନଙ୍କୁ କୌଣସି ପ୍ରକାର ସାହାଯ୍ୟ କରିନଥିଲା । ଏମାନେ କେନ୍ଦ୍ରାପଡା ଫେରିବା ପାଇଁ ଜିଲ୍ଲା ପ୍ରଶାସନ କୁ ସମାଜ ଖବର କାଗଜ ମାଧମରେ ନିବେଦନ କରିଥିଲେ । ଜିଲ୍ଲା ପ୍ରଶାସନ ଓ ସମାଜ ଉଦ୍ୟମରେ ବୁଧବାର ମଣିପୁର ର ରାଜଧାନୀ ଇମ୍ଫାଲା ବିମାନ ବନ୍ଦର ରୁ ୧୪୩ ଜଣ କେନ୍ଦ୍ରାପଡା ପ୍ରବାସୀଙ୍କୁ ନେଇ ଏକ ସ୍ୱତନ୍ତ୍ର ବିମାନ ଭୁବନେଶ୍ୱର ପହଁଚିଥିବା ଜଣାପଡିଛି । ୧୪୩ ଜଣଙ୍କ ମଧ୍ୟରୁ ୧୦ଜଣ ମହିଳା ଥିବାବେଳେ ୧୩ ଜଣ ଯାଜପୁର ଜିଲ୍ଲାର ଏବଂ ଅନ୍ୟ ସମସ୍ତେ କେନ୍ଦ୍ରାପଡା ଜିଲ୍ଲାର ବୋଲି ଜଣା ପଡିଛି ।

# ବାତ୍ୟା ଅମ୍ଫାନ କ୍ଷୟକ୍ଷତିକୁ ନେଇ ଜିଲ୍ଲା ପ୍ରକଳ୍ପ ନିର୍ଦେଶକଙ୍କ ଧାମରା ଗସ୍ତ

ଭଦ୍ରକ, ୪/୬ (ହି.ସ.) - ଗତ ମାସରେ ବାତ୍ୟା ଅମ୍ଫାନ ଓଡିଶାରେ ବ୍ୟାପକ କ୍ଷୟକ୍ଷତି ଘଟାଇଥିବା ବେଳେ ଧାମରା ଉପକୂଳ ଅଂଚଳରେ ମଧ୍ୟ ଏହି ବାତ୍ୟା ବହୁ ନଷ୍ଟ କରିଥିଲା । ଏହି ବାତ୍ୟା ପ୍ କେ । ପ ରେ ଧାମରା,୮ପଂଚାୟତରେ ବହୁ ଲୋକଙ୍କ ଘର ଭାଙ୍ଗିଥିବା ବେଳେ ବିଦ୍ୟୁତ ବିଭାଗର ମଧ୍ୟ ବ୍ୟାପକ କ୍ଷୟକ୍ଷତି ହୋଇଥିଲା । ଆଜି ଏହି ସମସ୍ତ କ୍ଷୟକ୍ଷତିର ଆକଳନ କରିବା ପାଇଁ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୁଦନ ଦାସ, ବିଦ୍ୟୁତ ବିଭାଗର ଉପଖଣ୍ଡ ଅଧିକାରୀ ଅଶୋକ ମଲିକ ,ଧାମରା ଅତିରିକ୍ତ ତହସିଲ ଅଫିସର ସୁପରଭାଇଜର ଦାଶରଥି ଦାସ, ଅତିରିକ୍ତ ତହସିଲଦାର ଚୈତନ୍ୟ ପ୍ରସାଦ ମୁର୍ମୁ ପ୍ରମୁଖଙ୍କୁ ନେଇ ଦୋସିଙ୍ଗା ପଂଚାୟତରେ ଏକ ବୈଠକ ଆଦୃତ ହୋଇଥିଲା । ଏହି ୮ପଂଚାୟତରେ ଲୋକ ମାନଙ୍କୁ ଦୁର୍ଦଶାକୁ ଦେଖି ସମସ୍ତ ଆକଳନ ଖୁବଶୀଘ୍ର ହେବା ଜରୁରୀ ବୋଲି ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାସ ଆଜି ସମସ୍ତ ଅଧିକାରୀ ମାନଙ୍କୁ ଆଦେଶ ଦେଇଥିଲେ । ଏଥିସହ ପ୍ରବାସୀ ଶ୍ରମିକ ମାନଙ୍କୁ ଜୁନ ୧୫ ପର୍ଯ୍ୟନ୍ତ ସମସ୍ତ ପଂଚାୟତରେ ହେବାକୁ ଥିବା ମାଟି କାର୍ଯ୍ୟରେ ଶ୍ରମିକ ଭାବରେ ନିଯୁକ୍ତି ଦେବା ଜରୁରୀ ଏବଂ ଜୁନ ୧୫ ତାରିଖ ପରେ ମୌସୁମୀ ବାୟୁ ଆସିବା ପରେ ସମସ୍ତ ପଂଚାୟତରେ ହେବାକୁ ଥିବା ପକ୍କା ଘର ଏବଂ ପକ୍କା ରାସ୍ତା ରେ ମଧ୍ୟ ଏହି ଶ୍ରମକ ମାନଙ୍କୁ ଅଗ୍ରାଧିକାର ଭିତିରେ ବର୍ଷକୁ ୧ଶହ ଦିନ କାମ ଯୋଗାଇ ଦେବାକୁ ସେ ଆଜିର ବୈଠକରେ ଯୋଗ ଦେଇଥିବା ବ୍ଲକ କନିଷ୍ଠଯନ୍ତ୍ରୀ ଏବଂ ଭିଏଲଡ୍ୱଲୁ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି କ୍ଷୟକ୍ଷତିର ଆକଳନ ସମୟରେ ଧାମରା ୮ପଂଚାୟତର ଜନ ପ୍ରତିନିଧି ମାନଙ୍କୁ ସଂପୂର୍ଣ୍ଣ ଭାବରେ ସହଯୋଗ କରିବା ଜରୁରୀ ବୋଲି ପ୍ରକଳ୍ପନିର୍ଦ୍ଦେଶକ ନିଜର ମତ ରଖିଥିଲେ ।। ପ୍ରକଳ୍ପ ନିର୍ଦ୍ଦେଶକ ପୁନଶ୍ଚ ଲୋକଙ୍କ ମଧ୍ୟରେ ସାମାଜିକ ଦୂରତା ବଜାଇ ରଖି ଏହି ସମସ୍ତ ଆକଳନ କରାଯିବା ଜରୁରୀ ବୋଲି କଥାକୁ ଦୋହରାଇଥିବା ବେଳେ କୌଣସି ପଂଚାୟତରେ ଏହି ଆକଳନ ସମୟରେ ଯେପରି କୌଣସି ସାଧାରଣ ଲୋକ ଏହି କ୍ଷୟକ୍ଷତି ପାଇବାରେ ବଂଚିତ ନହୁଅନ୍ତି ସେଥିପ୍ରତି ସଜାଗ ରହିବାକୁ ସମସ୍ତ ପଂଚାୟତ ଅଧିକାରୀ, ଜିଆରଏସ, ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏଥିସହ ବର୍ତମାନ ପରିସ୍ଥିତିରେ ବାଂଶଡା ପଂଚାୟତରେ ନିର୍ମାଣ ହୋଇଥିବା ଛେଡାକ ନୋଡାଲ ବିଦ୍ୟାଳୟ ପାଚେରୀର କାର୍ଯ୍ୟ ଠିକ ହୋଇ ନଥିବା କଥା ସେ ସଂପୃକ୍ତ ବ୍ଲକ କନିଷ୍ଠଯନ୍ତ୍ରୀଙ୍କୁ ତାଗିଦ କରିବା ସହ ଆଗାମୀ ଦିନରେ କୌଣସି କାର୍ଯ୍ୟରେ ଅନିୟମିତତା ହେଲେ ସଂପୃକ୍ତ ଅଧିକାରୀ ସଂପୂର୍ଣ୍ଣ ଭାବରେ ଦାୟୀ ରହିବେ ବୋଲି କହିଥିଲେ ।ପରେ ଏହି କ୍ଷୟକ୍ଷତିର ଆକଳନ ହେବା ପରେ ରାଜ୍ୟ ସରକାର ଖୁବଶୀଘ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଏହି ଜମାରାଶି ଦେବେ ବୋଲି କହିଥିଲେ ।

# ମୋଦିସରକାରଙ୍କ ୨.୦ଶାସନର ପ୍ରଥମବର୍ଷ ପୂର୍ତୀରେ ଜିଲ୍ଲା ବିଜେପି ତରଫରୁ ସାମ୍ବାଦିକ ସମ୍ମିଳନୀ




ବାରିପଦା,୪/୬ (ନି.ପ୍ର): ଆଜି ଅପରାହ୍ଣରେ ବାରିପଦା ବଜାର ଇଣ୍ଡିଆ ସମ୍ମିଳନୀ କକ୍ଷରେ ମୟୂରଭ ଜିଲ୍ଲା ବିଜେପି ତରଫରୁ ମୋଦି ସରକାର ୨.୦ର ପ୍ରଥମବର୍ଷ ପୂର୍ତ୍ତୀ ଅବସରରେ ଏକ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସଭାପତି କାନ୍ଦ୍ରା ସୋରେନ, ପୂର୍ବତନ ଜିଲ୍ଲା ସଭାପତି ଡାଃ କୃଷ୍ଣଚନ୍ଦ୍ର ମହାପାତ୍ର, ସାଂସଦ ଇଂ ବିଶେଶ୍ୱର ଟୁଡୁ, ଉଦଳା ବିଧାୟକ ଭାସ୍କର ମଢେଇ, ବାରିପଦା ବିଧାୟକ ପ୍ରକାଶ ସୋରେନ, ସାରସକଣା ବିଧାୟକ ଡାଃ ବୁଡାନ ମୁର୍ମୁ, ବଡସାହି ବିଧାୟକ ସନାତନ ବିଜୁଳି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଜାତା ମୁର୍ମୁ , ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିହାର ମୋଦୀ ତଥା ଅନ୍ୟାନ୍ୟ ନେତୃବୃନ୍ଦ ଉପସ୍ଥିତ ରହି କେନ୍ଦ୍ରର ମୋଦୀ ସରକାରଙ୍କ ୨.୦ ଶାସନର ପ୍ରଥମ ବର୍ଷ ପୂର୍ତ୍ତୀ ଅବସରରେ କେନ୍ଦ୍ର ସରକାରଙ୍କ ରିପର୍ଟକାର୍ଡ ପ୍ରଦାନ କରିଥିବାର ଦେଖାଯାଇଥିଲା । କେନ୍ଦ୍ର ସରକାର ଓଡିଶାକୁ ଯୋଗାଇ ଦେଇଥିବା ଫନୀ ସହାୟତା ଠାରୁ ଅମ୍ଫାନ ସହାୟତା, କରୋନା ଲକଡାଉନ ସମୟରେ ପ୍ରବାସୀ ଓଡିଆଙ୍କୁ ରାଜ୍ୟକୁ ଫେରାଇ ଆଣିବା ପାଇଁ ନିୟୋଜିତ ସ୍ୱତନ୍ତ୍ର ଟ୍ରେନ ଭଡାର ୮୫ଶତକଡା କେନ୍ଦ୍ର ସରକାର ପ୍ରଦାନ କରୁଥିବା, ଓଡିଶାର ୯୩ ଲକ୍ଷ ପରିବାରକୁ ପ୍ରତିପରିବାର ପିଛା ମାସିକ ୧କିଲୋ ଡାଲି ହିସାବରେ ତିନିମାସର ୩କିଲୋ ଡାଲି ପ୍ରଦାନ, ଚାଉଳ ପ୍ରଦାନ, ବିଧବା, ଦିବ୍ୟାଙ୍ଗ ମାନଙ୍କପାଇଁ ଏକହଜାର ଟଙ୍କା ପ୍ରଦାନ, ପି.ଏମ. କିଶାନ ଯୋଜନାରେ ଓଡିଶାର ୩୬.୨୮ ଲକ୍ଷ ଚାଷିଙ୍କ ଏକାଉଂଟକୁ ୨୦୦୦ଟଙ୍କା ଲେଖାଁଏ ସହାୟତା, ଜନଧନ ବ୍ୟାଙ୍କ ଏକାଉଂଟରେ ୧୫ଶହ କରି ଟଙ୍କା ଜମା କରିବା, ଓଡିଶାର ୨୮ ଲକ୍ଷ ନିର୍ମାଣ ଶ୍ରମୀକଙ୍କୁ ୧୫ଶହ ଟଙ୍କା କରି ସହାୟତା୪୭.୪୭ ଲକ୍ଷ ଉଜ୍ଜଳା ଯୋଜନାର ହିତାଧିକାରୀଙ୍କୁ ସହାୟତା ଭଳି ବହୁ ସଫଳତାର ଫର୍ଦ୍ଦ ବ୍ୟାକ୍ଷା କରିଥିଲେ ଉପସ୍ଥିତ ବକ୍ତା ମାନେ । ମୟୂରଭରେ ରେଳର ବିକାଶ ବାବଦରେ ସମ୍ବାଦିକ ମାନଙ୍କର ପଚାରାଯାଇଥିବା ପ୍ରଶ୍ନର ଉତରରେ ମୟୂରଭ ସାଂସଦ ଇଂ ଟୁଡୁ ଜିଲ୍ଲା ରେଳ ବିକାଶ କ୍ଷେତ୍ରରେ ବହୁ କାର୍ଯ୍ୟ ଅଣ୍ଡର ପ୍ରସେସ ରହିଥିବାର ଜଣାଇଥିଲେ । ଶେଷରେ ସାମ୍ବାଦିକ ମାନଙ୍କୁ କରୋନା ଯୋଦ୍ଧା ଭାବରେ ଉତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା ।

## ମିଳିତ କୁମ୍ବିଙ୍ଗ ବେଳେ ବିପୁଳ ମାଓ ସାମଗ୍ରୀ ଜବତ

କନ୍ଧମାଳ,୪/୬ (ନି.ପ୍ର): ଆଜି କନ୍ଧମାଳ ଜିଲାର ନୟାଗଡ ସୀମାରେ ଥିବା ଜଙ୍ଗଲରେ ଆଜି କନ୍ଧମାଳ ଜିଲା ଏସଓଜି ଏବଂ ଡିଭିଏଫ୍ ଜବାନ ମାନଙ୍କ ମିଳିତ ମାଓ କୁମ୍ବିଙ୍ଗ ଅଭିଯାନରେ ପୋଲିସ ଏକ ମାଓ କ୍ୟାମ୍ପ ଠାବ କରିବା ସହିତ ସେଠାରୁ ବିପୁଳ ପରିମାଣରେ ମାଓ ସାମଗ୍ରୀ ଜବତ କରିଥିବା ପୋଲିସ ପକ୍ଷରୁ ସୁଚନା ସୂଚନା ଅନୁସାରେ ଆଜି ଏକ ମିଳିତ କୁମ୍ବିଙ୍ଗ ଅପରେସନରେ ପୋଲିସକୁ ସଫଳତା ମିଳିଛି । ତେବେ ପୋଲିସକୁ ସେଠାରେ ମାଓବାଦୀଙ୍କର ଏକ କ୍ୟାମ୍ପ ଥିବା ବିଶେଷ ସୁତ୍ରରୁ ଖବର ମିଳିବାପରେ ଏହି ଅଭିଯାନ ଆରମ୍ଭ କରାଯାଇଛି ଏହି ଅଭିଯାନରେ ପୋଲିସ କିମ୍ବା ମାଓବାଦୀଙ୍କ ପଟରୁ କୌଣସି ପ୍ରକାରର ଗୁଳି ଚାଳନା ହୋଇନାହିଁ ।

## ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ରାତ୍ରିକାଳୀନ କର୍ଫ୍ୟୁ ଜାରି

### ପ୍ରତ୍ୟେକ ଦିନ ସନ୍ଧ୍ୟା ୭ରୁ ପ୍ରାତଃ ୫ ପର୍ଯ୍ୟନ୍ତ କର୍ଫ୍ୟୁ ବଳବତର

### ନିୟମ ଭଙ୍ଗକାରୀମାନଙ୍କ ବିରୋଧରେ ନିଆଯିବ ଆଇନଗତ କାର୍ଯ୍ୟାନୁଷ୍ଠାନ

ବାରିପଦା,୪/୬ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାରେ ଜାରି କରାଯାଇଛି ରାତ୍ରିକାଳୀନ କର୍ଫ୍ୟୁ । ପ୍ରତ୍ୟେକ ଦିନ ସନ୍ଧ୍ୟା ୭ରୁ ପରବର୍ତ୍ତି ଦିନ ପ୍ରାତଃ ୫ଟା ପର୍ଯ୍ୟନ୍ତ କର୍ଫ୍ୟୁ ବଳବତର ରହିବ । ଜିଲ୍ଲାପାଳ ବିନୀତ ଭରଦ୍ୱାଜ ୧୯୭୩ କ୍ରିମିନାଲ ପ୍ରୋସିଡିଓର କୋଡ଼ର ଧାରା ୧୪୪ ଧାରା ପ୍ରୟୋଗ କରିଛନ୍ତି ଏବଂ କାର୍ଯ୍ୟାଳୟ ପକ୍ଷରୁ ଆଦେଶ ସଂଖ୍ୟା ୧୨୩୨/ ୦୨.୦୩.୨୦୨୦ ବଳରେ ଏହି କର୍ଫ୍ୟୁ ଜାରି କରିଛନ୍ତି । ଏହି ସମୟରେ କେବଳ ଜରୁରୀ ଆବଶ୍ୟକତାକୁ ବାଦ ଦେଲେ ଜିଲ୍ଲାବାସୀ ନିଜ ନିଜ ଘର ଭିତରେ ରହିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି । ଉକ୍ତ ରାତ୍ରି କାଳୀନ କର୍ଫ୍ୟୁ କରୋନା ସଂକ୍ରମଣକୁ ରୋକିବା ସଂଗେସଂଗେ ଜନସାଧାରଣଙ୍କ ବୃହତ ସ୍ୱାର୍ଥ ରକ୍ଷା ନିମନ୍ତେ ଉଦ୍ଦିଷ୍ଟ ବୋଲି କୁହାଯାଇଛି ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୫ ଜୁନ୍ ୨୦୨୦, ଶୁକ୍ରବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ରୋଗକୁ ଘୃଣାକର ; ରୋଗୀକୁ ନୁହେଁ...

ମହାମାରୀ ଓ ପ୍ରାକୃତିକ ବିପତ୍ତିବେଳେ ମଣିଷପଣିଆ, ମାନବିକତା ପ୍ରକଟିତ ହୋଇଥାଏ । ଏହି ସମୟରେ ମଧ୍ୟ କିଛି ଲୋକ ଅମଣିଷ ଭଳି ବ୍ୟବହାର ପ୍ରଦର୍ଶନ କରିଥାନ୍ତି । କରୋନା ମହାମାରୀ ସମୟରେ ଏଭଳି ଘଟଣା ଦେଖିବାକୁ ମିଳୁଛି ଯାହା ଅତ୍ୟନ୍ତ ନିନ୍ଦନୀୟ ଏବଂ ମାନବିକତାର ପରିପନ୍ଥୀ । ତାମିଲନାଡୁର ଦୁଇଜଣ ଚିକିତ୍ସକ କରୋନା ରୋଗୀଙ୍କୁ ଚିକିତ୍ସା କରିବା ବେଳେ ସେମାନଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇ ପ୍ରାଣ ହରାଇଲେ । ମହାମାରୀ ଆଇନ ଅନୁସାରେ ଉଭୟ ଡାକ୍ତରଙ୍କ ଶେଷକୃତ୍ୟର ବ୍ୟବସ୍ଥା ହେଉଥିବାବେଳେ ଶ୍ମଶାନ ସନ୍ନିକଟ ଲୋକେ ଏହାକୁ ବିରୋଧକରି ଶବାହକମାନଙ୍କୁ ଆକ୍ରମଣ କଲେ । ସେମାନଙ୍କର ଯୁକ୍ତି ଥିଲା ଯେ କରୋନା ଆକ୍ରାନ୍ତଙ୍କୁ ଗ୍ରାମ ନିକଟରେ କବର ଦିଆଗଲା, ସଂକ୍ରମଣର ବ୍ୟାପିବ । ଗୁଜରାଟରେ କରୋନା ରୋଗୀଙ୍କୁ ଚିକିତ୍ସା କରୁଥିବା ଡାକ୍ତରମାନେ ଭୂତାଣୁ ବାହକ ବୋଲି ପ୍ରଚାର ପରେ କିଛି ଡାକ୍ତରଙ୍କ ଉପରେ ଲୋକେ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ । ଟେକା ପଥରମାଡ଼ରେ ସେମାନେ ଆହତ ହୋଇଥିଲେ ହେଁ ଅଳ୍ପକେ ବର୍ତ୍ତିଯାଇଛନ୍ତି । ଦେଶର ଆଉ କେତେକ ଭାଗରେ ଏଭଳି ଘଟଣାମାନ ଘଟୁଥିବାର ଖବର ମିଳିଛି । ଏହା ପଛରେ ଥିବା ମୁଖ୍ୟ

> ରୋଗୀ ନୁହେଁ, ଆସ ରୋଗକୁ ଘୃଣା କରିବା ଓ ତାକୁ ହଟାଇବା । ଓଡ଼ିଶାରେ ଅବଶ୍ୟ ଏଯାଏ ଏଭଳି ଅମାନବୀୟ ଘଟଣରା ଘଟିନାହିଁ । ତଥାପି ଦେଖାଶିଖା ଓଡ଼ିଶା ବୋଲି ଯେଉଁକଥା ରହିଛି ସେଥିରେ ଏ ସମ୍ଭାବନାୁ ଏଡ଼ାଇ ଦେବା ସହଜ ନୁହେଁ । ମୁଖ୍ୟମନ୍ତ୍ରୀ ଏହି ଘଟଣାରେ ଯେଉଁ କଠୋର ଆଭିମୁଖ୍ୟ ପ୍ରକାଶ କରିଛନ୍ତି ତାହା ସ୍ୱାଗତଯୋଗ୍ୟ ।

କାରଣଟି ହେଲା ଅନ୍ଧବିଶ୍ୱାସ ଓ ସଂକ୍ରମଣର ଭୟ । କରୋନା ଭଳି ଏକ ଅଭୂତପୂର୍ବ ମହାମାରୀରେ ଯେଉଁ ଚିକିତ୍ସକ ଏବଂ ଅନ୍ୟାନ୍ୟ କର୍ମଚାରୀ ନିଜ ଜୀବନକୁ ବିପନ୍ନ କରି ସମ୍ମୁଖ ଲଢ଼େଇ ଲଢୁଛନ୍ତି ସେମାନଙ୍କ ପ୍ରତି କୃତଜ୍ଞତା, ଶ୍ରଦ୍ଧା ଓ ସମ୍ମାନ ପରିବର୍ତ୍ତେ ଯଦି ଏଭଳି ବିଚାର ଓ ଆଚରଣଣ ପ୍ରଦର୍ଶନ କରାଯିବ ତା'ଠାରୁ କୃତଘ୍ନତା ଓ ଅମାନବିକତା କିଛି ନାହିଁ । ଏହା କେବଳ ଲଢ଼େଇକୁ ଦୁର୍ବଳ କରିବ ନାହିଁ; କରୋନାର ସଂପ୍ରସାରଣ ଓ ଗଣମୃତ୍ୟୁକୁ ଆମନ୍ତ୍ରଣ କରିବ । ମହାମାରୀ ସମୟରେ ସଂକ୍ରମଣକୁ ନେଇ ଅନେକ ଅନ୍ଧବିଶ୍ୱାସ ବଳବତ୍ତର ହୁଏ । ନିଜର ଓ ନିଜ ଗୋଷ୍ଠୀ, ସମୁଦାୟର ସୁରକ୍ଷା ପାଇଁ ମଣିଷ ହିଂସାମୁଖୀ ହୋଇପଡ଼େ । ସେମାନେ ବୁଝିବା ଦରକାର ଯେ କରୋନା ଚିକିତ୍ସାରେ ଲିପ୍ତ ଡାକ୍ତର ଓ କର୍ମଚାରୀ ଆବଶ୍ୟକ ବ୍ୟକ୍ତିଗତ ସୁରକ୍ଷା ବ୍ୟବସ୍ଥା ପାଆନ୍ତି ନାହିଁ । ସେଇଭଳି କରୋନା ଆକ୍ରାନ୍ତଙ୍କର ମୃତ୍ୟୁ ଘଟିଲେ ତାଙ୍କର ଅନ୍ତ୍ୟେଷ୍ଟିକ୍ରିୟା ବିପର୍ଯ୍ୟୟ ପରିଚାଳନା ଓ ମହାମାରୀ ଆଇନ ଅନୁସାରେ ହୋଇଥାଏ । ଏଥିରେ ମୃତଦେହକୁ ପରିବାର ବା ସମ୍ପର୍କୀୟଙ୍କୁ ହସ୍ତାନ୍ତର କରା ନ'ଯାଇ ସ୍ୱତନ୍ତ୍ର ସରକାରୀ ବ୍ୟବସ୍ଥାରେ ଦାହ ସଂସ୍କାର କରାଯାଏ । କବରତଳୁ ବା ଜୁଇ ପାଉଁଶ ତଳୁ କୋଭିଡ୍ ଭୂତାଣୁ ବାହାରି ସଂକ୍ରମଣ କରିବାର ଅବକାଶ ନଥାଏ । ତେଣୁ ଏହି ଲଢ଼େଇରେ ଯେଉଁ ନାୟକମାନେ ସହିଦ ହେଉଛନ୍ତି ତାଙ୍କୁ ଶେଷସମ୍ମାନ ଦେବାରେ ହୀନମନ୍ୟତା ଶୋଭାପାଏ ନାହିଁ । ରୋଗୀ ନୁହେଁ, ଆସ ରୋଗକୁ ଘୃଣା କରିବା ଓ ତାକୁ ହଟାଇବା । ଓଡ଼ିଶାରେ ଅବଶ୍ୟ ଏଯାଏ ଏଭଳି ଅମାନବୀୟ ଘଟଣରା ଘଟିନାହିଁ । ତଥାପି ଦେଖାଶିଖା ଓଡ଼ିଶା ବୋଲି ଯେଉଁକଥା ରହିଛି ସେଥିରେ ଏ ସମ୍ଭାବନାୁ ଏଡ଼ାଇ ଦେବା ସହଜ ନୁହେଁ । ମୁଖ୍ୟମନ୍ତ୍ରୀ ଏହି ଘଟଣାରେ ଯେଉଁ କଠୋର ଆଭିମୁଖ୍ୟ ପ୍ରକାଶ କରିଛନ୍ତି ତାହା ସ୍ୱାଗତଯୋଗ୍ୟ । କରୋନା ଲଢ଼େଇର ସମ୍ମୁଖ ଯୋଦ୍ଧାମାନଙ୍କୁ ଦୁର୍ବ୍ୟବହାର, ଆକ୍ରମଣର ଓ ଘୃଣ୍ୟ ଚକ୍ଷୁରେ ଦେଖିବାଭଳି କାର୍ଯ୍ୟ ଯେଉଁମାନେ କରୁଛନ୍ତି ସେମାନଙ୍କ ପାଇଁ କଠୋର ଦଣ୍ଡବିଧାନ ଉପଯୁକ୍ତ ମନେହୁଏ । ଏହି ପରିପ୍ରେକ୍ଷୀରେ ସେ ସବୁବର୍ଗର ନେତୃସ୍ଥାନୀୟ ବ୍ୟକ୍ତିଙ୍କର ଯେଉଁ ସହଯୋଗ ଲୋଡ଼ିଛନ୍ତି ସେଥିରେ ସମସ୍ତେ ସହଯୋଗ କରିବା ଆବଶ୍ୟକ ।




## ଜଗତତ ମଙ୍ଗଳ

**ଅରୂପ କୁମାର ବିଶ୍ୱାଳ**

ଗୋଦରା ଗୋଡଟା ହୃଷ୍ଟପୁଷ୍ଟ ଦିଶେ
କିନ୍ତୁ ବୋଝ ଦେହ ପାଇଁ,
ଲୋକ ଦେଖାଣରିଆ ପୂଜାପାଠ କଲେ
ତାକୁ କି ଭକତ କହି ।

ମନ୍ତ୍ର ଉଚ୍ଚାରଣ ପୂଜାପାଠ କରି
ଭୋଗରାଗ କରୁଥିଲେ,
ନିଶ ଦାଢ଼ି ଛାଡ଼ି ବାବାଜୀ ସାଜିକି
ସ୍ୱଚ୍ଛ ବସ୍ତ୍ର ପିନ୍ଧୁଥିଲେ ।

ପୂଜିଲେ କହିବେ ଦେବତାଙ୍କୁ ଯାଇ
ନିତି ନିତି ମନ୍ଦିରରରେ,
ପର ଉପକାର ଭାବନା ନଥିଲେ
ଭକତ କି ହୋଇପାରେ ।

ମନରେ ମାଳାରେ ନଥାଇ ଭଜନ
ମିଳେକି ବିଷ୍ଣୁ ଦର୍ଶନ,
ପବିତ୍ରତା ଭାବ ନାହିଁ ଯଦି ମନେ
ସବୁ ଅଟେ ମୂଲ୍ୟହୀନ ।

ସତ୍ୟ ଶାନ୍ତି ଦୟା କ୍ଷମା ଗୁଣ ସଦା
ସ୍ୱର୍ଗୀୟ ଅଟଇ ଭବେ,
ପରଉପକାର ପୁଣ୍ୟମୟ ବ୍ରତ
ନଛାଡେ ଯେ ମନୁ କେବେ ।

ମାନବ ସେବା ହିଁ ମାଧବ ସେବା
ଶାସ୍ତ୍ରରେ ହୋଇଛି ଲେଖା,
ଜଗତ ମଙ୍ଗଳ ପାଇଁ ଯାର ଚିନ୍ତା
ପାଏ ସେ ପ୍ରଭୁଙ୍କ ଦେଖା ।

ଅସହାୟ ରୂପେ ଦିଅନ୍ତି ସେ ଦେଖା
ବହୁରୂପୀ ପରା ସିଏ,
ସବୁଠାରେ ପ୍ରଭୁ ଅଛନ୍ତି ଆବୋରି
ଅନ୍ତର୍ଯ୍ୟାମୀ ନାମ ବହେ ।


+ ସହକାରୀ ଶିକ୍ଷକ
ଏନ୍.ଏ.ସି. ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ପାରାଦ୍ୱୀପ, ଜଗତସିଂହପୁର


## ଜଳ ସଂପଦ ବିଭାଗ କାର୍ଯ୍ୟ ସମୀକ୍ଷାର୍ ବେଳ !

**ଶରତ କୁମାର ରାଉତ**



ଓଡ଼ିଶାର ଲୋକଙ୍କୁ ଜଣାନାହିଁ ଯେ, କେନ୍ଦ୍ରୀୟ ଅବହେଳା ସବୁବେଳେ ଓଡ଼ିଶା ପ୍ରଗତିରେ ବାଧକ ସାଜୁଛି। ଅନ୍ୟପକ୍ଷରେ ଓଡ଼ିଶାରେ କେନ୍ଦ୍ରୀୟ ଯୋଜନା ଅର୍ଥ ପ୍ରାୟତଃ ବାଟମାରଣା ହେଉଛି। କେନ୍ଦ୍ର ସରକାରଙ୍କ ଦ୍ୱାରା ୨୦୦୫ରେ ରାଷ୍ଟ୍ରିୟ ଗ୍ରାମ୍ୟ ସ୍ୱାସ୍ଥ୍ୟ ମିସନ କାର୍ଯ୍ୟକାରୀ ହେବା ପରଠାରୁ ରାଜ୍ୟରେ ଧୀରେଧୀରେ ସ୍ୱାସ୍ଥ୍ୟସେବାର ଉନ୍ନତି ହେଉଛି। ସର୍ବଶିକ୍ଷା ଯୋଜନାରେ ସ୍କୁଲ୍ ଘର ଗୁଡ଼ିକ କୋଠାରେ ପରିଣତ ହୋଇଛି। ପ୍ରାଥମିକ ଶିକ୍ଷା ବାବଦ ଖର୍ଚ୍ଚ କେନ୍ଦ୍ର ସରକାର ବହନ କରୁଛନ୍ତି। ମହିଳା ଓ ଶିଶୁ ସ୍ୱାସ୍ଥ୍ୟର ଉନ୍ନତି ପାଇଁ ଭାରତ ଏପରିକି ପୃଥିବୀର ସବୁଠୁ ବଡ଼ ଯୋଜନା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ(ଅଙ୍ଗନବାଡ଼ୀ ସେବା) କେନ୍ଦ୍ର ସରକାରଙ୍କ ଦ୍ୱାରା ୧୯୭୨ ରୁ ଚାଲି ଆସୁଛି। ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ପ୍ରତ୍ୟେକ ଗାଁ ରାସ୍ତା ପକ୍କା ସଡ଼କରେ ପରିଣତ ହୋଇଛି। ନିଶ୍ଚିନ୍ତ କର୍ମନିଯୁକ୍ତି ଯୋଜନା ଦ୍ୱାରା ସାଧାରଣ ଗରିବ, ଶ୍ରମିକମାନେ କିଛି ମାତ୍ରାରେ ଉପକୃତ ହେଉଛନ୍ତି। ଖାଦ୍ୟ ସୁରକ୍ଷା ଯୋଜନାରେ ରାଜ୍ୟ ସରକାରଙ୍କ ୧ଟଙ୍କିଆ ଚାଉଳ ଯୋଜନା ଯଦିଓ କିଛି ଲୋକଙ୍କ ପାଇଁ ଅଶୀର୍ବାଦ ହୋଇଛି, ତଥାପି ଏହି ଯୋଜନା ସବୁ ଅନାହାର ପିଡ଼ିତଙ୍କ ପାଖରେ ପହଂଚି ପାରିନାହିଁ। ଯେଉଁ ଗତିରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନା ଗୁଡ଼ିକର ସଫଳତା ମିଳିବା କଥା, ତାହା ସମ୍ଭବ ହୋଇ ନାହିଁ। ଅନ୍ୟ କେତେକ ରାଜ୍ୟ ଭଳି ଆମ ରାଜ୍ୟରେ ଯଦିଓ ସବୁ ଯୋଜନା ଠିକ୍ ଢ଼ଙ୍ଗରେ କାର୍ଯ୍ୟକାରୀ ହୋଇଥାନ୍ତା, ତେବେ ଓଡ଼ିଶା ବିକଶିତ ରାଜ୍ୟରେ ପରିଣତ ହୋଇ ସାରନ୍ତାଣି।

ବାସ୍ତବକା ଦେଖାଗଲେ, ରାଜ୍ୟ ସରକାରଙ୍କ ଅଧିକାଂଶ ଯୋଜନା ଫେଲ୍ ମାରିଛି। କେତେକର ଲକ୍ଷ୍ୟ ସାଧନ ହୋଇନାହିଁ। ରାଜ୍ୟକୁ ଉନ୍ନତି ପଥରେ ଆଗେଇ ନେବା ଭଳି ଶାସନ ଦେଖିବାକୁ ମିଳିନାହିଁ। କେବଳ ମନମୁଖୀ ପ୍ରଚାର ଓ ନୂଆ ନୂଆ ଯୋଜନା ଘୋଷଣାରେ ସୀମିତ ରହି ଯାଇଛି ରାଜ୍ୟର ଉନ୍ନତି। କ'ଣ କ'ଣ ସମସ୍ୟା ରହିଛି ଓ ଏଠାରେ କେଉଁ ଯୋଜନା ଚାଲି ପାରିବ, ତାହା ପରିକ୍ଷା କରା ଯାଉନାହିଁ। କେବଳ ଖର୍ଚ୍ଚ ହେଉଛି। ଟଙ୍କିଆ ଚାଉଳ ଦେବା ଦ୍ୱାରା ଗରିବୀ କମିଛି କି? ଅପପୃଷ୍ଟି କମିଛି କି? ଶିଶୁ ଓ ମାତୃ ମୃତ୍ୟୁହାର କମିଛି କି? ବରଂ ଭାରତରେ ଗରିବୀରେ ଓଡ଼ିଶା ବହୁ ତଳେ ରହି ଥିବା ବେଳେ ପୁରୁଷ ଅପପୃଷ୍ଟିରେ ୧ମ, ଶିଶୁ ଅପପୃଷ୍ଟିରେ ଦ୍ୱିତୀୟ, ଶିଶୁ ମୃତ୍ୟୁହାରରେ ଦ୍ୱିତୀୟ, ମାତୃ ମୃତ୍ୟୁହାରରେ ୩ୟ, ମ୍ୟାଲେରିଆରେ ୨ୟ ଓ ମାରାତ୍ମକ ସଂକ୍ରାମକ ରୋଗରେ ୧ମ ସ୍ଥାନରେ ରହିଛି। ଆଉ କରଦାତାଙ୍କ ପଇସା ବରବାଦ୍ ହେଉଛି। କ୍ରମେ ସେମାନଙ୍କ ଅବସ୍ଥା ଦୟନୀୟ ହୋଇ ଚାଲିଛି। ଆହାର ଯୋଜନାରେ ପ୍ରକୃତରେ କିଏ ଖାଉଛି ଖାଦ୍ୟ? ଯାହା ପାଇଁ ଖାଦ୍ୟର ଆବଶ୍ୟକତା ରହିଛି ବା ଯିଏ ଅନାହାର, ଅର୍ଦ୍ଧାହାର ଓ ଅଳ୍ପାହାରରେ ଛଟପଟ ହେଉଛି ବା ମରୁଛି, ତା' ପାଖରେ ଆହାର ଯୋଜନା ପହଂଚୁଛି କି? ଔଷଧ ରେଖା ତଳେ ଥିବା ଲୋକଙ୍କ ପାଖରେ ନିରାମୟ ଯୋଜନା ପହଂଚୁଛି କି? ଏମିତି ଅନେକ ଯୋଜନାର ଲମ୍ବା ତାଲିକା ରହିଛି, ଯାହା ପ୍ରକୃତ ହିତାଧିକାରୀଙ୍କ ପାଖରେ ପହଂଚୁ ନାହିଁ। ରାଜ୍ୟର ଚାଷୀମାନେ କଠିନ ପରିଶ୍ରମ କରି ଉତ୍ପାଦନ ବଢାଉ ଥିଲେ ମଧ୍ୟ ସେମାନଙ୍କର ଉନ୍ନତି ନାହିଁ, ବଢୁନାହିଁ ଆୟ। ତର୍ଜମା ହେଉଛି କି? ମଣିଷର ଅର୍ଥନୈତିକ ପ୍ରଗତି ଓ ସାମାଜିକ ଅବସ୍ଥାର ପରିବର୍ତ୍ତନ ପାଇଁ ସମସ୍ତ ପ୍ରାକୃତିକ ସଂପଦର ଉପଯୁକ୍ତ ଉପଯୋଗ, ଅତ୍ୟାଧୁନିକ ଜ୍ଞାନକୌଶଳରେ ଚାଷ ବା କୃଷି ଉତ୍ପାଦନ ବୃଦ୍ଧି ଓ ରାଜନୈତିକ ଇଚ୍ଛାଶକ୍ତିର ଆବଶ୍ୟକତା ରହିଛି।

ରାଜ୍ୟରେ ଜଳସେଚନର ଅବସ୍ଥା ବହୁ ଖରାପ ରହିଛି। ଗତ ୧୦ବର୍ଷ ମଧ୍ୟରେ ଜଳସେଚନ ବ୍ୟବସ୍ଥାରେ ଆଶା ଜନକ ବୃଦ୍ଧି ହୋଇନାହିଁ। ରାଜ୍ୟରେ ଫସଲ ହେଉଥିବା ମୋଟ ୮୭.୪୬ ଲକ୍ଷ ହେକ୍ଟର ଜମିରୁ ମାତ୍ର ୧୮.୭୯ ଲକ୍ଷ ହେକ୍ଟର ଜଳ ସେଚିତ ହୋଇ ପାରିଛି। ଅନ୍ୟ ପକ୍ଷରେ ଚାଷ ଉପଯୋଗୀ ୬୧.୮୦ ଲକ୍ଷ ହେକ୍ଟର ଜମି ମଧ୍ୟରୁ ୨୯.୧୪ ଲକ୍ଷ ହେକ୍ଟର ଉଚ୍ଚ ଜମି, ୧୭.୫୫ ଲକ୍ଷ ହେକ୍ଟର ମଧ୍ୟମ ଜମି ଓ ୧୫.୧୧ ଲକ୍ଷ ହେକ୍ଟର ନୀଚ ଜମି ରହିଛି। ପ୍ରାୟତଃ ଏହି ଜମିରେ ଆଶା ଜନକ ଫସଲ ସମ୍ଭବ ନୁହେଁ। ତଥାପି ଏହିସବୁ ଜମିରେ ଉତ୍ପାଦନ ବୃଦ୍ଧି ପାଇଁ ଉଦ୍ୟମ ହେବା ଆବଶ୍ୟକ। ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା, ଜଳ ସଂପଦ ବିଭାଗର ବେପରୱା କାର୍ଯ୍ୟ ଯୋଗୁ ଆମ ରାଜ୍ୟରେ ଜଳସେଚନ ବ୍ୟବସ୍ଥା ଆଗକୁ ବଢି ପାରୁନାହିଁ। ଏହି ବିଭାଗରେ ବ୍ୟାପକ ଦୁର୍ନୀତି, ଅନିୟମିତତା ଓ ନିମ୍ନ ମାନର କାର୍ଯ୍ୟ ଯୋଗୁ ଜଳସେଚନ ବ୍ୟବସ୍ଥା ମନ୍ଥର ଗତିରେ ଚାଲିଥିବା କୁହାଯାଉଛି। ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଉନଥିବାରୁ କେତେକ ଅଧିକାରୀ ବିଭାଗକୁ ସୁନା ଅଣ୍ଡା ଦିଆ କୁକୁଡ଼ା ଭଳି ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ସେହିପରି ବିଭିନ୍ନ ଡ଼ିଭିଜନ୍‌ରେ ମନମୁଖୀ କାର୍ଯ୍ୟ ଚାଲିଥିବା ବାରମ୍ବାର ଅଭିଯୋଗ ହୋଇ ଆସୁଛି। ମୁଖ୍ୟତଃ ରାଜ୍ୟର କେନ୍ଦ୍ରୀୟ ମଣ୍ଡଳ ଅନ୍ତର୍ଗତ ଜଳସେଚନ ଡ଼ିଭିଜନ୍ ପ୍ରାଚୀ, ପୁରୀ ଓ ନୟାଗଡ଼, ପୂର୍ବାଂଚଳ ମଣ୍ଡଳ ଅନ୍ତର୍ଗତ କେନ୍ଦ୍ରାପଡ଼ା, ଯାଜପୁର ଓ ଜାରକା, ଦକ୍ଷିଣାଂଚଳ ମଣ୍ଡଳ ଅନ୍ତର୍ଗତ ଭଞ୍ଜନଗର, ଚିକିଟି, ଦକ୍ଷିଣାଂଚଳ ମଣ୍ଡଳ-୨ ଅନ୍ତର୍ଗତ ପାରଳାଖେମୁଣ୍ଡି, ବାରିପଦା ମଣ୍ଡଳ ଅନ୍ତର୍ଗତ ବାଲେଶ୍ୱର ଓ ବଲାଙ୍ଗୀର ମଣ୍ଡଳ ଅନ୍ତର୍ଗତ ବଲାଙ୍ଗୀର ଡ଼ିଭିଜନ୍‌ରେ ବ୍ୟାପକ ଅନିୟମିତତା ଅଭିଯୋଗ ହେଉଛି। ସଂପୃକ୍ତ ଅଂଚଳରେ ଜଳସେଚନ ବ୍ୟବସ୍ଥା ପଙ୍ଗୁ ପାଲଟିଛି। ସେହିପରି କେତେକ ବୃହତ୍, ମଧ୍ୟମ ଓ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟରେ ବ୍ୟାପକ ଅନିୟମିତତା ଲାଗି ରହିଛି। ଏହି ପ୍ରକଳ୍ପ ଗୁଡ଼ିକ ରାଜ୍ୟବାସୀଙ୍କ ସ୍ୱାର୍ଥ ସାଧନ କରି ପାରୁନାହିଁ। ଏ ସଂପର୍କରେ ବ୍ୟାପକ ସମୀକ୍ଷାର ଆବଶ୍ୟକତା ରହିଛି। ରାଜ୍ୟବାସୀଙ୍କୁ ଜଳସେଚନର ଉପଯୁକ୍ତ ସେବା ମିଳିଲେ, ଅଧିକ ଫସଲ ଅମଳ ହୁଅନ୍ତା, ଚାଷୀ ଆର୍ଥିକ ସଶକ୍ତ ହୁଅନ୍ତେ ଓ ଚାଷୀ ଆତ୍ମହତ୍ୟା ହ୍ରାସ ପାଇ ପାରନ୍ତା। ଏହାଦ୍ୱାରା ମଧ୍ୟ ରାଜ୍ୟର ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହେବା ସହ ବ୍ୟାପକ କର୍ମ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇ ପାରନ୍ତା।

ଇତିମଧ୍ୟରେ ଜଳସଂପଦ ବିଭାଗର ପ୍ରମୁଖ ଶାସନ ସଚିବ ସୁରେନ୍ଦ୍ର କୁମାର ନିଜର ପ୍ରଚଣ୍ଡ ପ୍ରଶାସନିକ ଦକ୍ଷତାର ପ୍ରମାଣ ସ୍ୱରୂପ ସାରା ରାଜ୍ୟରେ ଜଳସେଚନ କାର୍ଯ୍ୟର ତ୍ୱରାନ୍ୱିତ କରାଇବା ସହ ନିର୍ମାଣ ଜନିତ ବହୁ ସମସ୍ୟାର ସମାଧାନ କରାଇବାରେ ଲାଗିଛନ୍ତି। ପ୍ରତ୍ୟେକ ନିର୍ମାଣ କାର୍ଯ୍ୟ ପାଇଁ ପ୍ରସ୍ତୁତ ବ୍ୟୟ ଅଟକଳ ଚିଠା ଓ ବ୍ୟବସ୍ଥିତ ଢଙ୍ଗ ଓ ପ୍ରଶାସନିକ ମଞ୍ଜୁରୀ ଦେବାବେଳେ ପ୍ରମୁଖ ଶାସନ ସଚିବ ସୁରେନ୍ଦ୍ର କୁମାରଙ୍କର ସତର୍କତା ଓ ବ୍ୟାପକ ସମୀକ୍ଷା ଅନ୍ୟମାନଙ୍କ ପାଇଁ ଅନୁସରଣୀୟ ବୋଲି ନିର୍ମାଣ ବିଶେଷଜ୍ଞ ମାନେ ମତ ଦେଉଛନ୍ତି। ସେହିପରି ନିୟମିତ ବ୍ୟବଧାନରେ ବ୍ୟବସ୍ଥିତ ଢଙ୍ଗ ଅନୁଯାୟୀ କ୍ୱାଲିଟି କଂଟ୍ରୋଲ ଇଞ୍ଜିନିୟର ମାନଙ୍କ ଦ୍ୱାରା ନିର୍ମାଣ କାର୍ଯ୍ୟର ତନଖି ଓ ଅନୁସନ୍ଧାନ ଦିଗରେ ପ୍ରମୁଖ ଶାସନ ସଚିବ ସୁରେନ୍ଦ୍ର କୁମାରଙ୍କର ପ୍ରତ୍ୟକ୍ଷ ନିରୀକ୍ଷଣ ଏବଂ ସେମାନଙ୍କ ମନ୍ତବ୍ୟକୁ ବ୍ୟାପକ ସମୀକ୍ଷା ହିଁ ଜଳସେଚନ ବିଭାଗର କାର୍ଯ୍ୟକୁ ସଫଳତା ଦିଗରେ ଆଗେଇ ନେଉଛି।

କେତେଦିନ ପର୍ଯ୍ୟନ୍ତ ଆମର ଭାଗ୍ୟ ଆକାଶରେ ଘନଘୋର ଅନ୍ଧାର ଦେଖା ଦେଉଥିବ? କେତେଦିନ ପର୍ଯ୍ୟନ୍ତ ଓଡ଼ିଶାବାସୀ ପରିଚିତ ହୋଇ ରହିବେ ଭିକମଗା ଜାତି ହୋଇ? ତେଲେଙ୍ଗାନା ଗୋଟିଏ ନୂଆ ରାଜ୍ୟ ହୋଇ ମଧ୍ୟ ଦ୍ରୁତ ବିକାଶ ପଥରେ ଆଗେଇ ଚାଲିଛି। ଦୁର୍ଭାଗ୍ୟର କଥା ଯେ, ଆମ ପାଖରେ ଗୁଗୁଲ୍ ମ୍ୟାପ୍ ତଥା ଅତ୍ୟାଧୁନିକ ଜ୍ଞାନ କୌଶଳର ବ୍ୟାପକ ସୁବିଧା ଥାଇ ମଧ୍ୟ ଏହି ୧୬-୧୭ ବର୍ଷ ଭିତରେ ଛତିଶଗଡ଼ ସରକାରଙ୍କ ଦ୍ୱାରା ମହାନଦୀରେ ୧୩ଟି ବ୍ୟାରେଜ୍ ଓ ୭ଟି ଡ୍ୟାମ୍ ତିଆରି ହୋଇଥିଲେ ହେଁ ଆମେ ଜାଣି ପାରିଲୁ ନାହିଁ। ଏଥିପାଇଁ ଆମ ରାଜ୍ୟ ସରକାର ଦାୟୀ ନୁହନ୍ତି କି? ଏହି ୨୦ବର୍ଷର ଶାସନ ଭିତରେ ଓଡ଼ିଶାର ଉନ୍ନତି ପାଇଁ କିଛି ଉନ୍ନତି ହୋଇଛି କି?? ବରଂ ରାଜ୍ୟ ଶାସନ ଏକ ଅନ୍ଧକାର ଗଳି ଦେଇ ଗତି କରୁଥିବା ମନେ ହେଉଛି। ରାଜ୍ୟ ବିକାଶରେ କେଉଁଠି ପ୍ରତିବନ୍ଧକ ରହିଛି, ସେଗୁଡ଼ିକ ଖୋଜା ଯାଉନାହିଁ। କାହା ପାଇଁ କେଉଁ ଯୋଜନା ଦରକାର ଏବଂ ସେହି ଯୋଜନା କିପରି ଶହେ ଭାଗ ସଫଳ ହେବ, ସେଥିପ୍ରତି ସରକାରଙ୍କର ଆଦୌ ଆନ୍ତରିକତା ନାହିଁ।


+ ଓଡ଼ିଶା ନ୍ୟୁଜ୍ ସର୍ଭିସ୍,
ଭୁବନେଶ୍ୱର,
ମୋ-୯୩୩୭୩୬୯୪୮


## ଦକ୍ଷିଣ ଦର୍ଶନ

**ମାୟାଧର ନାୟକ**



ଦକ୍ଷିଣ ଓଡ଼ିଶା ଦକ୍ଷତାର ଓଡ଼ିଶା, ଦୃପ୍ତତାର ଓଡ଼ିଶା, ଦୁର୍ଦ୍ଧାନ୍ତତାର ଓଡ଼ିଶା । ଦକ୍ଷିଣ ଓଡ଼ିଶା ଦୁର୍ବାର ଓଡ଼ିଶା । ବନଜଂଗଲରୁ ଆରମ୍ଭ କରି ପାହାଡ଼ପର୍ବତର ପ୍ରାଚୁର୍ଯ୍ୟ ଦିନେ ଦକ୍ଷିଣ ଓଡ଼ିଶାକୁ ଦୁର୍ଭେଦ୍ୟ ଦୁର୍ଗର ଦୃଢ଼ ଭାବମୂର୍ତ୍ତି ପ୍ରଦାନ କରିଥିଲା । ଏଠି ଥିଲା ଓଡ଼ିଶାବିଖ୍ୟାତ ରାଜବଂଶର ରାଜବାଟୀସବୁ ଏବଂ ପ୍ରଜାମାନେ ଥିଲେ ପ୍ରଖର ଯୋଦ୍ଧା ଜଣେଜଣେ । କିଂବଦନ୍ତୀରୁ ଇତିହାସ ପର୍ଯ୍ୟନ୍ତ ଦକ୍ଷିଣ ଓଡ଼ିଶାର ଆଭାସଚିତ୍ର ବିଚିତ୍ରବର୍ଣ୍ଣାଳୀରେ ବିସ୍ମୟକର । ରାଜାମାନେ କେବଳ ରାଜନୀତି କରୁନଥିଲେ କି ଶାସନ କରୁନଥିଲେ, ସାହିତ୍ୟ କଳା-ସଂସ୍କୃତି ପାଇଁ ତଥା ଏକ ସାଂସ୍କୃତିକ ଓଡ଼ିଶାର ଅଭ୍ୟୁତ୍ଥାନ ପାଇଁ ଅନନ୍ୟ ଅନୁପ୍ରେରଣାର ଉଜ୍ଜ୍ୱଳ ଦୃଷ୍ଟାନ୍ତ ପ୍ରଦର୍ଶନ କରିଆସୁଥିଲେ - ପ୍ରଜାମାନେ ମାଟି ଆଉ ମାଆର ମହତ ରକ୍ଷା ପାଇଁ ପ୍ରାଣପାତ କରିବାକୁ କୁଣ୍ଠିତ ହେଉନଥିଲେ କଦାପି । ମାତ୍ର ବ୍ରିଟିଶ୍ ଶାସନକାଳରେ ଏହି ଶୂରବୀରର ଭୂଖଣ୍ଡକୁ ଶାସନଗତ ସୁବିଧାବାଦ ତଥା ସାମ୍ରାଜ୍ୟବାଦର ସ୍ୱାର୍ଥରକ୍ଷା ଦୃଷ୍ଟିରୁ ସାମିଲ୍ କରାଇଦିଆଗଲା ମାଡ୍ରାସ୍ ପ୍ରେସିଡେନ୍‌ସୀ ସହିତ । ଏହାଫଳରେ ପାରମ୍ପରିକ ରାଜଶକ୍ତିର ସ୍ୱର୍ଦ୍ଧା ହେଲା ଭୂଲୁଣ୍ଠିତ ଏବଂ ପ୍ରଜାଶକ୍ତି ହେଲା ପଦାନତ । ପରାଧୀନ ଭାରତବର୍ଷରେ ଦକ୍ଷିଣ ଓଡ଼ିଶାର ଏହି ଦଶା ଏକ ଐତିହାସିକ ବିଡମ୍ବନା । ତଥାପି ପାଉଁଶ ତଳର ନିଆଁ ପରି ଏ ମାଟିର ମଲାଟ ତଳେ ପ୍ରସ୍ତୁତ ହେଉଥିଲା ଅନାଗତ ଭବିଷ୍ୟତର ଆଗ୍ନେୟ ଆହ୍ୱାନୀ । ଉତ୍କଳ ସମ୍ମିଳନୀର ମହାମଂଚରେ ସ୍ୱତଂତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ଯେଉଁ ଭାଷାଭିତ୍ତିକ ଆଂଦୋଳନର ଆବାଜ ଉଠିଥିଲା, ତାହାର ପୃଷ୍ଠଭୂମିରେ ଥିଲା ଏହି ଦୁର୍ବାର ଦକ୍ଷିଣ ଓଡ଼ିଶାର ଦୃପ୍ତ ଦାବୀନାମା । କାରଣ ମାନକ ଓଡ଼ିଆ ଭାଷାର ଭଣ୍ଡାରକୁ ସର୍ବାଧିକ ଅବଦାନ ଦେଇଛନ୍ତି ଏ ମାଟିର ବରପୁତ୍ରବର୍ଗ - ଭଂଜ, ବଳଦେବ, ଗୋପାଳକୃଷ୍ଣଙ୍କଠାରୁ ଆରମ୍ଭ କରି ବହୁ ବିଦ୍ୱାନ ପଣ୍ଡିତଙ୍କର ଏହି ପବିତ୍ରଭୂମି ଓଡ଼ିଆ ଭାଷାର ଆଭିଜାତ୍ୟକୁ ଅକ୍ଷୁଣ୍ଣ ରଖିବାରେ ଛାଡ଼ିଯାଇଛି ଅକ୍ଷୟକୀର୍ତ୍ତିର ଉର୍ଜ୍ଜ୍ୱଳ ଇତିହାସ ।

ମୁଁ ଏସବୁ ତଥ୍ୟର ଜଂଜାଳ ଭିତରକୁ ନଯାଇ ସତ୍ୟର କେତୋଟି ଝଲକ ମାତ୍ର ସୂଚାଇଦେବାକୁ ଚାହୁଛି - ସେ ସତ୍ୟ ଯେତେ ଅପ୍ରିୟ ହେଉନା କାହିଁକି ଏକାଂତ ପ୍ରଣିଧାନଯୋଗ୍ୟ । ବ୍ରିଟିଶ ସରକାର ଦକ୍ଷିଣ ଓଡ଼ିଶାକୁ ମାଡ୍ରାସ୍ ପ୍ରେସିଡେନ୍‌ସୀର ଅନ୍ତର୍ଭୁକ୍ତ କରିବା ଦ୍ୱାରା ଯେପରି ଏହାର ପାରମ୍ପରିକ ରାଜଶକ୍ତିକୁ ମ୍ଳାନନିଷ୍ପ୍ରଭ କରିଦେଇ ପ୍ରଜାଶକ୍ତିର ପ୍ରମତ୍ତତାକୁ ପ୍ରାଣହୀନ କରିଦେଇଥିଲେ, ସ୍ୱାଧୀନତା ପରେ ଏଇ କିଛିବର୍ଷ ତଳେ ଓଡ଼ିଶା ସରକାର ସେହିପରି ଅବିଭକ୍ତ ଗଂଜାମ-କୋରାପୁଟକୁ ନେଇ ମୁଣ୍ଡ ଉଠାଇଆସିଥିବା ଦକ୍ଷିଣ ଓଡ଼ିଶାକୁ ଆହୁରି ଗୁଡ଼ିଏ ନୂଆ ନାଆଁର ତାଲିକାରେ ଜିଲ୍ଲାୱାରୀ ଖଣ୍ଡଖଣ୍ଡ କରିଦେବା ଦ୍ୱାରା ଏହାର ଅଖଣ୍ଡ ଆତ୍ମଶକ୍ତିକୁ ସବୁଦିନ ପାଇଁ ବିଭାଜିତ କରିଦେଲେ । ଏହାଦ୍ୱାରା ଜିଲ୍ଲାପାଳ ଚାକିରିର କେବଳ ବଢ଼ତି ହେଲା, ଅଧିକ ସରକାରୀ ଅଫିସ ଖୋଲାଯାଇ ଦପ୍ତରଗୁଡାକୁ ପରାଙ୍ଗପୁଷ୍ଟ ସରକାରୀ ଦରବାରର ଗୋଟିଏ ଗୋଟିଏ କରଆଦାୟକାରୀ କ୍ୟାମ୍ପସ୍‌ରେ ପରିଣତ କରାଗଲା ଏବଂ ଭୂଇଁଫୋଡ଼ ଶାସନର ଦୁର୍ନୀତି-ଧାରାକୁ ନୂଆନୂଆ ଜିଲ୍ଲାରେ ବିସ୍ତାର କରିଦିଆଗଲା । ମାତ୍ର ଦୁଇଟି ଜିଲ୍ଲାକୁ ଛୋଟବଡ଼ ଗୁଡ଼ିଏ ଜିଲ୍ଲାରେ ତାଲିକାଧୀନ କରାଇ ଓଡ଼ିଶା ସରକାର କି ବାହାଦୁରି ଦେଖାଇଲେ ତା' ମାଆ ମହାଦେଇକୁ ଜଣା, ମାତ୍ର ମୋର ବିନମ୍ର ମତ ଯେ ଏହାଦ୍ୱାରା କେବଳ ଶାସନର ଓ ପ୍ରଶାସନର ଫାଇଦା ହେଲା; ହେଲେ ଦକ୍ଷିଣ ଓଡ଼ିଶାର ଜନଗଣ ଦ୍ୱିତୀୟଥର ପାଇଁ ଦେଖାଇ ଶିକାର ହେଲେ ଏକ ସୁଦୂରପ୍ରସାରୀ ସରକାରୀ ଷଡଯନ୍ତ୍ରର ! ଏ ଷଡଯନ୍ତ୍ରର ସ୍ୱରୂପକୁ ଏବେ ହୁଏତ ଦକ୍ଷିଣଓଡ଼ିଶାବାସୀ ଦେଖିପାରୁନାହାନ୍ତି, କିନ୍ତୁ ଅଦୂର ଭବିଷ୍ୟତରେ ଏହାର ବିଷମୟ ପରିଣାମକୁ ଅଙ୍ଗେ ନିଭାଇବେ ନାତି-ଅଣନାତିଙ୍କୁ ନେଇ ଆମର ଉତ୍ତର ଦାୟାଦ । ପ୍ରଥମତଃ, ଏହି ବିଭାଜନକୁ ନିଜର ଆର୍ଥିକ ଆଁ'ର ଚାହିଦା ମେଣ୍ଟାଇବାକୁ ଯାଇ ଓଡ଼ିଶା ସରକାର ନୂଆଯୋଜନା ନାଆଁରେ କାଏମ୍ କରିଦେଲେ, କିନ୍ତୁ ଦକ୍ଷିଣ ଓଡ଼ିଶାର ଆତ୍ମିକ ସୂତ୍ରକୁ ଛିନ୍ନ କରିଦେଲେ ସବୁଦିନ ପାଇଁ । ଆଦିବାସୀ ଓ ଅଧିବାସୀଙ୍କ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ମିଳିତ ସ୍ଥିତିକୁ ନେଇ ଯେଉଁ ଦକ୍ଷିଣ ଓଡ଼ିଶା ଦିନେ ଏକ ଦକ୍ଷ ଓ କାର୍ଯ୍ୟକ୍ଷମ ଓଡ଼ିଶା ହୋଇ ସାରା ଓଡ଼ିଶାର ଦକ୍ଷିଣଦୁଆରୀ ଘର ବୋଲାଉଥିଲା, ତାହା ଆଜି ଗୋଟାଏ ଭଂଗାଘର - ଯେଉଁଠି ଜନଅସନ୍ତୋଷର ପ୍ରତିକ୍ରିୟାସ୍ୱରୂପ ନବଜନ୍ମ ନେଇଛି ମାଓବାଦୀ ଲାଲ୍‌ବାହିନୀ । ପରିସଂଖ୍ୟାନକୁ ଅନୁଧ୍ୟାନ କଲେ ସ୍ପଷ୍ଟ ଜଣାଯିବ ଯେ ଅବିଭକ୍ତ ଗଂଜାମ-କୋରାପୁଟର ଦକ୍ଷିଣ ଓଡ଼ିଶା ଯେତେ ମାଓବାଦୀ ଆକ୍ରମଣରେ ଅତିଷ୍ଠ ହେଉନଥିଲା, ବର୍ତ୍ତମାନର ଶାସନ-ପ୍ରଶାସନର ମିଳିତ ମେଣ୍ଟର ଚକ୍ରାନ୍ତରେ ଚୂର୍ଣ୍ଣୀଭୂତ ଦକ୍ଷିଣ ଓଡ଼ିଶା ପ୍ରତ୍ୟହ ପ୍ରାଣପୀଡ଼ା ଭୋଗୁଛି ନବ୍ୟ ମାଓବାଦୀ ଅଭିଯାନର ସଂତ୍ରାସୀ ସଂପ୍ରସାରଣ ଦ୍ୱାରା ।

ଦକ୍ଷିଣ ଓଡ଼ିଶାର ଏହି ନୈତିକ ଓ ସାଂସ୍କୃତିକ ମଂଚକୁ ମୁଁ ରାଜନୈତିକ ମଂଚ ଭାବରେ ବ୍ୟବହାର କରିବାକୁ ଯାଉନାହିଁ । ମାତ୍ର ଗୋଟିଏ କଥା ଏଠାରେ ସ୍ପଷ୍ଟ ସୂଚାଇଦେବାକୁ ଚାହୁଛି ଯେ ଗତକାଲିର ରାଜତନ୍ତ୍ରଲାଳିତ ରାଜାମାନଙ୍କର ରାଜନୀତି ଏ ମାଟିର କଳା-ସାହିତ୍ୟ-ସଂସ୍କୃତିର କ୍ରମବିସ୍ତାର ପାଇଁ ଯେଉଁ ନବଜାଗରଣକୁ ଜନ୍ମ ଦେଇଥିଲା, ଆଜିକାଲିକାର ଗଣତନ୍ତ୍ରପାଳିତ ମନ୍ତ୍ରୀମାନଙ୍କର ରାଜନୀତି ଅତୀତର ସେ ରେନେସାଁ ବା ନବଜାଗରଣକୁ ଦେଇସାରିଛି ଦାରୁଣ ମୃତ୍ୟୁଦଣ୍ଡାଦେଶ ! ଆଉ ଏ ମାଟିରେ ଭଂଜ, ବଳଦେବ କି ଗୋପାଳକୃଷ୍ଣମାନେ ଜନ୍ମ ନେବା ଏକ ଦିବାସ୍ୱପ୍ନ । ଆଜି ଏଠି କେବଳ ଟଙ୍କା - ଟଙ୍କା - ଟଙ୍କା.. ଟଙ୍କା ପଛରେ ସମସ୍ତେ ଟିଙ୍କ - କିଏ ପଚାରୁଛି କଳା-ସାହିତ୍ୟ-ସଂସ୍କୃତି କଥା ? ଇଏ ଆଜି କି ରାଜନୀତି? ଏଇ ଦକ୍ଷିଣ ଓଡ଼ିଶାରୁ ବିଶ୍ୱନାଥ ଦାସ, ସଦାଶିବା ତ୍ରିପାଠୀ, ବିନାୟକ ଆଚାର୍ଯ୍ୟ, ବିଜୁ ପଟ୍ଟନାୟକ ପ୍ରମୁଖ ମୁଖ୍ୟମନ୍ତ୍ରୀ ହୋଇଛନ୍ତି, ପୁଣି ସର୍ବାଗ୍ରେ ସ୍ମରଣୀୟ ଗଜପତି କୃଷ୍ଣଚନ୍ଦ୍ର ମଧ୍ୟ ଏଇ ଦକ୍ଷିଣ ଓଡ଼ିଶାରୁହିଁ ସାକାର କରିଛଂତି ସ୍ୱତନ୍ତ୍ର ଓଡ଼ିଶାର ସ୍ୱପ୍ନ । ଦିଲ୍ଲୀରୁ ଆମଦାନୀ ହୋଇଥିବା ବିଜୁତନୟ ନବୀନ ମଧ୍ୟ ଏହି ବୀରମାଟି ଦକ୍ଷିଣ ଓଡ଼ିଶାର ସମର୍ଥନ ପାଇ ଏବେ ସାରାଓଡ଼ିଶାର ମୁଖ୍ୟମନ୍ତ୍ରୀ । ଅଥଚ ଏ ଲୋହିତ ଲାଭାର ମାଟି ଯେଉଁ ତିମିରେକୁ ସେଇ ତିମିରେ ।

ଦକ୍ଷିଣ ଓଡ଼ିଶାର ଦାବୀନାମା ଆଜି ସରକାରୀ ସିରସ୍ତାର ଫାଇଲ୍ ଫାଙ୍କରେ ଫେରାର୍ ! ଦୂରପର୍ବତସବୁ ଦିବ୍ୟସୁନ୍ଦର ଦିଶୁଛି - କିଂତୁ ସବୁ ଜଂଗଲ ପାଲଟିଛି ଜଉଘରର - ଜଳୁଛି, ଜଳୁଛି, ନିଭିବାର ନାହିଁ ଏ ନିସ୍ତାରହୀନ ଜ୍ୱଳନରୁ । କିଏ ବୁଝିବ ଦକ୍ଷିଣର ଏ ଦୁଃଖ? ସମସ୍ତେ ତ 'ଦକ୍ଷିଣା' ଦାୟରେ ଦୋରସ୍ତ ! ଚାହୁଁଚି କିଏ ଚିଲିକାର ନୀଳଚଂଚଳ ଚାହାଣିକୁ? ଚିତ୍ରପଟ ଚିରିଗଲାଣି - ଚାଲିଛି କେବଳ ଚିଙ୍ଗୁଡ଼ିଚାଷ - ଘେରିବନ୍ଧା ଫେରିବାଲାଙ୍କ ପର୍ଦ୍ଦାଫାଶ !

ଏଇ ଓଡ଼ିଶାର ଦକ୍ଷିଣଦୁଆରୀ ଘରୁ କେତେ କଳାକାର, କେତେ ଶିଳ୍ପୀ ପୃଥିବୀପ୍ରଖ୍ୟାତ ହୋଇପାରିଛନ୍ତି । ଖଲ୍ଲିକୋଟ ଏଇ କଳାସଂସ୍କୃତିର ଆଧୁନିକ ଏନ୍ଟୁଡ଼ିଶାଳ । କିନ୍ତୁ କାହିଁ, କର୍ପୂର ଉଡ଼ିଗଲା ପରେ କନାକୁ ବି ଅନାଉଛି କିଏ ?

ଦକ୍ଷିଣ ଓଡ଼ିଶା ତନ୍ତ୍ରଭୂମି । ଏହି ତନ୍ତ୍ରଭୂମିର ମନ୍ତ୍ର ଆଜି ମସୀଲିପ୍ତ । ଗାଆଁଗାଆଁରେ ଗ୍ରାମଦେବତୀର ଦେଉଳସବୁ ଦିଶୁଛି ଅସ୍ଥିକଙ୍କାଳସାର ଅସ୍ତିତ୍ୱ ପରି । ଦିଅଁମାନେ ଶୋଇପଡିଛନ୍ତି ପଥରବେଦିରେ । ଆଉ ଶୁଭୁନାହିଁ ପ୍ରେରଣାର ପୂରବୀ : ଭାଷା ଛଂଦର ଭୈରବୀ ।

ଏ ଭୂମି ହେଉଛି ସଂସ୍କୃତିର ସଂଗମକ୍ଷେତ୍ର। ଏଠି ଏକାଧାରରେ ସାମନ୍ତବାଦୀ ସାହିତ୍ୟ ଓ ଆଦିବାସୀ ଲୋକସାହିତ୍ୟର ଯୁଗନଦ୍ଧ ଅଭିବ୍ୟକ୍ତି ଉଲ୍ଲେଖଯୋଗ୍ୟ । ଭଂଜଭୂମି ଗଂଜାମରେ ରୀତିକାବ୍ୟର ମହାସମୁଦ୍ର ଉଚ୍ଛୁଳି ଉଠିଥିଲାବେଳେ ଆଦିଭୂମି କୋରାପୁଟର ପବନରେ ଲହରି ସୃଷ୍ଟି କରିଛି ଆଦିବାସୀ ସାହିତ୍ୟର ପ୍ରାଣସ୍ପନ୍ଦନ । ଓଡ଼ିଆ ଭାଷାକୁ ମହାର୍ଘ ମାନ୍ୟତା ପ୍ରଦାନ କରିବାରେ ଦକ୍ଷିଣ ଓଡ଼ିଶାର ଅବଦାନ ଅବିସ୍ମରଣୀୟ । ଅଥଚ ମାତୃଭାଷାର ମର୍ଯ୍ୟାଦା ପାଇଁ ମିନିଟିଏ ଚିନ୍ତନ କି ଚର୍ଚ୍ଚା କାହିଁ ? ଆଜି ତାମିଲ୍, ତେଲଗୁ, ମାଲୟାଲମ୍ କନ୍ନଡ଼ ସମେତ ସଂସ୍କୃତ ଭାଷା ନିଜନିଜର ମାନ୍ୟତା ଦାବୀରେ କେନ୍ଦ୍ରରୁ ଶହେକୋଟି ଲେଖାଏଁ ଆର୍ଥିକ ଅନୁଦାନ ପାଇସାରିଲେଣି, ମାତ୍ର ଆମର ନିଦ ଭାଙ୍ଗି ପାରିଲାନାହିଁ ଏଯାଏଁ । ସାଧାରଣ ଓଡ଼ିଆ ଭାଷାକୁ ମାନ୍ୟତାସଂପନ୍ନ ଏକ ମାନକ ମହାଭାଷାରେ ପରିଣତ କରିସାରିଥିବା ଦକ୍ଷିଣ ଓଡ଼ିଶା ଆଜି ଦାବୀଦାର୍ - କେନ୍ଦ୍ରରୁ ଓଡ଼ିଆ ଭାଷା ପାଇଁ ଶହେକୋଟି ଟଙ୍କା ଆଦାୟ କ୍ଷେତ୍ରରେ । ଏଥିପାଇଁ ଅବିଳମ୍ବେ ଆରମ୍ଭ ହେଉ କ୍ଷେତ୍ରପ୍ରସ୍ତୁତିର ପର୍ବ । ଦକ୍ଷିଣ ଓଡ଼ିଶାରେ ପ୍ରଥମେ ପ୍ରତିଷ୍ଠା ହେଉ ଓଡ଼ିଶାର ସାଂସ୍କୃତିକ ରାଜଧାନୀ । ବିଦ୍ୱାନ, ବୁଦ୍ଧିଜୀବୀ, ବାଗ୍ମୀବର୍ଗ ଏକଜୁଟ ହୁଅନ୍ତୁ ଏବଂ ଏହି ମହତ ଲକ୍ଷ୍ୟ ଓ ଲୟ ନିମନ୍ତେ ପରମ ଶୁଭେଚ୍ଛୁ ଭୂମିକାରେ ଅବତୀର୍ଣ୍ଣ ହୁଅନ୍ତୁ ଏ ମାଟିର ଅଭୁଲା ରାଜବଂଶ । ଏଠୁ ଦାବୀର ଫର୍ଦ୍ଦ ପଢ଼ାହେଲେ ଯାଇ ଓଡ଼ିଶା ସରକାରଙ୍କ କୁମ୍ଭକର୍ଣ୍ଣୀ ନିଦ୍ରାର ଅନ୍ତ ଘଟିବ ନିଶ୍ଚୟ ।

ଆଜି ଆଉଥରେ ଏକ ଜୋର୍‌ଦାର୍ ଭାଷାଆଂଦୋଳନର ସମୟ ପହଞ୍ଚିଛି । ଦକ୍ଷିଣ ଓଡ଼ିଶା ନିକଟରୁ ଏହାର ନିର୍ଭରଯୋଗ୍ୟ ନେତୃତ୍ୱ ଦାବୀ କରୁଛି ମୁଁ।


+ ଯାଜପୁର ରୋଡ, ଯାଜପୁର
ମୋ : ୯୮୬୧୦୩୪୧୬୩

ଧ୍ୱନି ପ୍ରତିଧ୍ୱନି

# ତମ୍ବାପାତ୍ରର ପାଣି ଫାଇଦା

**ପ୍ରତିଦିନ ପର୍ଯ୍ୟପ୍ତ ପରିମାଣରେ ପାଣି ପିଇବା ସ୍ୱାସ୍ଥ୍ୟ ପାଇଁ ଏକ ଉତ୍ତମ ଅଭ୍ୟାସ । ସୁସ୍ଥତା ପାଇଁ ଆମ ଶରୀର ଦୈନିକ ୮ରୁ ୧୦ଗ୍ଲାସ୍ ପାଣି ଆବଶ୍ୟକ କରେ । ଆୟୁର୍ବେଦ ଅନୁସାରେ ତମ୍ବାପାତ୍ରରେ ଥିବା ପାଣି ପିଇଲେ ଶରୀରରେ ଥିବା ବିଷାକ୍ତ ତତ୍ତ୍ୱ ନିଷ୍କାସିତ ହୁଏ ଏବଂ ଶରୀରକୁ ସୁସ୍ଥ ରଖିବାରେ ସହାୟକ ହୁଏ । ତେଣୁ ପ୍ରତିଦିନ ରାତିରେ ଏକ ତମ୍ବାପାତ୍ରରେ ପାଣି ରଖି ଅତିକମରେ ୮ଘଣ୍ଟା ରହିବା ଉଚିତ**



୧. ଏହା ନିୟମିତ ପିଇଲେ ତ୍ୱଚା ଉପରେ ବାର୍ଦ୍ଧକ୍ୟର ପ୍ରଭାବ ପଡ଼ିବ ନାହିଁ ।

୨.ଥାୟରେକ୍ସିନ ନାମକ ହରମୋନର ଅସନ୍ତୁଳନ ଯୋଗୁ ଥାୟରଏଡ୍ ହୋଇଥାଏ । ତମ୍ବାପାତ୍ରରେ ଥିବା ପାଣି ତାକୁ ନିୟନ୍ତଣ କରିବା ସହ ଏହି ରୋଗର ଆଶଙ୍କାକୁ ଦୂର କରେ ।

୩. ବିଶୃଙ୍ଖଳିତ ଜୀବନ ଶୈଳୀ ଏବଂ ଅନିୟନ୍ତିତ ଖାଦ୍ୟାଭ୍ୟାସ ତଥା ଅନ୍ୟାନ୍ୟ କାରଣରୁ ବର୍ତ୍ତମାନ ଆଣ୍ଠୁଗଣ୍ଠି ବାତ ଏକ ସାଧାରଣ ରୋଗରେ ପରିଣତ ହେଲାଣି । ଯୁବକାବସ୍ଥାରେ ମଧ୍ୟ ଦେଖାଦେଉଛି । ଏହାର ମୁଖ୍ୟ କାରଣ ୟୁରିକ ଏସିଡ଼ । ଏହି ପାଣି ନିୟମିତ ପିଇଲେ ଏହା ନିୟନ୍ତିତ ହୁଏ ଏବଂ ଯନ୍ତ୍ରଣା ଲାଘବ ହୁଏ ।

୪. ଲୋକଙ୍କ ଧାରଣା, ବିଶେଷକରି ମହିଳାମାନେ ଭାବନ୍ତି ଯେ ଦାମୀ ପ୍ରସାଧନ ସାମଗ୍ରୀ ବ୍ୟବହାର କଲେ ଚର୍ମ ନୀରୋଗ ଏବଂ ସୁସ୍ଥ ରୁହେ । ଏପରିକି ତ୍ୱଚାର ଔଜ୍ୱଲ୍ୟ ବୃଦ୍ଧି ପାଏ ବୋଲି ସେମାନେ ବିଶ୍ୱାସ କରନ୍ତି, ମାତ୍ର ଏହା ଏକ ଭ୍ରାନ୍ତ ଧାରଣା । ଯଦି ଆପଣ ତମ୍ବାପାତ୍ରରେ ଅତିକମରେ ୧୦ଘଣ୍ଟା ଥିବା ପାଣି ପ୍ରତିଦିନ ପିଅନ୍ତି, ତା ହେଲେ ତାର ପ୍ରଭାବ ନିଜେ ଦେଖି ପାରିବେ ।

୫.ହୃଦରୋଗ ପରି ଏକ ମାରାତ୍ମକ ରୋଗ ଏବେ ସାଧାରଣ ହେଲାଣି । କେବଳ ଭାରତ ନୁହେଁ, ସାରା ପୃଥିବୀରେ ପ୍ରତିବର୍ଷ ଏହି ରୋଗ ବହୁ ଲୋକଙ୍କ ଜୀବନ ନେଉଛି । ଏହାର ମୁଖ୍ୟକାରଣ ଅବସାଦ ଓ ମାନସିକ ଚାପ । ଏହି ପାଣି କୋଲେଷ୍ଟରଲକୁ ନିୟନ୍ତର କରିବା ସହ ରାକ୍ତସଞ୍ଚାଳନକୁ ସ୍ୱାଭାବିକ କରେ ।

୬.ଆଜିକାଲି ଭାରତରେ ୩୦ରୁ ଅଧିକ ବୟସର ମହିଳାମାନେ ଏନିମିଆ ବା ରକ୍ତହୀନତାରେ ଆକ୍ରାନ୍ତ ହେଉଛନ୍ତି । ଏହି ପାଣି ଶରୀରରେ ନୂତନ ରକ୍ତ ସୃଷ୍ଟି କରିବାରେ ସହାୟକ ହୁଏ । ଏହା ରକ୍ତ ଓ ପିତ୍ତ ମଧ୍ୟରେ ସନ୍ତୁଳନ ରକ୍ଷା କରେ। ଫଳରେ ତତଜନିତ କାରଣରୁ ସୃଷ୍ଟି ହେଉଥିବା ରୋଗ ହୁଏ ନାହିଁ ।

୭.ଓଜନ କମ କରିବାରେ ସହାୟକ । ଏହା ଶରୀରରେ ଥିବା ହାନିକାରକ ବ୍ୟକ୍ଟେରିଆଗୁଡ଼ିକ ନଷ୍ଟ କରିଦିଏ ।

# ଶୟନକକ୍ଷ ଓ ସୁଖୀ ଦାମ୍ପତ୍ୟ

ପତି ଓ ପତ୍ନୀ । ଗୋଟିଏ ରଥର ଦୁଇଟି ଚକ । ଏ କଥା କିଏ ନ ଜାଣେ ? ତେବେ ଉଭୟଙ୍କ ଚିନ୍ତା, ଚେତନା, ଆଚରଣ ମଧ୍ୟରେ ସାମଞ୍ଜସ୍ୟ ରହିବା ଜରୁରୀ । ମନ ଓ ମତ ମଧ୍ୟ ସମାନ ହେବା କଥା ଏହା ଦାମ୍ପତ୍ୟ ସମ୍ପର୍କକୁ ଦୃଢ଼ କରିବା ସହ ପରସ୍ପର ପ୍ରତି ସ୍ନେହ, ପ୍ରେମ, ଶ୍ରଦ୍ଧା ଓ ସମ୍ମାନ ବୃଦ୍ଧି କରେ । ପତିଙ୍କ ମଧ୍ୟରେ ସୁସମ୍ପର୍କ ରହିଲେ ଜୀବନ ସରଳ ଓ ସାବଲୀଳ ହୁଏ ।ସୁଖୀ ଦାମ୍ପତ୍ୟ ଶାନ୍ତି, ସୌହାର୍ଦ୍ଦ୍ୟ ଓ ସମ୍ପନ୍ନତାର ପ୍ରତୀକ । ଅନେକ କ୍ଷେତ୍ରରେ ଦେଖିବାକୁ ମିଳେ ଯେ ପତି-ପତ୍ନୀଙ୍କ ମଧ୍ୟରେ ଭାବଗତ ସମ୍ପର୍କ ଦୃଢ଼ ଥିଲେ ମଧ୍ୟ ବ୍ୟବହାରିକ ସମ୍ପକ ଭଲ ନଥାଏ । ଏହାର କାରଣ ଖୋଜିଲେ ମିଳେ ନାହିଁ। ଯଦି ଆପଣ ସେମିତି କିଛି ଅନୁଭବ କରୁଛନ୍ତି, ତା ହେଲେ ନିମ୍ନଲିଖିତ ବାସ୍ତୁ ଟିପସ ଅନୁସରଣ କରିଥରେ ପରୀକ୍ଷା କରି ଦଖନ୍ତି । କାରଣ ବାସ୍ତୁବିତମାନଙ୍କ ମତରେ ବାସ୍ତୁ ସମ୍ପର୍କକୁ ମଧ୍ୟ ପ୍ରଭାବିତ କରେ ।





♦ଶୟନକକ୍ଷରେ ଛୋଟ ଶିଶୁଙ୍କ ଆକର୍ଷଣୀୟ ଫଟୋ ବା ପେଣ୍ଟିଂ ଟାଙ୍ଗନ୍ତୁ । ତେବେ ଭୁଲରେ କାନ୍ଦୁରା ଶିଶୁ ବା କାନ୍ଦୁଥିବା ଶିଶୁଙ୍କ ଫଟୋ କି ଲଗାନ୍ତୁ ନାହିଁ । ଏହା ଓଲଟା ପ୍ରଭାବ ପକାଇବ ।

♦ଲାଲରଙ୍ଗ ଶୟନକକ୍ଷ ପାଇଁ ମଙ୍ଗଳକାରକ । ତେଣୁ ନାଲି ରଙ୍ଗର ବେଡସିଟ୍, ପିଲୋକଭର ବ୍ୟବହାର କରନ୍ତୁ । ନାଲି ମହମବତି, ନାଲି କ୍ରିଷ୍ଟାଲ ପ୍ରଭୃତି ରଖନ୍ତୁ ।

♦ଶୟନ କକ୍ଷରେ ଟିଭି, କମ୍ପ୍ୟୁଟର ନକାରାତ୍ମକ ପ୍ରଭାବ ପକାଏ । ଏହା ସମ୍ପର୍କକୁ ମଧ୍ୟ ପ୍ରଭାବିତ କରେ । ତେଣୁ ଏଗୁଡ଼ିକୁ ରଖନ୍ତୁ ନାହିଁ । ଶୟନ କକ୍ଷରେ ଯଦି ପୂର୍ବଜ ବା ସ୍ୱର୍ଗୀୟ ସମ୍ପର୍କୀୟଙ୍କ ଫଟୋ ଥାଏ, ତାହେଲେ ଶୀଘ୍ର ସେଗୁଡ଼ିକ ବାହାର କରନ୍ତୁ । ଉକ୍ତ ସ୍ଥାନରେ ଠାକୁରଙ୍କ ଫଟୋ ରଖିନାରନ୍ତି ।

♦ପଲଙ୍କରେ ଦୁଇଟି ଗଦି ପରିବର୍ତ୍ତେ ଗୋଟିଏ ଗଦି ପକାନ୍ତୁ । ଦୁଇଟି ଗଦ୍ଧି ଉଭୟଙ୍କ ମଧ୍ୟରେ ବିଭେଦ ଓ ସନ୍ଦେହ ସୃଷ୍ଟି କରେ ।

ଫଲଦାନିରେ ପ୍ରତିଦିନ ନାଲି ଗୋଲାପ ରଖନ୍ତୁ ।

ଶୟନକକ୍ଷ ପାଇଁ ହାଲୁକା ରଙ୍ଗ ଉପାଦେୟ ।

# ଷ୍ଟ୍ରେସଠାରୁ ଦୂରେଇ ରୁହନ୍ତୁ



ଆମଦେଶରେ ପ୍ରାୟ ୨୦ରୁ ୩୦ ପ୍ରତିଶତ ଲୋକଙ୍କଠାରେ ମାନସିକ ଚାପ ଜନିତ ସମସ୍ୟା ଦେଖା ଦେଉଛି । ଛୋଟ ପିଲାଙ୍କ ଠାରୁ ଆରମ୍ଭ କରି ବୟସ୍କ ବ୍ୟକ୍ତିଙ୍କ ପର୍ଯ୍ୟନ୍ତ ସମସ୍ତେ ମାନସିକ ଚାପର ସମ୍ମୁଖୀନ ହେଉଛନ୍ତି । ଛାତ୍ରଅଛାତ୍ରୀଙ୍କ ଉପରେ ପାଠପଢ଼ା ଓ ପରୀକ୍ଷାରେ ଅଧିକ ନମ୍ବର ରଖିବା ପାଇଁ ମାନସିକ ଚାପ ପଡୁଛି । ସେହିପରି ଚାକିରି କ୍ଷେତ୍ରରେ ଅତ୍ୟଧିକ କାର୍ଯ୍ୟଭାର ଓ ବ୍ୟବସାୟ କ୍ଷେତ୍ରରେ ଅତ୍ୟଧିକ ପ୍ରତିଦ୍ୱନ୍ଦିତା ମୂଳକ ମନୋଭାବ ରଖି କାମ କରିବା ଦ୍ୱାରା ମାନସିକ ଚାପ ସୃଷ୍ଟି ହେଉଛି । ଏକ ସାଙ୍ଗରେ ବହୁତ ଗୁଡେ କାମ କରିବା ଦ୍ୱାରା ମଧ୍ୟ ମାନସିକ ଚାପ ବୃଦ୍ଧି ପାଉଛି । ଆଜି କାଲିର ଆଧୁନିକ ଜୀବନଶୈଳୀ ମଧ୍ୟ କେତେକାଂଶରେ ମାନସିକ ଚାପ ଆରମ୍ଭର କାରଣ ହୋଇ ପାରେ । ଅତ୍ୟଧିକ ମାନସିକ ଚାପ ଯୋଗୁଁ ନାନା ପ୍ରକାରର ଲକ୍ଷଣମାନ ଦେଖାଯାଇଥାଏ । ଏଥିଯୋଗୁ ମନ ଅସ୍ଥିର, ବ୍ୟସ୍ତ ଓ ବିଚଳିତ ରହେ, ଛୋଟ ଛୋଟ କଥାରେ ଚିଡ଼ିଚିଡ଼ା ଲାଗେ, ସଠିକଭାବରେ କୌଣସି ନିଷ୍ପତ୍ତି ନେଇ ହୁଏ ନାହିଁ ଏବଂ ସ୍ମରଣ ଶକ୍ତି ହ୍ରାସ ପାଇଥାଏ । କିଛି ଲୋକଙ୍କ ଠାରେ ମାନସିକ ଚାପ ଯୋଗୁଁ ଅଧିକାଂଶ ସମୟ ମୁଣ୍ଡ ବିନ୍ଧା ଓ ପିଠି ବିନ୍ଧା ଲାଗି ରହିଥାଏ । ନିଜର କାର୍ଯ୍ୟଦକ୍ଷତା ଧୀରେଧୀରେ ହ୍ରାସ ପାଏ । ଭୋକ ଓ ନିଦ କମିଯାଏ । ସକାଳୁ ଉଠିଲେ ସତେଜ ଲାଗେ ନପାହିଁ । ଅଧିକ ଦିନ ପର୍ଯ୍ୟନ୍ତ ମାନସିକ ଚାପ ଲାଗି ରହିଲେ ନାନା ପ୍ରକାରର ମାନସିକ ଚାପ ଲାଗି ରହିଲେ ନାନା ପ୍ରକାରର ମାନସିକ ସମସ୍ୟା ଯଥା ଡିପ୍ରେସନ, ଆଙ୍ଗଜାଇଟି, ଉନ୍ମାଦ ରୋଗ, ସାଇକୋସିସ ଆସି ଆରମ୍ଭ ହୋଇପାରେ । କିଛି ଲୋକଙ୍କ ଠାରେ ଧୀରେଧୀରେ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଇ ଥାଏ ଓ ବିଭିନ୍ନ ପ୍ରକାରର ସଂକ୍ରମଣ ବାରମ୍ବାର ଦେଖା ଯାଇଥାଏ । ଯେଉଁ ଡାଇବେଟିସ ରୋଗୀମାନେ ଦୀର୍ଘ ଦିନ ପର୍ଯ୍ୟନ୍ତ ମାନସିକ ଚାପର ସମ୍ମୁଖୀନ ହୋଇଥାନ୍ତି ସେମାନଙ୍କର ବ୍ଲଡ ସୁଗାର ନିୟନ୍ତ୍ରଣରେ ରହିବା କଷ୍ଟକର ହୋଇଥାଏ ।

# ଅପବ୍ୟୟ

**ଆୟ ଯଥେଷ୍ଟ ହେଉଛି, ହେଲେ ଆଣ୍ଟୁ ନାହିଁ । ସଞ୍ଚୟ ତ ଦୂରର କଥା ଘର ଖର୍ଚ୍ଚକୁ ବି ନିଅଣ୍ଟ ହେଉଛି । ଅଦରକାରୀ ଖର୍ଚ୍ଚ ବଢ଼ିବଢ଼ି ଚାଲିଛି । ଯେତେ ଚେଷ୍ଟା କଲେ ବି ବ୍ୟୟ କମୁ ନାହିଁ । ମୋଟାମୋଟି ଭାବରେ କହିଲେ ଆୟ ତୁଳନାରେ ବ୍ୟୟ ଅଧିକ ହେଉଛି । ଏହାର କାରଣ ବାସ୍ତୁଦୋଷ ହୋଇପାରେ । ବାସ୍ତୁ ନିମ ଅନୁସାରେ ଏହି ସମସ୍ୟା ଦୂର ହୋଇପାରେ । ନିମ୍ନଲିଖିତ କିଛି ବାସ୍ତୁ ଉପାୟ ପରୀକ୍ଷା କରି ଦେଖନ୍ତୁ, ସମସ୍ୟା ଦୂର ହୋଇପାରେ ।**




■ଟଙ୍କା କେଉଁଠି ରଖୁଛନ୍ତି ? ଆଲମିରା ନ । ଟ୍ରେଜେରି ? ଯେଉଁଠି ବି ରଖନ୍ତୁ, ଏତିକି ଦେଖନ୍ତୁ ଉକ୍ତ ସ୍ଥାନ ଉପରେ କିଛି ଜିନିଷ ବା ବସ୍ତୁ ରହିଛି କି । ଯଦି ଥାଏ, ତା ହେଲେ ବାହାର କରି ଦିଅନ୍ତୁ ଉକ୍ତ ସ୍ଥାନ ଉପରେ କିଛି ଜିନିଷ ବା ବସ୍ତୁ ରହିଛି କି । ଯଦି ଥାଏ, ତା ହେଲେ ବାହାର କରିଦିଅନ୍ତୁ କାରଣ ବାସ୍ତୁଶାସ୍ତ୍ର ଅନୁସାରେ ଆଲମିରା ବା ଟ୍ରେଜେରିର ଉପରି ଭାଗ ସମ୍ପୂର୍ଣ୍ଣ ଖାଲି ରହିବା ଉଚିତ୍ । ଯଦି ଉପର ଥାକରେ ଟଙ୍କା ରଖୁଛନ୍ତି ତାକୁ ଦ୍ୱିତୀୟ ଥାକରେ ରଖନ୍ତୁ ।

■ ଆଲମିରା ବା ଟ୍ରେଜେରିର ମୁହଁ ଉତ୍ତର ଦିଗକୁ ରହିବା ଉଚିତ । ଏହା ଖର୍ଚ୍ଚକୁ ଶୃଙ୍ଖଳିତ କରେ । ଯଦି ଅନ୍ୟ ଦିଗକୁ ଥାଏ, ତାହେଲେ ଯଥାଶୀଘ୍ର ତାକୁ ଉତ୍ତର ମୁହାଁ କରନ୍ତୁ ।

■ ଶୟନକକ୍ଷର ଦ୍ୱାର ସମ୍ମୁଖରେ ଥିବା କାନ୍ଥର ବାମ ପାର୍ଶ୍ୱ ଭାଗ୍ୟ ଓ ସମ୍ପତିର କ୍ଷେତ୍ର । ଏଠାରେ କୌଣସି ଧାତୁ ଦ୍ରବ୍ୟ ରହିଲେ ଉତ୍ତମ ଫଳ ପ୍ରଦାନ କରେ । ତେଣୁ କାନ୍ଥର ସେଇ ସ୍ଥାନରେ କିଛି ଧାତୁ ନିର୍ମିତ ଜିନିଷ ଲଗାନ୍ତୁ।

■ ଘରର କୌଣସି ସ୍ଥାନରେ ଆବର୍ଜନା ରଖନ୍ତୁ ନାହିଁ । ଏହାର ସ୍ଥାନ ଘର ବାହାରେ ଭଙ୍ଗା ବାସନ, ଭଙ୍ଗା ଦର୍ପଣ , ଭଙ୍ଗାକାଚ ବସ୍ତୁ, ଚିରା କପଡ଼ା, ଅବ୍ୟବହୃତ ସାମଗ୍ରୀ ପ୍ରଭୃତି ଘରେ ରହିବା ହାନିକାରକ । ବହୁ ଲୋକ ଏହାକୁ ଶିଡ଼ି ତଳେ ରଖିବାକୁ ପସନ୍ଦ କରନ୍ତି । ସେ ଭୁଲ କରନ୍ତୁ ନାହିଁ । ଘରର ସମସ୍ତ କୋଠରି ଓ କୋଣଗୁଡ଼ିକୁ ପ୍ରତିଦିନ ସଫା କରନ୍ତୁ ଶିଡ଼ି ତଳେ ଥିବା ସ୍ଥାନକୁ ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ ।

■ ଜଳ ନିଷ୍କାସନ ପାଇଁ ଥିବା ନାଳ କେଉଁ ଦିଗରେ ରହିଛି ତାହା ଲକ୍ଷ୍ୟ କରନ୍ତୁ । ଯଦି ପୂବ ବା ଉତ୍ତର ଦିଗକୁ ଥାଏ ତା ହେଲେ ତାକୁ ବଦଳାଇ ପୂର୍ବ ବା ଉତ୍ତରମୁହାଁ କରନ୍ତୁ ।

# ଭାବୁକ ହେଲେ ଧର୍ମେନ୍ଦ୍ର



ବଲିଉଡର ହି-ମ୍ୟାନ ଭାବେ ଜଣାଯାଉଥିବା ଧର୍ମେନ୍ଦ୍ର ବିଶେଷ ଅବସରରେ ସୋସିଆଲ ସାଇଟରେ କିଛି ନା କିଛି ପୋଷ୍ଟ କରନ୍ତି । ଗତ ରାଖି ପୂର୍ଣ୍ଣିମା ଅବସରରେ ସେ ନିଜ ପୁରୁଣା ସ୍ମୃତିକୁ ସାଉଁଟିଥିଲେ । କ୍ୟାରିୟରର ଆରମ୍ଭ ସମୟରେ ଧର୍ମେନ୍ଦ୍ର ଖୁବ୍ ପରିଶ୍ରମ କରିଥିଲେ । ସେ ସମୟରେ ତାଙ୍କ ରୋଜଗାର ଭଲ ନଥିଲା । ରହିବା ପାଇଁ ଘରଟେ ନଥିଲାବେଳେ ଭଡ଼ା ଘର ପାଇଁ ମଧ୍ୟ ତାଙ୍କର ସାମର୍ଥ୍ୟ ନଥିଲା । ରେଲଷ୍ଟେସନ ରାସ୍ତା କଡ଼ରେ ରହିବା ଛଡ଼ା ଧର୍ମେନ୍ଦ୍ରଙ୍କ ପାଖେ ଅନ୍ୟ ଉପାୟ ନଥିଲା । ସେଇ ସମୟରେ ହଠାତ୍ ଦିନେ ମୁମ୍ବାଇରେ ତାଙ୍କ ଗାଁ ପାଖ ସମ୍ପର୍କୀୟ ଭଉଣୀ ନୀତା ସିଂଙ୍କ ସହ ତାଙ୍କର ଭେଟ ହେଲା । ଧର୍ମେନ୍ଦ୍ରଙ୍କ ଦୟନୀୟ ପରିସ୍ଥିତି ଦେଖି ନୀତା ବ୍ୟତିବ୍ୟସ୍ତ ହୋଇଗଲେ । ସେ ମାଟୁଙ୍ଗା ରେଲଷ୍ଟେସନ ନିକଟବର୍ତ୍ତୀ ରେଳ କ୍ୱାର୍ଟରରେ ନିଜ ସ୍ୱାମୀଙ୍କ ସହ ରହୁଥିଲେ । ସ୍ୱାମୀଙ୍କ ଅନୁମତିନେଇ ସେ ଧର୍ମେନ୍ଦ୍ରଙ୍କୁ ନିଜ ଘରେ ରଖିବାର ବନ୍ଦୋବସ୍ତ କଲେ । ଭଉଣୀ ନୀତାଙ୍କର ସେ ଏଇ ସାହାଯ୍ୟ ପାଇଁ ଧର୍ମେନ୍ଦ୍ର ଆଜୀବନ ଋଣୀ ପୂର୍ଣ୍ଣିମାରେ ଧର୍ମେନ୍ଦ୍ର ଯେତେ କାମ ଥିଲେ ମଧ୍ୟ ଭଉଣୀ ନୀତାଙ୍କୁ ଭେଟିବାକୁ ନିଶ୍ଚୟ ଯାନ୍ତି। ପୁରୁଣା ଦିନର ସେଇ ଫଟୋକୁ ସୋସିଆଲ ସାଇଟରେ ଶେୟାର କରି ଭାବୁକ ହୋଇଥିଲେ ଧର୍ମେନ୍ଦ୍ର ।

# ସୁନ୍ଦରବନ







ସୁନ୍ଦରବନ ହେଉଛି ବିଶ୍ୱର ସର୍ବ ବୃହତ ହେନ୍ତାଳ ବନ । ଗଙ୍ଗା, ବ୍ରହ୍ମପୁତ୍ର ଓ ମେଘନା ନଦୀର ଅବବାହିକାକୁ ନେଇ ପଶ୍ଚିମବଙ୍ଗର ପ୍ରଗଣା ଜିଲ୍ଲାକୁ ଲାଗି ବଙ୍ଗୋପସାଗର କୂଳରେ ରହିଛି୧୦ହଜାର ବର୍ଗ କି.ମି ପରିବ୍ୟାପ୍ତ ଏହି ସୁନ୍ଦରବନ ।

ଦକ୍ଷିଣ ଭାଗରେ ଗଙ୍ଗା ନଦୀର ସୁନ୍ଦରବନ ଡେଲଟା କ୍ଷେତ୍ରରେ ସ୍ଥିତ ଏକ ରାଷ୍ଟ୍ରୀୟ ଉଦ୍ୟାନ, ବାଘ ସଂରକ୍ଷଣ କ୍ଷେତ୍ର ଏବଂ ବାୟୋସ୍ଫିଅର ରିଜର୍ଭ କ୍ଷେତ୍ର ଅଟେ । ନିକଟରେ ହୋଇଥିବା ଅଧ୍ୟନରୁ ଜଣାପଡ଼ିଛି ଯେ ଏହି ରାଷ୍ଟ୍ରୀୟ ଉଦ୍ୟାନରେ ବାଘ ସଂଖ୍ୟା ୧୦୩ ଅଟେ । ଏଠାରେ ପକ୍ଷୀ, ସରୀସୃପ ତଥା ମେରୁଦଣ୍ଡ ବିହୀନ ପ୍ରାଣୀ ଅନେକ ପ୍ରଜାତିର ଦେଖାଯାଇଥାନ୍ତି । ଏହା ବ୍ୟତୀତ ଏହଠାରେ କୁମ୍ଭୀର ମଧ୍ୟ ଦେଖାଯାଆନ୍ତି ବର୍ତ୍ତମାନର ସୁନ୍ଦରବନ ରାଷ୍ଟ୍ରୀୟୁଦ୍ୟାନ ୧୯୭୩ରେ ବନ୍ୟ ଜୀବ ଅଭୟାରଣ୍ୟ ଘୋଷିତ ହୋଇଥିଲା । ଏହାକୁ ୪ମେ ୧୯୮୪ ମସିହାରେ ରାଷ୍ଟ୍ରୀୟ ଉଦ୍ୟାନ ଭାବରେ ଘୋଷଣା କରାଯାଇଥିଲା ।

ସୁନ୍ଦରବନ ୫୪ଟି ଛୋଟ ଦ୍ୱୀପର ସମୂହ ଅଟେ । ସୁନ୍ଦରବନ ମହାବଳ ବାଘମାନଙ୍କର ବାସସ୍ଥାନ ଅଟେ ।

ଏଠାରେ ଅନେକ ଲୋକ ବାଘମାନଙ୍କର ଶୀକାର ହେଉଛନ୍ତି । ବିଶେଷଜ୍ଞଙ୍କ କହିବା ଅନୁସାରେ ଜଳବାୟୁ ପରିବର୍ତ୍ତର କାରଣରୁ ଏଠାରେ ମନୁଷ୍ୟ ଓ ବାଘ ନିକଟତର ହେବାକୁ ପଡ଼େ । ଏପରି ପରିସ୍ଥିତିରେ ଲୋକମାନଙ୍କ ଉପରେ ବାଘଙ୍କର ଆକ୍ରମଣ ବଢ଼ିଥାଏ । ମସ୍ୟଜୀବୀ, ମହୁ ସଂଗ୍ରହ କରୁଥିବା ଲୋକ ଓ ଶିକାରୀମାନେ ଜଙ୍ଗଲର ଭିତର ପାଖକୁ ଚାଲିଯାନ୍ତି । ଜଙ୍ଗଲ ଅଧିକାରୀମାନେ ମଧ୍ୟ ଜଙ୍ଗଲର ଭିତର ପାଖକୁ ଚାଲିଯାନ୍ତି ।



### ବନାନୀ ରିସୋର୍ଟ:

ସୁନ୍ଦରବନର ସବୁଠାରୁ ସୁନ୍ଦର ରିସୋର୍ଟ ଭାବରେ ବନାନୀ ରିସୋର୍ଟ ପରିଚିତ । ଏହା ପଖିରାଲା ଦ୍ୱୀପରେ ଅବସ୍ଥିତ । ଗୋସାବାରୁ ଏହା ୮କିମି ଦୂର । ଗୋସାବା ସୁନ୍ଦରବନର ଶେଷ କ୍ଷେତ୍ର । ଏହା ପରେ ସୁନ୍ଦରବନର ଘନ ଜଙ୍ଗଲ ଆରମ୍ଭ ହୋଇଥାଏ ।

### ଚିତଲ ଟୁରିଷ୍ଟ ଲଜ:

ଚିତଲ ଟୁରିଷ୍ଟ ଲଜ ଏକ ସରକାରୀ ଲଜ ଅଟେ ଓ ପର୍ଯ୍ୟଟକମାନଙ୍କର ରହିବା ପାଇଁ ଏଥିରେ ସୁବିଧା ରହିଛି । ସୁନ୍ଦର ଓ ରୋମାଞ୍ଚକ ବନ୍ୟଜୀବନ ସହିତ ଘନ ଜଙ୍ଗଲମଧ୍ୟରେ ସ୍ଥିତି ଚିତୟ ଟୁରିଷ୍ଟ ଲଜ ରହିବା ପାଇଁ ସବୁଠାରୁ ସୁନ୍ଦର ସ୍ଥାନ ଏହା ବ୍ୟତୀତ ହୋଟେଲ କୃଢଷ୍ଣାକୁଞ୍ଜ ଓ ଜଙ୍ଗଲ କ୍ୟାମ୍ପ ରିରୋର୍ଟ ରହିଛି । ଏହା ସୁନ୍ଦରବନର ମୁଖ୍ୟ ଜଙ୍ଗଲ ଓ ଟାଇଗର ରିଜର୍ଭରେ ସବୁଠାରୁ ନିକଟତମ ରିସୋର୍ଟ ।

### ଗମନାଗମନର ସୁବିଧା:

ଆପଣ ସୁନ୍ଦରବନକୁ ତିନୋଟି ମାର୍ଗ ଦ୍ୱାରା ଯାଇ ପାରିବେ । କୋଲକାତା ସ୍ଥିତ ଦମଦମ ଏୟାରପୋର୍ଟ ସବୁଠାରୁ ନିକଟବର୍ତ୍ତୀ ଏୟାର ପୋର୍ଟ । ଟ୍ରେନରେ ଯିବାକୁ ହେଲେ ଆପଣ ସିୟାଲଦାହ ରେଲୱେ ଷ୍ଟେସନର ସାହାରା ନେବାକୁ ପଡ଼ିବ । ସୁନ୍ଦରବନ ଭଲ ସଡ଼କ ମାଗ ଦ୍ୱାରା କୋଲଗାତା ସହିତ ଯୋଡ଼ା ହୋଇଛି ।

# ଡ୍ରଗିଷ୍ଟ ଏଣ୍ଡ କେମିଷ୍ଟ ଆସୋସିଏସନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡକୁ ୫୧ହଜାର ଟଙ୍କା ସହାୟତା



ଜଳେଶ୍ୱର,୪/୬ (ନି.ପ୍ର): କରୋନାର ଭୟାବହତା ଲାଗି ଚିକିତ୍ସା ଓ ସହାୟତା ଲାଗି ଆଜି ଜଳେଶ୍ୱର ଜୋନ୍‌ର ଡ୍ରଗିଷ୍ଟ ଏଣ୍ଡ କେମିଷ୍ଟ ଏସୋସିଏସନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ କୋଭିଡ୍-୧୯ ରିଲିଫ ଫଣ୍ଡକୁ ୫୧ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରିଛନ୍ତି । ଏହି ଅର୍ଥର ଚେକ୍‌କୁ ଆସୋସିଏସନ ପକ୍ଷରୁ କ୍ଷେତ୍ରମୋହନ ଗିରି, କରୁଣାକର ଭୂୟାଁ, ସମୀର ନନ୍ଦି, ହରିଶଂକର ରାଜ, ରତନ କୁମାର ସେନ୍, ଯଜ୍ଞେଶ୍ୱର ପାତ୍ର, ବିଷ୍ଣୁପଦ ମହାନ୍ତି, ଅନିଲ ପରିଡା, ସେକ୍ ଅକ୍‌ତାର ଅଲ୍ଲି ପ୍ରମୁଖ ମ୍ୟୁନିସିପାଲଟିର କାର୍ଯ୍ୟନିର୍ବାହି ଅଧିକାରୀ ଅଜୟ କୁମାର ମହାପାତ୍ରକୁ ହସ୍ତାନ୍ତର କରିଛନ୍ତି । ସାମ୍ପ୍ରତିକ ସମାଜରେ କରୋନରେ ଆକ୍ରାନ୍ତ କାରୀଙ୍କୁ ସହାୟତା, ଚିକିତ୍ସା, ଓ ବିଭିନ୍ନ ପରୀକ୍ଷା ନିରିକ୍ଷା ପାଇଁ ଏହି ଅର୍ଥ ବିନିଯୋଗ କରାଯିବା ସଂପର୍କରେ ଆସୋସିଏସନ ପକ୍ଷରୁ ଆଜି ଏଠାରେ କୁହାଯାଇଛି ।

## ଅସହାୟ ପରିବାରକୁ ସହାୟତାର ହାତ ବଢ଼ାଇଲା ଆମେ ବିପଦର ସାଥି

କୋରେଇ,୪/୬ (ନି.ପ୍ର): କୋରେଇ ବ୍ଲକ ଅନ୍ତର୍ଗତ ପଥରପଦା ପଂଚାୟତର ନୂଆପଡ଼ା ଗ୍ରାମର ଦୁର୍ଯ୍ୟୋଧନ ଭୂୟାଁ ଏକ ସଡ଼କ ଦୁର୍ଘଟଣାରେ ଆଲିଆ ନିକଟରେ ମୃତ୍ୟୁବରଣ କରିଥିଲେ । ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତିଙ୍କ ମୃତ୍ୟୁ ଫଳରେ ସାରା ପରିବାର ଅସହାୟ ହୋଇପଡ଼ିଥିଲେ । ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଆମେ ବିପଦରେ ସାଥି ସଦସ୍ୟ ମାନେ ଅସହାୟ ପରିବାର ନିକଟରେ ପହଂଚି ସୁଦ୍ଧିକ୍ରିୟା ନିମନ୍ତେ ଶୁଖିଲା ଖାଦ୍ୟ ଆଦି ସେମାନଙ୍କ ଘରେ ପହଂଚାଇଥିଲେ । ଅନୁଷ୍ଠାନର ଏଭଳି କାର୍ଯ୍ୟକୁ ସାଧାରଣରେ ସ୍ୱାଗତ କରାଯାଇଛି ।

# ୟୋହାନସ ବେଲ୍ସ ଓ କେଦାର ମିଶ୍ରଙ୍କ ରଚିତ ଭୀମଭୋଇଙ୍କ ସମ୍ପର୍କରେ ଚର୍ଚ୍ଚା

ବାଲେଶ୍ୱର,୪/୬ (ନି.ପ୍ର): ୟୋହାନସ ବେଲ୍ସ ଓ କେଦାର ମିଶ୍ରଙ୍କ ମିଳିତ ଲେଖନୀରୁ ୨୦୦୮ମସିହାରେ ଭୀମଭୋଇଙ୍କ ସମ୍ପର୍କରେ ଏକ ଗବେଷଣାଗ୍ରନ୍ଥ ରଚିତହୋଇ ପ୍ରକାଶିତ ହୋଇଥିଲା । ଏହି ଗ୍ରନ୍ଥରେ ଭୀମଭୋଇଙ୍କ ଚରିତ୍ର ସଂହାର କରାଯାଇଛି ବୋଲି ଦୀର୍ଘ ୧୨ବର୍ଷ ପରେ କିଛିବ୍ୟକ୍ତିଙ୍କର ଅଭିଯୋଗ ସହ କେଦାର ମିଶ୍ରଙ୍କ ବିରୋଧରେ ବିକ୍ଷୋଦ୍‌ଗାର କରାଯିବା ସଙ୍ଗେ ସଙ୍ଗେ ତାଙ୍କନାମରେ ପୋଲିସ୍ ଥାନାରେ ଏତଲା ପ୍ରଦାନ କରାଯାଉଛି ଓ ତାଙ୍କର କୁଶପୁତ୍ତଳିକା ଦାହ କରାଯାଉଛି । କେଦାର ମିଶ୍ରଙ୍କର ରଚନାର ସତ୍ୟତା ସମ୍ପର୍କରେ ଅନୁଧ୍ୟାନକରି ଓଡ଼ିଶାର ଜଣେ ବହୁଚର୍ଚ୍ଚିତ ପ୍ରତିଭାବାନ୍ କବିଙ୍କର ଚରିତ୍ରକୁ କାହିଁକି ସେ ସଂହାର କଲେ ସେ ସମ୍ପର୍କରେ ଆଲୋଚନା କରିବାପାଇଁ ଓଡ଼ିଆ ଭାଷାବିକାଶ ଆନ୍ଦୋଳନ ତରଫରୁ ଏକ ନେଟ୍ ଭିତ୍ତିକ ଆଲୋଚନା ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ପୌରୋହିତ୍ୟରେ କରାଯାଇଥିଲା । ଏଥିରେ ଫକୀରମୋହନ ସାହିତ୍ୟ ପରିଷଦର ସଭାପତି ଡ. ଶିରୀଶଚନ୍ଦ୍ର ଜେନା ସେହି ଇଂରାଜୀ ଗ୍ରନ୍ଥ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ସହିତ ଭୀମଭୋଇଙ୍କୁ ଉତ୍ତମ ଚରିତ୍ର ସମ୍ପନ୍ନ ଜଣେ ଅତ୍ୟନ୍ତ ପ୍ରତିଭାଶାଳୀ ବ୍ୟକ୍ତିଭାବରେ ବର୍ଣ୍ଣନା କରିଥିଲେ । ୟୋହାନସ ବେଲ୍ସ ଓ କେଦାର ମିଶ୍ରଙ୍କ ରଚିତ ପୁସ୍ତକରେ ଯେଉଁମାନେ ଭୀମ ଭୋଇଙ୍କୁ ଲେଡିକିଲର ବୋଲି କହି ଗାଲୁଗଲ୍ପ ମାରୁଛନ୍ତି ସେମାନଙ୍କୁ ନିନ୍ଦା କରାଯାଇଛି । ଶ୍ରୀ ମିଶ୍ର ତାଙ୍କର ଅନ୍ୟଏକ ରଚନାରେ ଭୀମଭୋଇଙ୍କୁ ସେ ଗଭୀର ଭାବରେ ଭଲପାଆନ୍ତି ଓ ଭକ୍ତି କରନ୍ତି ବୋଲି ସୂଚନା ଦେଇଛନ୍ତି । ଉକ୍ତ ଗ୍ରନ୍ଥରେ ୧୮୮୧ମସିହାରେ ଉତ୍କଳ ଦୀପିକାରେ ରଚିତ ଭୀମଭୋଇଙ୍କ ଜୀବନୀକୁ ନେଇ ଅରୁଚିକର ସମ୍ବାଦକୁ ମଧ୍ୟ ଖଣ୍ଡନ କରାଯାଇଛି । ଶହ ଶହ ପୃଷ୍ଠାର ଗବେଷଣାତ୍ମକ ତଥ୍ୟ ପ୍ରଦାନକରି ଗ୍ରନ୍ଥ ପ୍ରକାଶ କରିବାସହ ପାଠକମାନଙ୍କ ନିକଟରେ ଭୀମଭୋଇଙ୍କ ସମ୍ପର୍କିତ ତଥ୍ୟ ପହଞ୍ଚାଇବାର ଉଦ୍ୟମ ଶ୍ରୀ ମିଶ୍ର କରିଆସୁଛନ୍ତି । ସେଥିପାଇଁ ସେ ଧନ୍ୟବାଦର ପାତ୍ର । ଭୀମଭୋଇଙ୍କ ସମ୍ପର୍କରେ ଗବେଷଣାତ୍ମକ ତଥ୍ୟ ରଚନାକରି ସେ ଯେଉଁ ସମ୍ମାନପାଇବା କଥା ତାହା ନପାଇ ପ୍ରତିବଦଳରେ ତିରସ୍କାର ପାଇବା ଅତ୍ୟନ୍ତ ଦୁଃଖର କଥା । ଏଣୁ ଓଡ଼ିଆ ଭାଷାବିକାଶ ଆନ୍ଦୋଳନ ଓ ଫକୀରମୋହନ ସାହିତ୍ୟ ପରିଷଦ ମିଳିତ ଭାବରେ ପାଠକମାନଙ୍କୁ ଅନୁରୋଧ କରିଅଛନ୍ତି ଯେ ସେମାନେ ଗ୍ରନ୍ଥଟିକୁ ଉତ୍ତମ ରୂପେ ଅଧ୍ୟୟନ କରି ଲେଖକ ମାନଙ୍କର ଚିନ୍ତାଧାରାକୁ ଅବଗତ ହୁଅନ୍ତୁ ଓ ତାଙ୍କ ବିରୋଧରେ ପ୍ରଦତ୍ତ ହୋଇଥିବା ଏତଲାକୁ ପ୍ରତ୍ୟାହୃତ କରି କୁଶପୁତ୍ତଳିକା ଦାହକାର୍ଯ୍ୟରୁ ନିବୃତ୍ତ ରୁହନ୍ତୁ । ଆଲୋଚନାର ପ୍ରାରମ୍ଭରେ ପରଲୋକଗତ ବରିଷ୍ଠ ସାରସ୍ୱତ ସାଧକ ପ୍ରଫେସର ନିତ୍ୟାନନ୍ଦ ଶତପଥୀଙ୍କର ଆତ୍ମାର ସଦ୍‌ଗତିପାଇଁ ଈଶ୍ୱରଙ୍କଠାରେ ପାର୍ଥନା କରାଯାଇଥିଲା । ଏହି ଆଲୋଚନା ଚକ୍ରରେ ଭାଷାବିକାଶ ଆନ୍ଦୋଳନର ସଂପାଦକ ଗାଣ୍ଡିକ ନିବାରଣ ଜେନା ପ୍ରାରମ୍ଭିକ ବକ୍ତବ୍ୟ ରଖିଥିବା ବେଳେ ଯୁଗ୍ମ ସଂପାଦକ ଦୀପକ ବୋଷ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅସହାୟ ଭିନ୍ନକ୍ଷମ ମହିଳାର ଅସରନ୍ତି ଦୁଃଖ : ରାସନ କାର୍ଡ଼ ରହିଛି, ମିଳୁନାହିଁ ରାସନ ସାମଗ୍ରୀ, ସରକାରୀ ସହାୟତା

ବାରିପଦା,୪/୬ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ମୋରଡ଼ା ନିର୍ବାଚନ ମଣ୍ଡଳୀ ଅଧିନସ୍ତ ବେତନଟୀ ଥାନା ଅନ୍ତର୍ଗତ ଭାଲିଆଡ଼ିହା ଗ୍ରାମପଂଚାୟତର କେନ୍ଦୁଛାଟିଆ ଗ୍ରାମରେ ଖଡ଼ିଆ ଜନଜାତି ସମ୍ପ୍ରଦାୟର ବାପ ଓ ମା ଛେଉଣ୍ଡ ୪୪ ବର୍ଷୀୟା ବିକଳାଙ୍ଗ ଯୁବତୀ ବେଙ୍ଗ ଦେହୁରୀ ବସବାସ କରିଆସୁଛନ୍ତି । ପରିବାର କହିଲେ କେବଳ ବେଙ୍ଗ ଦେହୁରୀଙ୍କୁ ବୁଝାଇଥାଏ । ଏକ ଭଙ୍ଗା ଦଦରା ଘରେ ମୁଣ୍ଡ ଗୁଞ୍ଜିଥିବା ବେଳେ ଇନ୍ଦିରା ଗାନ୍ଧୀ ଜାତୀୟ ପେନସନ୍ ଯୋଜନାରେ ପାଉଥିବା ୫ ଶହ ଟଙ୍କା ଭତା ବଂଚି ରହିବାର ଏକ ମାତ୍ର ମାଧ୍ୟମ ପାଲଟିଛି । ବେଙ୍ଗ ଦେହୁରୀଙ୍କୁ ୨୦୧୫ ଅକ୍ଟୋବର ୨୬ରେ ଓଡ଼ିଶା ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ରେସନ ବଂଟନ ପୁସ୍ତିକା । (ନଂ.-୨୨୧୬୦୨୧୦୯୫୦) ମିଳିଥିବା ବେଳେ ୨୦୧୬ ନଭେମ୍ବର ମାସଠାରୁ ରାସନ ସାମଗ୍ରୀ ଚାଉଳ ଓ ୨୦୧୭ ଜାନୁଆରୀ ଠାରୁ କିରୋସିନି ପାଇବାରୁ ବଂଚିତ କରାଯାଇଛି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହେଉ ଅଥବା ବିଜୁ ପକ୍କା ଘର ଯୋଜନାରେ ହେଉ ଏକ ଘର ପାଇବା ନିମନ୍ତେ ଭାଲିଆଡ଼ିହା ପଂଚାୟତ କାର୍ଯ୍ୟାଳୟରେ ବିଭିନ୍ନ ଲୋକମାନଙ୍କ ନିକଟରେ କାକୁତି ମିନତି ଭାବେ ଗୁହାରୀ ଜଣାଇ ଥକି ପଡ଼ିଲେଣି । ଏହି ଅସହାୟ ଭିନ୍ନକ୍ଷମ ମହିଳାଙ୍କ ଅସରନ୍ତି ଦୁଃଖ ଜିଲ୍ଲାପାଳ କ୍ଷମତା ପ୍ରାପ୍ତ ସରପଂଚ ଶୁଣୁଛନ୍ତି ଅଥବା ଗରିବୀର ଦୁଃଖଭରା ଦରଦ ଜିଲ୍ଲା ମୁଖିଆ କିମ୍ବା ଦେଶର ନମ୍ବର ୱାନ ମୁଖ୍ୟମନ୍ତ୍ରୀ ବା ୫ଟି ସଚିବଙ୍କ ନଜରକୁ ଆସିପାରୁଛି । ଏହି ସମୟରେ କରୋନା ମୁକାବିଲା ନିମନ୍ତେ ଗତ ମାର୍ଚ୍ଚ ୨୪ଠାରୁ ଲକ୍ ଡ଼ାଉନ ତାଙ୍କର ଦାରିଦ୍ର୍ୟକୁ ଦ୍ୱିଗୁଣିତ କରିପକାଇ ଥିଲା । ନିଜ ଜୀବନକୁ ବଂଚାଇ ରଖିବା ନିମନ୍ତେ ଦିନ ରାତି ସଂଗ୍ରାମ ଚଳାଇଥିବା ବେଳେ ଗ୍ରାମର ଗୋପାଳ ବାସ୍କେ ଅସହାୟ ବେଙ୍ଗଙ୍କୁ କିପରି ରେସନ ସାମଗ୍ରୀ ସହିତ ବିଭିନ୍ନ ସରକାରୀ ଯୋଜନା ମାଧ୍ୟମରେ ସହାୟତା ମିଳିପାରିବ ସେ ସମ୍ପର୍କରେ ମୋରଡ଼ା ଅଂଚଳର ସୂଚନା ଅଧିକାର କର୍ମୀ ମହେଶ୍ୱର ମହାନ୍ତିଙ୍କ ସହାୟତା ଲୋଡ଼ିବା ପରେ ମହେଶ୍ୱର ବାରିପଦା ସୂଚନା ଅଧିକାର କର୍ମୀ ତଥା ଅବସରପ୍ରାପ୍ତ ଶିକ୍ଷକ ସନ୍ତୋଷ ମହାନ୍ତିଙ୍କ ସହାୟତା ଲୋଡ଼ିଥିଲେ । ବାରିପଦା ସୂଚନା ଅଧିକାର କର୍ମୀ ସନ୍ତୋଷ ମହାନ୍ତି ନିଜ ପ୍ରତିକ୍ରିୟାରେ କହିଛନ୍ତି, ଓଡ଼ିଶା ସରକାର ବିଭିନ୍ନ ଯୋଜନାରେ ବିକଳାଙ୍ଗ , ଭିନ୍ନକ୍ଷମମାନଙ୍କୁ ଅଗ୍ରାଧିକାର ଦେଇଥାନ୍ତି । ପୁଣି ବେଙ୍ଗ ଖାଦ୍ୟ ସୁରକ୍ଷା ଅଧିକାର ଆଇନ ଅନୁସାରେ ରେସନ କାର୍ଡ଼ ପାଇଥିବା ବେଳେ ରେସନ ସାମଗ୍ରୀ ପାଉନ ନାହାନ୍ତା । ଯାହା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ । ଏବିଷୟରେ ସୂଚନା ଅଧିକାର ଆଇନ ୨୦୦୫ ବଳରେ ପ୍ରଶାସନ ନିକଟରୁ ସବିଶେଷ ତଥ୍ୟ ମଗାଯିବ ଏବଂ ନିୟମ ଅନୁସାରେ ସମସ୍ତ ପ୍ରକାରର ସରକାରୀ ସହାୟତା ଯୋଗାଇ ଦେବା ନିମନ୍ତେ ଉଦ୍ୟମ ଚଳାଇବେ । ତେବେ ଜିଲ୍ଲା ପ୍ରଶାସନ ଏ ଦିଗରେ ତଦନ୍ତ ଆରମ୍ଭ କରିବାର ଆବଶ୍ୟକତା ରହିଛି ବୋଲି ପ୍ରକାଶ କରିଥିଲେ । ସେହିପରି ମୋରଡ଼ା ବିଡ଼ିଓ ପ୍ରିୟବ୍ରତ ପାଢ଼ୀଙ୍କ ପ୍ରତିକ୍ରିୟା ଜାଣିବା ନିମନ୍ତେ ଯୋଗାଯୋଗ ଉଦ୍ୟମ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରିନଥିଲା ।

# ଗଞ୍ଜାମ ଜିଲ୍ଲାରେ ଆଉ ୪୧ କରୋନା ପଜିଟିଭ୍ ଚିହ୍ନଟ

## ଜିଲ୍ଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୪୯୯ କୁ ବୃଦ୍ଧି

ଗଞ୍ଜାମ,୪/୬ (ନି.ପ୍ର): ଗଞ୍ଜାମ ଜିଲ୍ଲାରେ ଆଜି ଆଉ ୪୧ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଏଥିସହ ଜିଲ୍ଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୪୯୯ କୁ ବୃଦ୍ଧି ପାଇଛି । ଗତକାଲି ସଂନ୍ଧ୍ୟା ସୁଦ୍ଧା ଆକ୍ରାନ୍ତଙ୍କ ୪୫୮ ଥିଲା । ନୂଆ ଚିହ୍ନଟ ହୋଇଥିବା ସମସ୍ତଙ୍କର ସୁରତ ଲିଙ୍କ୍ ରହିଛି । ଏମାନଙ୍କ ମଧ୍ୟରୁ ଅଧିକାଂଶ କ୍ୱାରେଂଟାଇନ ସେଂଟରର ବୋଲି ଜଣାପଡିଛି । ଅନ୍ୟପକ୍ଷରେ ଆଜି ଆଉ ଦୁଇ ଜଣ ଆକ୍ରାନ୍ତ ଶୀତଳାପଲ୍ଲୀ ସ୍ଥିତ କୋଭିଡ୍ ହସ୍ପିଟାଲରୁ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ଏହାକୁ ମିଶାଇ ଅଦ୍ୟାବଧି ଜିଲ୍ଲାରେ ମୋଟ୍ ୩୫୬ ଆକ୍ରାନ୍ତ ବର୍ତମାନ ସୁଦ୍ଧା ସୁସ୍ଥ ହେଲେଣି । ସେହିପରି ଆଜି ଚିହ୍ନଟ ହୋଇଥିବା ୪୧ ଆକ୍ରାନ୍ତଙ୍କୁ ମିଶାଇ ମୋଟ୍ ୧୪୦ ଆକ୍ରାନ୍ତ କୋଭିଡ୍ ହସ୍ପିଟାଲରେ ଚିକିତ୍ସାଧିନ ରହିଛନ୍ତି । ଅର୍ଥାତ୍ ଜିଲ୍ଲାରେ ସକ୍ରିୟ ମାମଲା ସଂଖ୍ୟା ୧୪୦ ରହିଛି । ପ୍ରକାଶ ଥାଉ କି, ଅଦ୍ୟାବଧି ଜିଲ୍ଲାରେ ଆକ୍ରାନ୍ତଙ୍କ ସଂଖ୍ୟା ସାଢ଼େ ୫ ଶହ ଛୁଇଁବାକୁ ବସିଛି ଏବଂ ତିନି ଜଣଙ୍କର ମୃତ୍ୟୁ ଘଟିଛି । ଜିଲ୍ଲାକୁ ପୂର୍ବରୁ ରେଡ୍ ଜୋନ୍ ତାଲିକାଭୁକ୍ତ କରାଯାଇଛି । ତେବେ ଜିଲ୍ଲାରେ ବର୍ତମାନ ସୁଦ୍ଧା ଗୋଷ୍ଠୀ ସଂକ୍ରମଣ ହୋଇନାହିଁ ବୋଲି ଜିଲ୍ଲାପାଳ ସ୍ପଷ୍ଟ କରିଛନ୍ତି ।

## ଶିକ୍ଷକ ନେତା ଅବନୀ ବରାଳଙ୍କର ଜୟନ୍ତୀ ଉତ୍ସବ

କେନ୍ଦ୍ରାପଡ଼ା,୪/୬ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଶିକ୍ଷକ ସଂଘ ତରଫରୁ ଶିକ୍ଷକ ମହାସଂଘ ର ପ୍ରତିଷ୍ଠାତା ଅବନୀ ବରାଳଙ୍କର ୮୬ ତମ ଜୟନ୍ତୀ ଉତ୍ସବ ଓସ୍ତା କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇ ଯାଇଛି । ବୁଧବାର ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷକ ନେତା ଅବନୀ ମହାନ୍ତିଙ୍କ ପୌରହିତ୍ୟରେ ତୈଲୋକ୍ୟ ସ୍ୱାଇଁ, ବାନାମ୍ବର ସାହୁ, ରାଜ କିଶୋର ଜେନା ପ୍ରମୁଖ ଉପସ୍ଥିତ ହୋଇ ସ୍ୱର୍ଗତଃ ବରାଳଙ୍କ ଫଟୋଚିତ୍ର ରେ ମାଲ୍ୟାର୍ପଣ କରିବା ସହ ତାଙ୍କ ଦେହାନ୍ତ ରେ ଶୋକ ପ୍ରକାଶ କରିବା ସହ ତାଙ୍କର ଅମର ଅତ୍ମାର ସଦ୍‌ଗତି ନିମନ୍ତେ କାମନା କରିଥିଲେ । ମହାସଂଘ ର ପ୍ରତିଷ୍ଠାତାରେ ସ୍ୱର୍ଗତ ବରାଳଙ୍କ ଅବଦାନ ସଂପର୍କରେ ଉପସ୍ଥିତ ଥିବା ଶିକ୍ଷକ ମାନେ ଅଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ସେକ ମନସୁର ଅଲ୍ଲୀ, କାର୍ତ୍ତିକ ଚନ୍ଦ୍ର ନାୟକ, ସୁଭ୍ରାଂସୁ ଦାସ, ଶରତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

# ଶନିବାର ଓ ରବିବାର ଶଟଡାଉନ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ କଟକଣା : ଆଇନ ଅମାନ୍ୟ ହେଲେ କଡା କାର୍ଯ୍ୟାନୁଷ୍ଠାନ

ଭଦ୍ରକ, ୪/୬ (ହି.ସ.) - ରାଜ୍ୟ ସରକାରଙ୍କ ନିଷ୍ପତି ଅନୁଯାୟୀ ଏଣିକି ପ୍ରତି ଶନିବାର ଓ ରବିବାର ସମଗ୍ର ରାଜ୍ୟରେ ଶଟଡାଉନ ଘୋଷଣା ପରେ ଭଦ୍ରକ ଜିଲ୍ଲାପାଳ ଡ. ଜ୍ଞାନ ଦାସ ଜିଲ୍ଲା ପାଇଁ ନୀତି ଧାର୍ଯ୍ୟ କରିବା ସହିତ ଆଇନକୁ ପାଳନ କରିବା ପାଇଁ ଅନୁରୋଧ କରିଛନ୍ତି । ଆଇନ ଉଲଂଘନକାରୀଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମଧ ଡ. ଦାସ ସୂଚନା ଦେଇଛନ୍ତି । କଟେନମେ ଜୋନ ଓ ବଫରଜୋନକୁ ବାଦ ଦେଇ ଅନ୍ୟ ଅଂଚଳ ପାଇଁ କଟକଣାରେ ଲଡକଡାଉନ ୫ରେ ବହୁତ କିଛି କୋହଳ କରାଯାଇଛି । ଦୋକାନ ବଜାର ଖୋଲା ରଖିବା ସମୟ ସନ୍ଧ୍ୟା ୬ ପର୍ଯ୍ୟନ୍ତ ରହିଛି । ଏହା ବ୍ୟତୀତ ସମସ୍ତ ଦୋକାନରେ ଦୋକାନୀ ଏବଂ ଗ୍ରାହକ ସାମାଜିକ ଦ୍ୱରତ୍ୱ ରକ୍ଷା କରିବା ସହିତ ମାସ୍କ ପିନ୍ଧିବାକୁ ବାଧତା ମୂଳକ କରାଯାଇଛି । କୌଣସି ଦୋକାନରେ ୫ଜଣରୁ ଅଧିକ ଲୋକ ରହି ପାରିବେ ନାହିଁ । ଏହାଛଡା ସରକାରଙ୍କ ନିଷ୍ପତି ମୂଳେ ପ୍ରତି ଶନିବାର ଭୋର ୫ଟାରୁ ସୋମବାର ଭୋର ୫ଟା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଜିଲ୍ଲାରେ ଶଟ୍ ଡାଉନ କଟକଣା ରହିବ । ଗଣମାଧ୍ୟମର ପ୍ରତିନିଧିମାନେ ସେମାନଙ୍କ ବୈଧ ପରିଚୟପତ୍ର ମୂଳେ ଖବର ସଂଗ୍ରହ ପାଇଁ ବାହାରି ପାରିବେ ବୋଲି ଜିଲ୍ଲାପାଳ ଡ. ଦାସ ସୂଚନା ଦେଇଛନ୍ତି । କେବଳ ସରକାରଙ୍କ ଦ୍ୱାରା ଅନୁମୋଦିତ ଅତ୍ୟାବଶ୍ୟକ ବିଭାଗ ଓ ସଂସ୍ଥା ଏହି ସମୟରେ କାର୍ଯ୍ୟ କରିବେ । ଏହା ବ୍ୟତୀତ କୋବିଡ୍ ଆଇନର ଉଲଂଘନ ହେଲେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମଧ ଚେତାବନୀ ଦେଇଛନ୍ତି ।

# ୧୦ ମାସ ହେଲା ଦରମା ପାଇ ନାହାଁନ୍ତି ଟେଲିଫୋନ ଲାଇନ ମ୍ୟାନ

କେନ୍ଦ୍ରାପଡ଼ା,୪/୬ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ (ବି ଏସ ଏନ ଏଲ) କାର୍ଯ୍ୟାଳୟରେ ଲାଇନ ମ୍ୟାନ ଭାବରେ କାମ କରୁଥିବା ଶତାଧିକ କର୍ମଚାରୀଙ୍କୁ ଦୀର୍ଘ ୧୦ ମାସ ହେଲା ଦରମା ମିଳୁ ନଥିବା ଜିଲ୍ଲାପାଳଙ୍କୁ ଅଭିଯୋଗ ହୋଇଛି । ଦୀର୍ଘ ୨୦/୨୫ ବର୍ଷ ଧରି ଏହି ଲାଇନ ମ୍ୟାନ ମାନେ ଅସ୍ଥାୟୀ ଭାବରେ କାମ କରି ଆସୁଛନ୍ତି । ଏମାନେ ପ୍ରଥମେ ଠିକାଦାରଙ୍କ ନିକଟରୁ ନିଜର ଦରମା ନେଉଥିଲେ । ପରବର୍ତୀ ସମୟରେ ଠିକାଦାର ମାନେ ଠିକ ସମୟରେ ଏମାନଙ୍କୁ ଦରମା ନଦେବାରୁ ଏଚଡିଓ ମାନେ ଏମାନଙ୍କୁ ଦରମା ଦେଉଥିଲେ । ଗତ ୨୦୧୯ ମସିହା ମଇ ମାସ ଠାରୁ ଆଜି ପର୍ଯ୍ୟନ୍ତ ଏମାନେ ଦରମା ପାଇ ନାହାଁନ୍ତି । କରୋନା ମହାମାରୀ ବିପଦ ସମୟରେ ଏମାନଙ୍କୁ ସହାୟତା ପ୍ରଦାନ କରିବା ପରିବର୍ତେ ଦରମା ବନ୍ଦ କରାଯାଇ ଥିବାରୁ ଏହି ଲାଇନ ମ୍ୟାନ ମାନେ ଭୋକ ଉପାସରେ ନିଜ ପରିବାର ସହ ଦିନ କାଟୁଥିବା ନେଇ ସଂଘ ତରଫରୁ ସିଦ୍ଧାର୍ଥ ଦାସ, ଅଶୋକ କୁମାର ପ୍ରଧାନ, ଗୟାଧର ମଲିକ, କୈଳାସ ଚନ୍ଦ୍ର ଦାସ, ଭରତ ଗୋଇଛାୟତ ପ୍ରମୁଖ ଜିଲ୍ଲାପାଳଙ୍କୁ ଜଣାଇଛନ୍ତି ।

## ମୂଳାପାଳ ଆଦିବାସୀ ସାହିରେ ମାସ୍କ ବଂଟନ ଓ ସଚେତନ

କୋରେଇ,୪/୬ (ନି.ପ୍ର): ଜିଲ୍ଲା ସ୍କାଉଟ୍ ଗାଇଡ୍ ପକ୍ଷରୁ କରୋନା ସଚେତନତାପାଇଁ ବିଭିନ୍ନ ସ୍ଥାନରେ ମାସ୍କ ବଂଟନ ଓ ସଚେତନତା ଜିଲ୍ଲା ମୁଖ୍ୟ କମିଶନର କୃଷ୍ଣ ଚରଣ ନାୟକଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଜାରି ରହିଛି । ଏହି କ୍ରମରେ ମୂଳାପାଳ ପଂଚାୟତର ମୂଳାପାଳ ଆଦିବାସୀ ସାହିରେ ଆଜି ଏହି କାର୍ଯ୍ୟକ୍ରମ କରାଯାଇଥିଲା । ରୋଭର ଲିଡ଼ର ଅବିନାଶ ଖୁଂଟିଆ, ସ୍କାଉଟ ମାଷ୍ଟର ବିଡ଼ି ହାଇସ୍କୁଲର ଶଙ୍କର୍ଷଣ ବେହେରା, ନଗର ଶିଶୁ ମନ୍ଦିରର ପୂର୍ଣ୍ଣାନନ୍ଦ ବାଇ, ପାଣିକୋଇଲି ହାଇସ୍କୁଲର କାହ୍ନୁଚରଣ ନାୟକ, ବୈତରଣୀ ଉଚ୍ଚ ବିଦ୍ୟାପୀଠର ଧର୍ମାନନ୍ଦ ସାହୁ, ପ୍ରଭାତ କୁମାର କର, ବରିଷ୍ଠ ସଦସ୍ୟ ଦୀନବନ୍ଧୁ ରାଉତ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ ।

# ପିପିଲି ଓ ସତ୍ୟବାଦୀ ବ୍ଲକର କେତେକ ସ୍ଥାନରେ ୧୧ ରୁ ୧୪ ଘଂଟା ଧରି ବିଦ୍ୟୁତ ସରବରାହ ବ୍ୟାହତ

ସାକ୍ଷିଗୋପାଳ,୪/୬ (ନି.ପ୍ର): ପୁରୀ-ଭୁବନେଶ୍ୱର ୩୧୬ ନଂ ଜାତୀୟ ରାଜପଥର ପୁରୀ ଜିଲ୍ଲା ପିପିଲି ବ୍ଲକ୍ ଅନ୍ତର୍ଗତ ସାତଶଙ୍ଖ ସିରିଆପୁର ନିକଟ କଳିଙ୍ଗ ରୋପ୍ ଫ୍ୟାକ୍ଟ୍ରିରେ ଭୀଷଣ ଅଗ୍ନିକାଣ୍ଡ ଫଳରେ ଗତକାଲି ରାତି ପ୍ରାୟ ୧୧ ଟା ୦୫ରୁ ଆଜି ଅପରାହ୍ନ ୧ଟା ୧୫ ମିନିଟ୍ ପର୍ଯ୍ୟନ୍ତ ସାତଶଙ୍ଖ ବିଦ୍ୟୁତ ସେକ୍ସନ ଅନ୍ତର୍ଗତ ସତ୍ୟବାଦୀ ଓ ପିପିଲି ବ୍ଲକର କେତେକ ଅଂଚଳରେ ଦୀର୍ଘ ୧୧ରୁ ୧୪ ଘଂଟା ଧରି ବିଦ୍ୟୁତ ସରବରାହ ବ୍ୟାହତ ହୋଇଥିଲା । ପ୍ରଥମେ ପୂର୍ବାହ୍ନ ୧୦ଟା ୫ ମିନିଟ୍ ସୁଦ୍ଧା ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ କାଞ୍ଜିଆ, ବରାଳ, ବୀରରାମଚନ୍ଦ୍ରପୁର, କାଦୁଆ ଅଂଚଳକୁ ବିଦ୍ୟୁତ ସେବା ସ୍ୱାଭାବିକ୍ ହୋଇଥିଲା । ପରେ ଅପରାହ୍ନ ୧ଟା ୧୫ ମିନିଟ୍ ସୁଦ୍ଧା ପିପିଲି ବ୍ଲକ୍ ଅନ୍ତର୍ଗତ ସାତଶଙ୍ଖ, ବୀରପୁରୁଷୋତମପୁର, ତେଇଶିପୁର, ପୋଢ଼ଙ୍ଗ, ପ୍ରହରାଜପୁର, ପୀଢ଼ପାଟଣା ଅଂଚଳକୁ ବିଦ୍ୟୁତ ସେବା ସ୍ୱାଭାବିକ୍ ହୋଇଥିବା ନେଇ ସୂଚନା ଦେଇଛନ୍ତି ସାତଶଙ୍ଖ ବିଦ୍ୟୁତ ସେକ୍ସନର କନିଷ୍ଠ ଯନ୍ତ୍ରୀ ଗୁଣନିଧି ପୁହାଣ ।

# ସେସୁ ଅଧିଗ୍ରହଣ ପରେ ଏନଜେନର ୭ ହଜାର ୬ଶହ କର୍ମଚାରୀଙ୍କ ଜୀବିକା ସଂକଟରେ

କେନ୍ଦ୍ରାପଡ଼ା,୪/୬ (ନି.ପ୍ର): ବିଦ୍ୟୁତ୍ ବିତରକ ସଂସ୍ଥା ସେସୁକୁ ଟାଟା କମ୍ପାନୀ ଅଧିଗ୍ରହଣ କରିବାପରେ ସେସୁର ଫ୍ରାଂଚାଇଜ୍ କମ୍ପାନୀ ଏନ୍‌ଜେନ୍‌ର ୭ ହଜାର ୬ଶହ କର୍ମଚାରୀ ଓ ତାଙ୍କ ପରିବାରର ଜିବିକା ସଂକଟ ଘେରକୁ ଚାଲି ଆସିଛି । ସେସୁ ଓ ଟାଟା ମଧ୍ୟରେ କରାଯାଇଥିବା ବୁଝାମଣାରେ ଏନ୍‌ଜେନ୍ କମ୍ପାନୀର କର୍ମଚାରୀ ମାନଙ୍କ ଭବିଷ୍ୟତ ବିଷୟରେ କୌଣସି ସୂଚନା ଦିଆଯାଇନଥିବାରୁ ଏନ୍‌ଜେନ୍‌ର ସର୍କଲ୍ କର୍ମଚାରୀମାନେ ଆତଙ୍କିତ ହୋଇ ପଡିଛନ୍ତି । ଏହି କର୍ମଚାରୀ ମାନଙ୍କୁ ସ୍ଥାୟୀ କରିବା ଦାବିରେ ଏନ୍‌ଜେନ୍ କର୍ମଚାରୀଙ୍କ ପକ୍ଷରୁ ବୁଧବାର ଏକ ସାମ୍ବାଦିକ ସମ୍ମିଳନୀ କରାଯାଇ ସରକାରଙ୍କୁ ନିବେଦନ କରାଯାଇଛି । ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି କର୍ମଚାରୀ ଓ ତାଙ୍କ ପରିବାରକୁ ନ୍ୟାୟ ପ୍ରଦାନ କରିବା ପାଇଁ ଅନୁରୋଧ କରାଯାଇଛି । ସୂଚନା ମୁତାବକ ଓଡିଶା ବିଦ୍ୟୁତ୍ ନିୟାମକ ଆୟୋଗ ଓ ଟାଟା ମଧ୍ୟରେ ହୋଇଥିବା ଚୁକ୍ତିରେ ଫ୍ରାଂଚାଇଜ୍ କମ୍ପାନୀ ଏନ୍‌ଜେନ୍‌ର କର୍ମଚାରୀମାନଙ୍କ କୌଣସି କଥା ବିଚାର କରାଯାଇନାହିଁ । ଦୀର୍ଘ ୧୦ ବର୍ଷ ହେଲା ପାରାଦୀପ ସର୍କଲ ଅଧିନ ଜଗତ୍‌ସିଂହପୁର, କେନ୍ଦ୍ରାପଡା ଓ ଢେଙ୍କାନାଳ ଜିଲ୍ଲାରେ କାର୍ଯ୍ୟ କରୁଥିବା ୭ ହଜାର ୬ଶହ କର୍ମଚାରୀ ସେମାନଙ୍କ ଚାକିରିକୁ ନେଇ ଜିବିକା ହରାଇବାର ଆଶଙ୍କା ଦେଖାଦେଇଛି । ଅନ୍ୟ ଚାକିରି କରିବାର ବୟସ ଗଡିଯାଇଥିବା ଓ ଫନି, ଫାଇଲିନ୍, ହୁଡୁହୁଡୁ ପ୍ରଭୃତି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବିଦ୍ୟୁତ୍ ଯୋଗାଣ ପାଇଁ କାର୍ଯ୍ୟ କରି ବିକଳାଙ୍ଗ ଓ ଜୀବନ ଦେଇଥିବା ଏହି କର୍ମଚାରୀ ମାନଙ୍କ କୌଣସି କଥା ଆଲୋଚନା କରାଯାଇ ନାହିଁ । ଏହି କର୍ମଚାରୀଙ୍କ ଉଦ୍ୟମରେ ସେସୁର କ୍ଷତି ୩୦% ହ୍ରାସ ପାଇଥିବାବେଳେ ବର୍ତମାନ ସେମାନଙ୍କୁ ସ୍ଥାୟୀ କର୍ମଚାରୀର ମାନ୍ୟତା ଦେବାପାଇଁ ଦାବି କରାଯାଇଛି । ସରକାର ସହାନୁଭୂତିଶୀଳ ହୋଇ ଏହି କର୍ମଚାରୀମାନଙ୍କ ଜିବିକା ସୁରକ୍ଷିତ ରଖିବା ପାଇଁ ସାମ୍ବାଦିକ ସମ୍ମିଳନୀରେ ଦାବି କରାଯାଇଥିଲା । ଏଥିରେ ଏନ୍‌ଜେନ୍‌ର ଆସିଷ୍ଟାଂଟ୍ ମ୍ୟାନେଜର ବିନୋଦ ଦାସ, ହରେକୃଷ୍ଣ ଲେଙ୍କା, ଶକ୍ତି ସ୍ୱରୂପ ସିଂ, କନିଷ୍ଠ ପରିଚାଳକ ନିଗମାନନ୍ଦ ଆଚାର୍ଯ୍ୟ, ଗଙ୍ଗାଧର ମଲ୍ଲିକ, ଅଚ୍ୟୁତାନନ୍ଦ ଗଡ୍ଡୁ, ରଂଜନ କୁମାର ବେହେରା, ଦେବଦତ ମଲ୍ଲ ପ୍ରମୁଖ ଉପସ୍ଥିତ ରହି ସୂଚନା ପ୍ରଦାନ କରିଥିଲେ । କେନ୍ଦ୍ରାପଡା ଓ ମାର୍ଶାଘାଇ ଡିଭିଜନରେ ପ୍ରାୟ ଏକ ହଜାର କର୍ମଚାରୀ ଏନ୍‌ଜେନ୍ ପକ୍ଷରୁ ନିଯୁକ୍ତ ରହିଛନ୍ତି ।

# ଛାତ୍ର କଂଗ୍ରେସ ନେତାଙ୍କ ଗିରଫଦାରୀ ପ୍ରତିବାଦରେ ଡିଜିପିଙ୍କୁ ସ୍ମାରକପତ୍ର ପ୍ରଦାନ

ଭୁବନେଶ୍ୱର,୪/୬ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ଛାତ୍ର କଂଗ୍ରେସ ଆବାହକ ଜ୍ଞାନେନ୍ଦ୍ର ମହାନ୍ତି ତଥା ଅନ୍ୟତମ ଛାତ୍ର କଂଗ୍ରେସ ନେତା ଗୌତମ ସାହୁଙ୍କୁ ଗିରଫ କରାଯିବା ଘଟଣାରେ ବୁଧବାର ଦିନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଏକ ୧୧ଜଣିଆ ପ୍ରତିନିଧି ମଣ୍ଡଳୀ ପୋଲିସ୍ ମହାନିର୍ଦ୍ଦେଶକଙ୍କୁ କଟକ କାର୍ଯ୍ୟାଳୟରେ ସାକ୍ଷାତ ଆଲୋଚନା କରି ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ବାଲେଶ୍ୱରର ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀଙ୍କ ଅନୁପସ୍ଥିତକୁ ନେଇ ତାଙ୍କର ନିଖୋଜ ଲିଖିତ ପୋଷ୍ଟର କେତେକ ବ୍ୟକ୍ତିବିଶେଷ କାନ୍ଥବାଡ଼ରେ ଲଗାଇବାକୁ ନେଇ ସୋସିଆଲ ମିଡ଼ିଆରେ ଭାଇରାଲ ଘଟଣା ରାଜ୍ୟ ଓ ଦେଶରେ ସାଂସଦଙ୍କ ପାରିବା ପଣିଆକୁ ଚର୍ଚ୍ଚା ପରିସରକୁ ଆଣିଥିଲା । ଉକ୍ତ ଘଟଣାକୁ ଫେସବୁକରେ ବାଲେଶ୍ୱର ଛାତ୍ର କଂଗ୍ରେସର ଆବାହକ ଜ୍ଞାନେନ୍ଦ୍ର ମହାନ୍ତି ତଥା ଛାତ୍ର କଂଗ୍ରେସ ନେତା ଗୌତମ ସାହୁ ଫେସବୁକ୍‌ରେ ପୋଷ୍ଟ କରିବା ଘଟଣାକୁ ଆଧାରକରି ବାଲେଶ୍ୱର ପୋଲିସ ଜୁନ-୧ ତାରିଖରେ ବିଜେପି ଦଳର ଜଣେ ଯୁବକର୍ମୀଙ୍କ ଏଫ୍‌ଆଇଆର୍ ଆଧାରରେ ଆକ୍ରୋଷମୂଳକ ଓ ଅନ୍ୟାୟଭାବେ ଗିରଫ କରାଯାଇଛି । ଉଭୟଙ୍କ ବିରୋଧରେ ଲାଗିଥିବା ମିଥ୍ୟା ଓ ଆଧାରହୀନ କେସ୍‌କୁ ଅବିଳମ୍ବେ ପ୍ରତ୍ୟାହାର କରିବାକୁ ପ୍ରତିନିଧି ମଣ୍ଡଳୀ ଡିଜିପିଙ୍କୁ ଅନୁରୋଧ କରିଥିଲେ । ଘଟଣାକୁ ଗୁରୁତ୍ୱ ଦେଇ ଆଇନାନୁଯାୟୀ ତଦନ୍ତ ସହ ଅବିଳମ୍ବେ ଘଟଣାର ପର୍ଦ୍ଦାଫାସ ସହ ସଂପୃକ୍ତ ଦୋଷୀଙ୍କ ବିରୁଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୋଲିସ୍ ମହାନିର୍ଦ୍ଦେଶକ ପ୍ରତିନିଧି ମଣ୍ଡଳୀଙ୍କୁ ପ୍ରତିଶୃତି ଦେଇଥିଲେ । ଉକ୍ତ ପ୍ରତିନିଧି ମଣ୍ଡଳୀରେ ପିସିସିର ପ୍ରାକ୍ତନ ସାଧାରଣ ସଂପାଦକ ସଂଜୀବ ଗିରି, ଜ୍ଞାନଦେବ ବେଉରା, ରାଜ୍ୟ ଛାତ୍ର କଂଗ୍ରେସର ପ୍ରାକ୍ତନ ସଭାପତି ଜିନେଶ ଦାସ, ପ୍ରାକ୍ତନ ପିସିସି ସଂପାଦକ ନିରଞ୍ଜନ ନାୟକ, ରାଜ୍ୟ ଛାତ୍ର କଂଗ୍ରେସର ସଂଯୋଜକ ଆଦିତ୍ୟ ପ୍ରୀତମ ଦାସ, ନିରଞ୍ଜନ ଦାସ, ଯୁବ କଂଗ୍ରେସ ନେତା ସୁଧାଂଶୁ ଜେନା ଓ ବିଶ୍ୱଭୂଷଣ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ପ୍ରତିକୂଳ ପରିସ୍ଥିତରେ ବି କନ୍ଧମାଳ ଜିଲ୍ଲାରେ ୬୫ ପ୍ରତିଶତ କେନ୍ଦୁପତ୍ର ସଂଗ୍ରହ

କନ୍ଧମାଳ,୪/୬ (ନି.ପ୍ର): ଅଦିନିଆ ବର୍ଷା ପବନ ସାଙ୍ଗକୁ କୁଆପଥର ମାଡ ଆଉ ଲକଡାଉନ୍ ଯୋଗୁଁ କନ୍ଧମାଳ ଜିଲ୍ଲାରେ ଚଳିତବର୍ଷ କେନ୍ଦୁପତ୍ର ସଂଗ୍ରହ ଲକ୍ଷ୍ୟଧାର୍ଯ୍ୟର ୬୫ ପ୍ରତିଶତ ସଂଗ୍ରହ ହୋଇପାରିଥିବା କଥା କେନ୍ଦୁପତ୍ର ବିଭାଗର ଡି.ଏଫ.ଓ କହିଛନ୍ତି । ବର୍ଷା ଓ ପବନ ଯୋଗୁଁ କେନ୍ଦୁପତ୍ର ସଂଗ୍ରହ ଆରମ୍ଭରେ ବିଳମ୍ବ ଘଟିଥିଲା । ଆଉ ଶେଷ ଆଡକୁ ବାତ୍ୟା ଓ ବର୍ଷା ଆଶଙ୍କା ଯୋଗୁଁ ମେ ୩୧ ସୁଦ୍ଧା କେନ୍ଦୁପତ୍ର ସଂଗ୍ରହ ବନ୍ଦ କରି ଦିଆଯାଇଛି ଜିଲ୍ଲାରେ । ଚଳିତବର୍ଷ କନ୍ଧମାଳ ଜିଲ୍ଲାରେ ୧୩ ହଜାର ମେଟ୍ରିକ ଟନ୍ କେନ୍ଦୁପତ୍ର ସଂଗ୍ରହ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ବେଳେ ଏ ବର୍ଷ ୬୫ ପ୍ରତିଶତ ମାତ୍ର କେନ୍ଦୁପତ୍ର ସଂଗ୍ରହ କରାଯାଇଛି । ଜିଲ୍ଲାରେ ଥିବା ୨୦ ହଜାରରୁ ଉର୍ଦ୍ଧ୍ୱ କେନ୍ଦୁପତ୍ର ତୋଳାଳି କେନ୍ଦୁପତ୍ର ସଂଗ୍ରହ କରି ଦିପଇସା ରୋଜଗାର କରିବେ ବୋଲି ଭାବିଥିଲେ । ହେଲେ ପ୍ରାୟ ୧୦ ହଜାର ମେଟ୍ରିକ ଟନ୍ ପାଖାପାଖି କେନ୍ଦୁପତ୍ର ସଂଗ୍ରହ ହୋଇଥିବା ଜଣାପଡିଛି । ସରକାର ବର୍ତମାନ କେନ୍ଦୁପତ୍ର ତୋଳାଳୀ ମାନଙ୍କୁ କେରୀ ପିଛା ମୂଲ୍ୟ ୧ ଟଙ୍କାରୁ ୧.୨୦ କୁ ବୃଦ୍ଧି କରିଥିବାରୁ ସେମାନେ ଅଧିକା କିଛି ପଇସା ପାଇବେ ବୋଲି ଜଣାପଡିଛି । ସରକାର ସେମାନଙ୍କ ମୂଲ୍ୟ ବୃଦ୍ଧି କରିଥିବାରୁ ବର୍ତମାନ ଜିଲ୍ଲାରେ କେନ୍ଦୁପତ୍ର ତୋଳାଳୀ, ଚେକର, ମୁନସୀ ବେଶ୍ ଖୁସିବ୍ୟକ୍ତ କରିଛନ୍ତି । କେନ୍ଦୁପତ୍ର ତୋଳାଳୀ ମାନଙ୍କ ଅର୍ଥ ଆସନ୍ତା ସପ୍ତାହକ ମଧ୍ୟରେ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ପ୍ରଦାନ କରାଯିବ ବୋଲି କନ୍ଧମାଳ କେନ୍ଦୁପତ୍ର ଡି.ଏଫ.ଓ ଶ୍ରୀ ସାହୁ କହିଛନ୍ତି । ସେହିପରି କରୋନା ସଂକ୍ରମଣ ଯୋଗୁଁ ସରକାର ଲକଡାଉନ୍ ଘୋଷଣା କରିବା ଫଳରେ ଗୋଛା କଟେଇ(ବୁସ କଟିଙ୍ଗ୍) ମଧ ଚଳିତବର୍ଷ ୩୬ ହଜାର ୨ଶହ ହେକ୍ଟର ଲକ୍ଷ୍ୟଧାର୍ଯ୍ୟ ହୋଇଥିଲେ ମଧ ୨୯ ହଜାର ୫୫୫ ହେକ୍ଟର ଜମିରେ ବୁସ୍ କଟିଙ୍ଗ୍ ବା ଗୋଛାକଟେଇ ଏ ବର୍ଷ ହୋଇଥିବା ଡିଏଫଓ କହିଛନ୍ତି ।

# କର୍ମଚାରୀଙ୍କ ଦାବୀ ପୂରଣ ହେଲେ ଜିଲାରେ ବସ୍ ଚଳାଇବାକୁ ଦେବୁନାହିଁ

## ୩ଦିନରେ ଦାବୀ ପୂରଣ ନହେଲେ ଆମରଣ ଅନଶନ କରିବ ଡ୍ରାଇଭର ସଂଘ

କନ୍ଧମାଳ,୪।୬ (ନି.ପ୍ର): କରୋନା ସଂକ୍ରମଣ ରୋକିବାକୁ ଦେଶରେ ସରକାର ବିଭିନ୍ନ କଟକଣା ଲାଗାଇବା ସହିତ ଦିର୍ଘ ଦିନ ବ୍ୟାପୀ ଲକଡାଉନ ଘୋଷଣାକରିଥିଲେ । ଏହି ସମୟ ଭିତରେ କେନ୍ଦ୍ର ଓ ରାଜ୍ୟ ଉଭୟ ସରକାର ଦେଶରେ ଥିବା ବିଭିନ୍ନ ବର୍ଗର ଲୋକଙ୍କ ପାଇଁ ଅନେକ ସହାୟତା ମଧ୍ୟ ପ୍ରଦାନ କଲେ ହେଲେ ଘରୋଇ ବସ ଗୁଡିକରେ କାର୍ଯ୍ୟ କରୁଥିବା ଡ୍ରାଇଭର,କଣ୍ଡକ୍ଟର ଓ ହେଲପର ମାନଙ୍କୁ ସେମାନଙ୍କ ଗାଡି ମାଲିକ ଦରମା ଦେଲେନାହିଁ କିମ୍ବା ସରକାର କୌଣସି ପ୍ରକାରର ସହାୟତା ଦେଲେନାହିଁ । ଫଳରେ ସେମାନେ ଏହି ଲକଡାଉନ ଅବଧି ଭିତରେ ବଡ କଷ୍ଟରେ ପରିବାର ସହ କାଳାତିପାତ କଲେ । ବର୍ତ୍ତମାନ ଲକଡାଉନ ଖୋଲିବାପରେ ସରକାର ସବୁ ଗାଡି ଗୁଡିକ ଚଳାଚଳ କରିବାପାଇଁ ନିର୍ଦ୍ଦେଶ ଦେଇଛନ୍ତି । ତେବେ ବର୍ତ୍ତମାନ ଡ୍ରାଇଭର ମାନେ ଗାଡିରେ କାର୍ଯ୍ୟ କରିବାପାଇଁ କିଛି ଦାବୀ ରଖିଛନ୍ତି ସରକାରଙ୍କ ନିକଟରେ ଏହି ଦାବୀ ପୂରଣ ନହେଲେ ସେମାନେ ଗାଡି ଚଳାଇବେ ନାହିଁ ବୋଲି ମଧ୍ୟ ଚେତାବନୀ ସହ ଏକ ଲିଖିତ ଦାବୀ ପତ୍ର କନ୍ଧମାଳ ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି । କରୋନା ସଂକ୍ରମଣ ଯୋଗୁଁ ସରକାର ଦେଶବ୍ୟାପୀ ଲକଡାଉନ୍ ଘୋଷଣା କରିଥିଲେ । ସେଥିପାଇଁ ଲକଡାଉନ୍ କଟକଣା ଯୋଗୁଁ ସମଗ୍ର ରାଜ୍ୟରେ ବସ ଚଳାଚଳ ମଧ୍ୟ ବନ୍ଦ ଥିଲା । ହେଲେ ସରକାର ବର୍ତ୍ତମାନ ଲକଡାଉନ୍ କୁ କୋହଳ କରି ଯାତ୍ରୀ ମାନଙ୍କ ସୁବିଧା ପାଇଁ ବସ୍ ଚଳାଇବା ଲାଗି ପରାମର୍ଶ ଦେଇଥିଲେ ମଧ କନ୍ଧମାଳରେ ବସ୍ ଚଳାଚଳ ଏ ପର୍ଯ୍ୟନ୍ତ ସ୍ୱାଭାବିକ ହୋଇପାରିନି । ଫଳରେ ଯାତ୍ରୀମାନେ ହନ୍ତସନ୍ତ ହେଉଛନ୍ତି । ଗତ ଗୁରୁବାର ୨୫ ତାରିଖରୁ ସରକାର ବସ ଚଳାଇବା ଲାଗି କହିଥିଲେ ମଧ ଫୁଲବାଣୀରୁ ବସ୍ ଗଡିପାରୁନି ଏଯାଏଁ । ଡ୍ରାଇଭର ସଂଘ ପକ୍ଷରୁ ଲକଡାଉନ୍ ସମୟର ଦରମା ପ୍ରଦାନ ସାଙ୍ଗକୁ , ସ୍ୱାସ୍ଥ୍ୟବୀମା କରିବା, ସୁରକ୍ଷା ଯୋଗାଇ ଦେବା ଆଦି ଦାବୀ କରି ସଂଘର କର୍ମକର୍ତ୍ତା ମାନେ ଜିଲ୍ଲାପାଳଙ୍କୁ ଭେଟି ଦାବୀପତ୍ର ପ୍ରଦାନ କରିଛନ୍ତି । ୩ ଦିନ ମଧରେ ଦାବୀ ପୂରଣ ନହେଲେ ଆମରଣ ଅନଶନ କରିବେ ବୋଲି ଚେତାବନୀ ଦେଇଛନ୍ତି ।

# ଚାଷୀଙ୍କୁ ସ୍ୱତନ୍ତ୍ର ସହାୟତା ଯୋଗାଇବା ଦାବିରେ କିଷାନ କଂଗ୍ରେସ ପକ୍ଷରୁ ରାଷ୍ଟ୍ରପତିଙ୍କୁ ସ୍ମାରକପତ୍ର

ଭୁବନେଶ୍ୱର,୪।୬ (ନି.ପ୍ର): ସଂପ୍ରତି ସମଗ୍ର ରାଜ୍ୟରେ ମହାମାରୀ କରୋନା ଓ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ଚାଷ କ୍ଷେତ୍ର ଘୋର ପ୍ରଭାବିତ ହୋଇଛି । ଗତ ରବି ଫସଲ ଅମଳ ଓ ବିପଣନରେ ଚାଷୀ ଗୁରୁତର କ୍ଷତି ସହିଥିବାରୁ ବର୍ତ୍ତମାନ ସୁଦ୍ଧା ଖରିଫ ଚାଷ ପାଇଁ ଅଂଟା ସଳଖି ପାରି ନାହାନ୍ତି । ଏହି ପରିସ୍ଥିତିରେ ଚାଷୀଙ୍କୁ ସ୍ୱତନ୍ତ୍ର ସହାୟତା ଯୋଗାଇ ଦେବାକୁ କିଷାନ କଂଗ୍ରେସ ଦାବି କରିଛି । ଏହି ଦାବି ନେଇ କିଷାନ କଂଗ୍ରେସ ପକ୍ଷରୁ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପଠାଯାଇଥିବା ପିସିସି କିଷାନ କଂଗ୍ରେସ ଅଧ୍ୟକ୍ଷ ଅମୀୟ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି । କରୋନା ପରିପ୍ରେକ୍ଷୀରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସମସ୍ତ ଚାଷୀଙ୍କଠାରୁ କୃଷିଋଣ ଛାଡ଼, ଚଳିତ ଖରିଫ ଚାଷକୁ ସୁନିଶ୍ଚିତ କରିବା ପାଇଁ ପ୍ରତି ଚାଷୀ ଓ କୃଷି ଶ୍ରମିକଙ୍କ ବ୍ୟାଙ୍କ ଖାତାକୁ ନଗଦ ୧୦ ହଜାର ଟଙ୍କା ପ୍ରଦାନ, ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରତି କ୍ୱିଂଟାଲ ପିଛା ୨୯୩୦ଟଙ୍କାକୁ ବୃଦ୍ଧି ଏବଂ ଭାରତୀୟ ଖାଦ୍ୟ ନିଗମ ଜରିଆରେ ଚାଷୀଙ୍କଠାରୁ ସମସ୍ତ ବଳକା ଧାନ କ୍ରୟ, ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟରେ ଫସଲ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଯୋଗାଇ ଦିଆଯାଉଥିବା କୃଷି ଇନପୁଟ୍ ସହାୟତାକୁ ଦୁଇଗୁଣା ବୃଦ୍ଧି ପାଇଁ ଜାତୀୟ ପ୍ରାକୃତିକ ବିପର୍ଯ୍ୟୟ ଓ ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ପାଣ୍ଠିର ପ୍ରଚଳିତ ନିୟମର ପରିବର୍ତ୍ତନ କରିବାକୁ କେନ୍ଦ୍ର ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ପାଇଁ କିଷାନ କଂଗ୍ରେସ ଦାବି କରିଛି ।

# ଲାଂଚ ନେଇ ବାଲିଅନ୍ତା ତହସିଲଦାର ଗିରଫ

ଭୁବନେଶ୍ୱର,୪।୬ (ନି.ପ୍ର): ଲାଂଚ ନେଉଥିବା ବେଳେ ଗିରଫ ହୋଇଛନ୍ତି ଭୁବନେଶ୍ୱର ଉପକଣ୍ଠସ୍ଥ ବାଲିଅନ୍ତା ତହସିଲଦାର ରଶ୍ମୀରେଖା ପ୍ରଧାନ । ଏହି ମାମଲାରେ ତହସିଲ ଅଫିସର ଡାଟା ଏଂଟ୍ରି ଅପରେଟର ଧନେଶ୍ୱର ସାହୁ ମଧ ଗିରଫ ହୋଇଛନ୍ତି । ଉଭୟଙ୍କୁ ଭୁବନେଶ୍ୱର ଭିଜିଲାନ୍ସ ଟିମ୍ ଗିରଫ କରିଛି । ଏକ ଜମିର କିସମ ବଦଳାଇବା ଲାଗି ତହସିଲଦାର ରଶ୍ମୀରେଖା ପ୍ରଧାନ ଡାଟା ଏଂଟ୍ରି ଅପରେଟର ଧନେଶ୍ୱର ସାହୁଙ୍କ ଜରିଆରେ ଜଣେ ବିଲଡରଙ୍କଠାରୁ ଏକ ଲକ୍ଷ ୨୦ ହଜାର ଟଙ୍କା ଲାଂଚ ନେଉଥିବାର ଅଭିଯୋଗ ହୋଇଥିଲା । ତେବେ ତହସିଲଦାର ଲାଂଚ ନେବା ଅଭିଯୋଗକୁ ଖଣ୍ଡନ କରିବା ସହ ସେ ବିଲଡର ଜଣକ କିଏ ସିଏ ଜାଣନ୍ତି ନାହିଁ ବୋଲି କହିଛନ୍ତି ।

# ସବୁଜିମା ପାଇଁ ସୁଶାନ୍ତଙ୍କ ନିଆରା ପ୍ରୟାସ : ସିଡ୍‌ବଲ୍‌ରୁ କରାଇଛନ୍ତି ବ୍ୟାପକ ବନୀକରଣ

ଭୁବନେଶ୍ୱର,୪।୬ (ନି.ପ୍ର): ଜୁନ୍ ୫ରେ ସାରା ବିଶ୍ୱ ପାଳନ କରୁଛି 'ବିଶ୍ୱ ପରିବେଶ ଦିବସ' । ଆସ 'ପ୍ରକୃତି ପାଇଁ ସମୟ ଦେବା'ର ଥିମ୍‌କୁ ନେଇ ଏହି ଦିବସ ପାଳିତ ହେଉଥିବା ବେଳେ ପ୍ରକୃତି ପାଇଁ ସମୟ ଦେଉଥିବା ରିଅଲ୍ ହିରୋମାନଙ୍କ ଅବଦାନ ମନେପଡୁଛି । ରାଜଧାନୀର ଜଣେ ଯୁବ ସାମାଜିକ କର୍ମୀ ସୁଶାନ୍ତ ସାହୁ ବନୀକରଣ ପାଇଁ ନିଜ ଅବଦାନ ଦେଇ ପ୍ରକୃତିକୁ ସବୁଜିମାମୟ କରାଇବାର ନିଆରା ସଂକଳ୍ପକୁ ପ୍ରତିବାଦିତ କରାଇଛନ୍ତି । ମାଟି, ବାଲି, ଖତର ପିଣ୍ଡୁଳାରେ ଜାତି ଜାତିକା ବିହନ ମିଶାଇ ସେ ବଲ୍ ଆକାର କରନ୍ତି । ଏହି ସିଡ୍ ବଲ୍‌କୁ ଜଙ୍ଗଲ କ୍ଷୟ ହେଉଥିବା ଅଂଚଳରେ ଫିଙ୍ଗିଦେଇ ଆସନ୍ତି । ଗତବର୍ଷ ସୁଶାନ୍ତ ରାଜଧାନୀ ଉପକଣ୍ଠ ଚନ୍ଦକା ହସ୍ତୀ ଅଭୟାରଣ୍ୟ ପ୍ରକଳ୍ପ, ଭରତପୁର ସଂରକ୍ଷିତ ଜଙ୍ଗଲ ର ଖାଲି ପଡ଼ିଥିବା ସ୍ଥାନ ଓ ଘଙ୍ଗାପାଟଣା ସଂରକ୍ଷିତ ଜଙ୍ଗଲରେ ଉଜୁଡ଼ା ଅଂଚଳରେ ଏଭଳି ପାଂଚ ହଜାର ବିହନ ପିଣ୍ଡୁଳା ନିକ୍ଷେପ କରିଥିଲେ । ସେଥିରୁ ୯୦ ପ୍ରତିଶତରୁ ଅଧିକ ପିଣ୍ଡୁଳା ଫଳପ୍ରଦ ହୋଇଛି । ବୀଜଗୁଡ଼ିକ ଅଙ୍କୁରଣ ପରେ ହଜାର ହଜାର ସଂଖ୍ୟକ ତେନ୍ତୁଳି ଓ ପଣସ ଗଛର ଚାରା ମୁଣ୍ଡଟେକି ଛିଡ଼ାହେବାକୁ ଆରମ୍ଭ କରିଛି । ମିଫି ଫାଉଣ୍ଡେସନ୍ ନାମକ ସଂଗଠନ ଗଢ଼ି ରାସ୍ତାକଡ଼ର ଅସହାୟ ଓ ନିରୁଦ୍ଦିଷ୍ଟଙ୍କୁ ଥଇଥାନ କରାଇ ଚର୍ଚ୍ଚାକୁ ଆସିଥିବା ସୁଶାନ୍ତ ନୂଆଦିଲ୍ଲୀର ସାମାଜିକ ସଂଗଠନ ଆଶ୍ରା ଜରିଆରେ ଜନଜାତିଙ୍କ ବିକାଶ ପାଇଁ ପୁରା ସମୟ ବିନିଯୋଗ କରାଉଛନ୍ତି । ଦୁର୍ଗମ ଗାଁକୁ ଆଲୋକ ପହଂଚାଇବା, ବାତ୍ୟା କ୍ଷତିଗ୍ରସ୍ତ ଶିକ୍ଷାନୁଷ୍ଠାନକୁ ନୂଆ ରୂପ ଦେବା, ଆଦିବାସୀ ବିଦ୍ୟାର୍ଥୀଙ୍କୁ ଶିକ୍ଷାଦାନର ବ୍ୟବସ୍ଥା କରାଇବା ଦିଗରେ ନିଆରା ନଜିର ସୃଷ୍ଟି କରିଥିବା ସୁଶାନ୍ତଙ୍କ ପ୍ରକୃତି ପ୍ରତି ଆନ୍ତରିକତା କେତେ ତାଙ୍କର ସିଡ୍‌ବଲ୍ ଅଭିଯାନରୁ ଜାଣିହୁଏ । ପ୍ରକୃତି ଓ ସବୁଜିମା ଆମ ସମାଜର ନିଃଶ୍ୱାସ । ସମାଜର ଜୀବନ ପାଇଁ ସବୁଜିମା ଅପରିହାର୍ଯ୍ୟ ବୋଲି କହନ୍ତି ପ୍ରକୃତି ପାଇଁ ନିଆରା ଚିନ୍ତା କରୁଥିବା ସମାଜସେବୀ ସୁଶାନ୍ତ ସାହୁ ।

# କେନ୍ଦ୍ରାପଡାରେ ଅମ୍ଫାନ୍ କ୍ଷୟକ୍ଷତି ଆକଳନ କଲେ କେନ୍ଦ୍ରୀୟ ଟିମ୍

ଭୁବନେଶ୍ୱର,୪।୬ (ନି.ପ୍ର): ଅମ୍ଫାନ ବାତ୍ୟାରେ ଓଡ଼ିଶାରେ ହୋଇଥିବା କ୍ଷୟକ୍ଷତିର ଆକଳନ ପାଇଁ ଆସିଥିବା କେନ୍ଦ୍ରୀୟ ପ୍ରତିନିଧି ଦଳ ଗୁରୁବାର କେନ୍ଦ୍ରାପଡ଼ା ଜିଲ୍ଲାର ବାତ୍ୟା ପ୍ରଭାବିତ ଅଂଚଳ ପରିଦର୍ଶନ କରିଛନ୍ତି । ଜିଲ୍ଲା ପ୍ରଶାସନ ପକ୍ଷରୁ କ୍ଷୟକ୍ଷତିର ପ୍ରାଥମିକ ଆକଳନ ବିବରଣୀ ପ୍ରଦାନ କରାଯାଇଛି । ସୂଚନାଯୋଗ୍ୟ ଯେ ମହାବାତ୍ୟା ଅମ୍ଫନରେ କ୍ଷତିଗ୍ରସ୍ତ ହୋଇଥିବା ଜିଲ୍ଲା ମାନଙ୍କର କ୍ଷୟକ୍ଷତି ଆକଳନ କରିବା ପାଇଁ ଗତକାଲି ୭ ଜଣିଆ କେନ୍ଦ୍ରୀୟ ଟିମ୍ ଭୁବନେଶ୍ୱରରେ ପହଂଚିଥିଲେ । ଗୃହ ମନ୍ତ୍ରଣାଳୟର ଯୁଗ୍ମ ଶାସନ ସଚିବ ଶ୍ରୀ ପ୍ରକାଶଙ୍କ ନେତୃତ୍ୱରେ ଏହି ଟିମ୍ ଆସିଛି । ଏହି ଟିମ୍ କ୍ଷତିଗ୍ରସ୍ତ ଜିଲ୍ଲା ବାଲେଶ୍ୱର, ଭଦ୍ରକ, ଜଗତସିଂହପୁର ଓ କେନ୍ଦ୍ରାପଡ଼ା ଅଂଚଳ ଗସ୍ତରେ ଯିବେ । ସେଠାରୁ ଫେରିବା ପରେ ଲୋକସେବା ଭବନରେ ରାଜ୍ୟ ସରକାରୀ ପଦାଧିକାରୀ ମାନଙ୍କ ସହିତ ଆଲୋଚନା କରିବେ । ଏହା ପରେ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବଙ୍କ ସହିତ ସୌଜନ୍ୟମୂଳକ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଛି । ସେଠାରୁ ଫେରିବା ପରେ ଏହି ଟିମ୍ ତାର ରିପୋର୍ଟ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରିବ ।

# ନବରଙ୍ଗପୁର ଜିଲ୍ଲାର ସମୀକ୍ଷା କଲେ ଯୋଜନା ବୋର୍ଡ ଉପାଧ୍ୟକ୍ଷ

ଭୁବନେଶ୍ୱର,୪।୬ (ନି.ପ୍ର): ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ଶ୍ରୀ ସଂଜୟ କୁମାର ଦାସବର୍ମା ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ କୋଭିଡ୍-୧୯ ପରିପ୍ରେକ୍ଷୀରେ ନବରଙ୍ଗପୁର ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାଗୁଡ଼ିକର ସମୀକ୍ଷା କରିଥିଲେ । ଏହି ବୈଠକରେ ଜିଲ୍ଲାପାଳ ଶ୍ରୀ ଅଜିତ କୁମାର ମିଶ୍ର, ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ, ବିଡ଼ିଓ, ତହସିଲଦାର ଓ ଅନ୍ୟ ବିଭାଗୀୟ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ । ଶ୍ରୀ ଦାସବର୍ମା ସାରା ରାଜ୍ୟ କରୋନା ମହାମାରୀ ଭଳି ବିପର୍ଯ୍ୟୟକୁ ମୁକାବିଲା କରୁଥିବା ପରିପ୍ରେକ୍ଷୀରେ ନବରଙ୍ଗପୁର ଜିଲ୍ଲାରେ ଏହାକୁ ମୁକାବିଲା କରିବା ପାଇଁ ଗ୍ରହଣ କରିଥିବା ପ୍ରସ୍ତୁତି ଓ ପରିଚାଳନା ବିଷୟରେ ଜିଲ୍ଲାପାଳଙ୍କଠାରୁ ଅବଗତ ହେବା ସହ ବିସ୍ତୃତ ଆଲୋଚନା କରିଥିଲେ । ନବରଙ୍ଗପୁର ଜିଲ୍ଲାର ସଙ୍ଗରୋଧ କେନ୍ଦ୍ର, ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରର ପରିଚାଳନା, ସାନିଟାଇଜେସନ୍, କୋଭିଡ୍ ସେବା କେନ୍ଦ୍ରରେ ଅଧିକ ସଂଖ୍ୟକ ଶଯ୍ୟାର ଆବଶ୍ୟକତା, ଅନ୍ୟ ସ୍ୱାସ୍ଥ୍ୟ ସମସ୍ୟା, ରାଜ୍ୟକୁ ଆସୁଥିବା ଏବଂ ଅନ୍ୟ ରାଜ୍ୟରେ ଅଟକି ରହିଥିବା ପ୍ରବାସୀ ଶ୍ରମିକମାନଙ୍କ ଯତ୍ନ, ଜାତୀୟ ଓ ରାଜ୍ୟ ଯୋଜନାରେ ଭତା ପାଉଥିବା ହିତାଧିକାରୀ, ମନରେଗାରେ ଅଧିକ ଶ୍ରମଦିବସ ସୃଷ୍ଟି, ଖରିଫ ଫସଲ, ବିହନ ବିତରଣ, ମିଶନ ଶକ୍ତି, ମିଶନ ସୁବିଦ୍ୟା, ପିଡ଼ିଏସ୍ ସାମଗ୍ରୀ ବିତରଣ, ଗ୍ରୀଷ୍ମଋତୁରେ ପାନୀୟ ଜଳଯୋଗାଣ ବ୍ୟବସ୍ଥା, ମୃତିକା ସଂରକ୍ଷଣ ଓ ଜଳବିଭାଜିକା, ଧାନ ଓ ମକା ସଂଗ୍ରହ ସଂପର୍କରେ ଜିଲ୍ଲାପାଳ ଶ୍ରୀ ଅଜିତ କୁମାରଙ୍କ ସହ ସେ ଆଲୋଚନା କରିଥିଲେ । ଏହି ଅବସରରେ ଶ୍ରୀ ଦାସବର୍ମା ନବରଙ୍ଗପୁର ଅନ୍ତର୍ଗତ ନନ୍ଦାହାଣ୍ଡି, ତେନ୍ତୁଳିଖୁଂଟି, ପାପଡ଼ାହାଣ୍ଡି, କୋସାଗୁମୁଡ଼ା, ଡାବୁଗାଁ, ଉମରକୋଟ, ରାଇଘର, ଝରିଗାଁ, ଚନ୍ଦାହାଣ୍ଡି ଏବଂ ନବରଙ୍ଗପୁର ବ୍ଲକ୍‌ର ବିଡ଼ିଓମାନଙ୍କ ସହ ମଧ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ନେଇ ଆଲୋଚନା କରିଥିଲେ । ନବରଙ୍ଗପୁର ସାଂସଦ ଶ୍ରୀ ରମେଶ ମାଝୀ, ନବରଙ୍ଗପୁର ବିଧାୟକ ଶ୍ରୀ ସଦାଶିବ ପ୍ରଧାନୀ, ଉମରକୋଟ ବିଧାୟକ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ, ଝରିଗାଁ ବିଧାୟକ ଶ୍ରୀ ପ୍ରକାଶ ମାଝୀ, ଡାବୁଗାଁ ବିଧାୟକ ଶ୍ରୀ ମନୋହର ରନ୍ଧାରୀ, ଜିଲ୍ଲାପରିଷଦ ଅଧକ୍ଷ ଶ୍ରୀମତୀ ଭଗବତୀ ଭଦ୍ରା, ଉପାଧ୍ୟକ୍ଷ ଶ୍ରୀମତୀ ନିବେଦିତା ମହାନ୍ତି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ଦେଶରେ ଗତ ୨୪ ଘଂଟା ମଧ୍ୟରେ ୯୩୦୪ କୋରୋନାର ନୂଆ ମାମଲା

ନୂଆଦିଲ୍ଲୀ,୪।୬ (ନି.ପ୍ର): ଦେଶରେ ଗତ ୨୪ ଘଂଟା ମଧ୍ୟରେ ୯୩୦୪ କୋରୋନାର ନୂଆ ମାମଲା ସାମନାକୁ ଆସିଛି । ସେହିପରି ଦେଶରେ କୋରୋନା କାରଣରୁ ଗତ ୨୪ ଘଂଟା ମଧ୍ୟରେ ୨୬୦ ଜଣଙ୍କର ମୃତ୍ୟୁ ଘଟିଛି । କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଆଜି ସକାଳେ ଏହି ସୂଚନା ଦିଆ ଯାଇଛି ।

# ଭୁବନେଶ୍ୱରରେ ୪ କରୋନା ପଜିଟିଭ୍ ଚିହ୍ନଟ

ଭୁବନେଶ୍ୱର,୪।୬ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ (ବିଏମସି) ଅଂଚଳ ମଧ୍ୟରେ ଗତ ୨୪ ଘଂଟାରେ ୪ ଟି କରୋନା ପଜିଟିଭ୍ କେସ୍ ଚିହ୍ନଟ ହୋଇଛି । ବିଏମସି ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି । ୪ ଜଣଙ୍କ ମଧ୍ୟରୁ ଜଣେ ହୋମ୍ କ୍ୱାରେଂଟାଇନ୍ ରେ ଥିଲେ । ସେ କଳିଙ୍ଗ ବିହାରରୁ ପୂର୍ବରୁ ଚିହ୍ନଟ ଜଣେ ପଜିଟିଭ୍ ଙ୍କ ସଂସ୍ପର୍ଶରେ ଆସିଥିଲେ । ସେହିପରି ଅନ୍ୟ ଆକ୍ରାନ୍ତ ୩ ଜଣ ଲୋକାଲ କେସ୍ । ଆକ୍ରାନ୍ତଙ୍କ ମଧ୍ୟରୁ ଜଣେ ଆଇଗିଣିଆ ପାତ୍ରପଡା ଅଂଚଳର । ଜଣେ ଭୁବନେଶ୍ୱର ଏମସ୍ ର କର୍ମଚାରୀ । ଅନ୍ୟଜଣେ ଡୁମୁଡୁମା ଅଂଚଳର ହୋଇଥିବାବେଳେ ବେଳେ କଳିଙ୍ଗ ବିହାର ଆକ୍ରାନ୍ତଙ୍କ ସେକେଣ୍ଡାରୀ କଂଟାକ୍ଟରେ ଆସିଥିଲେ । ୪ ନୂଆ ଆକ୍ରାନ୍ତ ଚିହ୍ନଟ ହେବା ପରେ ପରବର୍ତ୍ତୀ କଂଟାକ୍ଟ ଟ୍ରେସିଂ ଜାରୀ ରହିଛି । ସେମାନଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତି ଓ ପଡୋଶୀଙ୍କୁ ହୋମ୍ କ୍ୱରେଂଟାଇନ୍ ରେ ରଖାଯାଇଛି ।

# ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହେଲେ ୩ ଲକ୍ଷ ୪୫ ହଜାର ହିତାଧିକାରୀ

ଭୁବନେଶ୍ୱର,୪।୬ (ନି.ପ୍ର): ଲକ୍ ଡାଉନ୍ ଜାରି ରହିଥିବାବେଳେ ଖାଦ୍ୟ, ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ସମଗ୍ର ରାଜ୍ୟରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଏ ପର୍ଯ୍ୟନ୍ତ ରାଜ୍ୟରେ ୯୩ ଲକ୍ଷ ୦୮ ହଜାର ୫୫୬ ରାସନ୍ କାର୍ଡଧାରୀ ପରିବାରକୁ ଆଗୁଆ ଅପ୍ରେଲ୍, ମଇ ଓ ଜୁନ୍ ତିନିମାସ ପାଇଁ ଚାଉଳ ଓ ଗହମ ଦିଆଯାଇଛି । ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁସାରେ ଆଜି ସୁଦ୍ଧା ୯୨ ଲକ୍ଷ ୩୨ ହଜାର ୯୭୩ କାର୍ଡଧାରୀ ପରିବାରକୁ ୧୦୦୦ ଟଙ୍କା ଲେଖାଏଁ ନଗଦ ରିଲିଫ୍ ଆକାରରେ ୯୨୩ କୋଟି ୨୯ ଲକ୍ଷ ୭୩ ହଜାର ଟଙ୍କା ଦିଆଯାଇଛି । ସେହିପରି ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ନୂତନ ଭାବେ ୧,୩୩,୨୮୩ ପରିବାରର ୩ ଲକ୍ଷ ୪୫ ହଜାର ୩୫୩ ଜଣ ହିତାଧିକାରୀଙ୍କୁ ସାମିଲ କରାଯାଇଛି ଏବଂ ଏହି ପ୍ରକ୍ରିୟା ଜାରି ରହିଛି ।

# 'ଅମ୍ଫାନ୍' କ୍ଷୟକ୍ଷତି ଆକଳନ ପାଇଁ ବାଲେଶ୍ୱର କେନ୍ଦ୍ରୀୟ ଟିମ୍: ବାଲିଆପାଳ-ଭୋଗରାଇ ଅଞ୍ଚଳ କଲେ ପରିଦର୍ଶନ



ବାଲେଶ୍ୱର,୪।୬ (ନି.ପ୍ର): ସାମୁଦ୍ରିକ ମହାବାତ୍ୟା 'ଅମ୍ଫାନ୍' କ୍ଷୟକ୍ଷତି ଆକଳନ ପାଇଁ ୫ ଜଣିଆ କେନ୍ଦ୍ରୀୟ ଟିମ୍ ଆଜି ବାଲେଶ୍ୱରରେ ପହଞ୍ଚିଛି । ଟିମ୍ ଲିଡର କେନ୍ଦ୍ର ଗୃହ ମନ୍ତ୍ରାଳୟର ଯୁଗ୍ମ ସଚିବ ଶ୍ରୀ ପ୍ରକାଶଙ୍କ ନେତୃତ୍ୱରେ ଆସିଥିବା ଏହି ଟିମ୍ ଜିଲ୍ଲାର ବାଲିଆପାଳ ଓ ଭୋଗରାଇ ବ୍ଲକ ପରିଦର୍ଶନ କରିଛନ୍ତି । ଗତ ଅମ୍ଫାନ ବାତ୍ୟାରେ କ୍ଷୟକ୍ଷତି ଆକଳନ କରିବା ପରେ ସେମାନେ କେନ୍ଦ୍ର ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବେ ବୋଲି ଟିମ ଲିଡର ଶ୍ରୀ ପ୍ରକାଶ ସୂଚନା ଦେଇଚନ୍ତି । ଭୁବନେଶ୍ୱରରୁ ଏହି ଟିମ ଆସି ସର୍କିଟରେ ହାଉସରେ କିଛି ସମୟ ରହିବା ପରେ ବାଲିଆପାଳ ଓ ଭୋଗରାଇ ଅଭିମୁଖେ ଯାତ୍ରା କରିଥିଲେ । ଶ୍ରୀ ପ୍ରକାଶଙ୍କ ସମେତ କେନ୍ଦ୍ର ମତ୍ସ୍ୟ ବିଭାଗର ଅଧିକାରୀ ଏସ କେ ରଥ, କେନ୍ଦ୍ର କୃଷି ବିଭାଗ ଅଧିକାରୀ ସୋମନାଥ ଅଗସିମଣି, କେନ୍ଦ୍ର ସଡ଼କ ଓ ପରିବହନ ବିଭାଗ ଅଧିକାରୀ ବି ଏନ ସାହାୟଙ୍କ ସମେତ ରାଜ୍ୟ ଜଳ ନିଷ୍କାସନ ବିଭାଗ ମୁଖ୍ୟଯନ୍ତ୍ରୀ ଅସୀମ ମହାନ୍ତି ପ୍ରମୁଖ ଏହି ଟିମ୍‌ରେ ଆସିଛନ୍ତି । ବାଲେଶ୍ୱର ଜିଲ୍ଲାର ଦୁଇବ୍ଲକର କ୍ଷୟକ୍ଷତି ଆକଳନ ପରେ ସେମାନେ ଭଦ୍ରକ ଜିଲ୍ଲାର ମଧ୍ୟ ଅମ୍ଫାନ କ୍ଷୟକ୍ଷତି ଆକଳନ ପାଇଁ ଗସ୍ତ କରିଛନ୍ତି । ଅନୁରୂପ ଭାବେ ଅନ୍ୟଏକ ଟିମ୍ ଜଗତସିଂପୁର ଓ କେନ୍ଦ୍ରପଡ଼ା ପରିଦର୍ଶନରେ ଯାଇଥିବା ଜଣାପଡ଼ିଛି । ବାତ୍ୟା ଅମ୍ଫାନ୍ ପରେ ଓଡ଼ିଶା ପରିଦର୍ଶନରେ ଆସିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶାର କ୍ଷୟକ୍ଷତି ପୁନର୍ବସତି ପାଇଁ ୫୦୦ କୋଟି ଟଙ୍କାର ଅଗ୍ରୀମ ଅନୁଦାନ ଘୋଷଣା ସହ ପରବର୍ତ୍ତୀ ସମୟରେ କେନ୍ଦ୍ରୀୟ ଟିମଙ୍କ ଆକଳନ ପରେ ଓଡ଼ିଶାକୁ ଆବଶ୍ୟକ ଅନୁଦାନ ପ୍ରଦାନ କରାଯିବା ନେଇ ସୂଚନା ଦେଇଥିଲେ ।

# କଟକରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ ୩୩୨ ଜଣଙ୍କ ଠାରୁ ଆଦାୟ ହେଲା ଜୋରିମାନା

ଭୁବନେଶ୍ୱର,୪।୬ (ନି.ପ୍ର): କଟକରେ ଗତ ୨୪ ଘଂଟା ମଧ୍ୟରେ ୩୩୨ ଜଣଙ୍କ ଠାରୁ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ ଜୋରିମାନା ଆଦାୟ କରା ଯାଇଛି । କଟକ ଡିସିପିଙ୍କ ଦ୍ୱାରା ଟ୍ୱିଟ କରି ଏହି ସୂଚନା ଦିଆ ଯାଇଛି ।

# ଜିଲ୍ଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୭୯

## ୧୦୧୭ଟି କ୍ୱାରେଣ୍ଟାଇନ୍ ସେଣ୍ଟରରେ ରହିଲେଣି ୩୯,୧୬୯

ବାଲେଶ୍ୱର,୪।୬ (ନି.ପ୍ର): ସମ୍ପ୍ରତି ଅନଲକ୍ ୧ ଲାଗୁ ହୋଇଥିବା ବେଳେ ବାଲେଶ୍ୱର ସମେତ ଓଡ଼ିଶାରେ ବଢ଼ି ଚାଲିଥିବା କରୋନା ସଂକ୍ରମଣକୁ ନେଇ ସବୁ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି । ଗତକାଲି ୨୪ ଜଣ ଓ ଆଜି ଜଣେ ପଜିଟିଭ୍‌ଙ୍କୁ ମିଶାଇ ଅଦ୍ୟବଧି ବାଲେଶ୍ୱର ଜିଲ୍ଲାରେ ସଂକ୍ରମିତଙ୍କ ସଂଖ୍ୟା ୧୭୯ରେ ପହଞ୍ଚିଛି । ତେବେ ଆଜି ଆରୋଗ୍ୟ ଲାଭ କରିଥିବା ତିନିଜଣ ଙ୍କୁ ମିଶାଇ ଅଦ୍ୟାବଧି ଜିଲ୍ଲାରେ ୧୩୪ ଜଣ ସୁସ୍ଥ ହୋଇସାରିଲେଣି । ଅଦ୍ୟାବଧି ୪୪ ଜଣ ସଂକ୍ରମିତ କୋଭିଡ୍ ହସପିଟାଲରେ ଚିକିତ୍ସିତ ହେଉଛନ୍ତି । ଅନ୍ୟପକ୍ଷରେ ଆଜି ସୁଦ୍ଧା ଜିଲ୍ଲାରୁ ମୋଟ ୧୦,୩୩୩ ଜଣଙ୍କ ସ୍ୱାବ ନମୁନା ପରୀକ୍ଷା ପାଇଁ ପଠାଯାଇଥିବା ବେଳେ ୧୦ ହଜାର ୫୩ ଟି ଟେଷ୍ଟ ରିପୋର୍ଟ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ହସ୍ତଗତ ହୋଇଥିବା ଜଣାପଡ଼ିଛି । ତେବେ ଜିଲ୍ଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧିରେ ପ୍ରବାସୀ ଓଡ଼ିଆଙ୍କ ଜିଲ୍ଲା ଆଗମନ ମୁଖ୍ୟ କାରଣ ହୋଇଥିବା ଅନୁମାନ କରାଯାଇଛି । ଆଜି ସୁଦ୍ଧା ବାଲେଶ୍ୱର ଜିଲ୍ଲାକୁ ବିଭିନ୍ନ ରାଜ୍ୟରୁ ମୋଟ ୩୮ ହଜାର ୪୪୩ ଜଣ ପ୍ରବାସୀ ଆସିବା ବେଳେ ସେମାନଙ୍କୁ ୧୦୧୭ଟି ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ବା କ୍ୱାରେଣ୍ଟାଇନ୍ କେନ୍ଦ୍ରରେ ରଖାଯାଇଥିଲା । ଏନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମଗ୍ର ଜିଲ୍ଲାର ବିଭିନ୍ନ କେନ୍ଦ୍ରରେ ମୋଟ ୩୪ ହଜାର ୨୭୫ଟି ରୋଗୀ ଶଯ୍ୟା ପ୍ରସ୍ତୁତ କରାଯାଇଥିଲା । ସଙ୍ଗରୋଧ ଅବଧି ସାରି ବର୍ତ୍ତମାନ ସୁଦ୍ଧା ୩୦,୧୨୮ ଜଣ ପ୍ରବାସୀ କ୍ୱାରେଣ୍ଟାଇନ୍ ସେଣ୍ଟରରୁ ଘରକୁ ଫେରି ଯାଇଥିବା ବେଳେ ଏବେ ବି ୪୬୧ କେନ୍ଦ୍ରରେ ୯,୦୪୧ ଜଣ ପ୍ରବାସୀ ଅବସ୍ଥାନ କରୁଥିବା ଜଣାପଡ଼ିଛି । ପ୍ରବାସୀଙ୍କ ସମେତ ଅନ୍ୟାନ୍ୟ କ୍ଷେତ୍ରରୁ ଜିଲ୍ଲାର କ୍ୱାରେଣ୍ଟାଇନ୍ ସେଣ୍ଟରରେ ରହିଥିବା ମୋଟ ଲୋକଙ୍କ ସଂଖ୍ୟା ୩୯, ୧୬୯ରେ ପହଞ୍ଚିଥିବା ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ତେବେ ଲାଗୁ ହୋଇଥିବା ଅନ୍‌ଲକ୍ ୧ ଯୋଗୁଁ ଆନ୍ତରାଜ୍ୟ ବସ୍ ଓ ଟ୍ରେନ୍ ଚଳାଚଳ ଆରମ୍ଭ ହୋଇଥିବା ବେଳେ ଆଗାମୀ ଦିନରେ ପ୍ରାବସୀଙ୍କ ସଂଖ୍ୟା ବୃଦ୍ଧି ସାଙ୍ଗକୁ ସଂକ୍ରମିତଙ୍କ ସଂଖ୍ୟା ମଧ୍ୟ ବଢ଼ିପାରେ ବୋଲି ଅନୁମାନ କରାଯାଇଛି । ଏନେଇ ନିଜ ଓ ନିଜ ପରିବାରର ସୁରକ୍ଷା ପାଇଁ ସମସ୍ତେ ସାମାଜିକ ଦୂରତ୍ୱ ରକ୍ଷା ସହ ସରକାରଙ୍କ କୋଭିଡ୍ ନିୟମାବଳୀକୁ ପାଳନ କରିବା ପାଇଁ ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ନିବେଦନ କରାଯାଇଛି ।

# 'ଭାରତୀୟ ଜାତୀୟ ମହିଳା ଫେଡ଼େରେସନ'ର ପ୍ରତିଷ୍ଠା ଦିବସ




ବାଲେଶ୍ୱର,୪।୬ (ନି.ପ୍ର): ଉତ୍କଳ ମହିଳା ସମିତି ପକ୍ଷରୁ 'ଭାରତୀୟ ଜାତୀୟ ମହିଳା ଫେଡ଼େରେସନ'ର ପ୍ରତିଷ୍ଠା ଦିବସ ଚାନ୍ଦିପୁରଠାରେ ଆଜି ପାଳିତ ହୋଇଯାଇଛି । ଉତ୍କଳ ମହିଳା ସମିତିର ରାଜ୍ୟ ସାଧାରଣ ସମ୍ପାଦିକା ପ୍ରଭାବତୀ ଦାସ ସଂଗଠନର ପତାକା ଉତ୍ତୋଳନ ପୂର୍ବକ ପ୍ରତିଷ୍ଠା ଦିବସକୁ ଉଦ୍‌ଘାଟନ କରିଥିଲେ । ମହିଳାଙ୍କ ମାସାଜିକ, ଅର୍ଥନୈତିକ ଓ ରାଜନୈତିକ ସମାନତା ଅଧିକାର ସୁରକ୍ଷା ପାଇଁ ସଂଗ୍ରାମକୁ ଆହୁରି ଆଗକୁ ନେବା ପାଇଁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ଭାରତୀୟ କ୍ଷେତ ମଜଦୁର ୟୁନିୟନର ନେତ୍ରୀ ସୁହାଗୀ ମାଝୀ ଏଥିରେ ଯୋଗଦେଇ ଭୂମିହୀନଙ୍କୁ ଜମି ପଟ୍ଟା ପ୍ରଦାନରେ ପ୍ରଶାସନର ଅବହେଳା, ମାଇକ୍ରୋ ଫାଇନାନ୍ସ ସଂସ୍ଥା ଋଣକିସ୍ତି ଆଦାୟ ଜୁଲମ୍ ପ୍ରଭୃତି ବିରୋଧରେ ତୀବ୍ର ଆନ୍ଦୋଳନ ପାଇଁ ପ୍ରସ୍ତୁତ ହେବାକୁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଲକ୍ଷ୍ମୀ ଟୁଡୁ, ହେମପ୍ରିୟା ବାରିକ, ଶୁକ ଟୁଡୁ, ଆରତୀ ସୋରେନ୍, ତିଳୋତ୍ତମା ମାଝୀ, ବାସନ୍ତି ମାଝୀ, ତାରା ମାଝୀ ପ୍ରମୁଖ ଏଥିରେ ଉପସ୍ଥିତ ରହି ପ୍ରତିଷ୍ଠା ଦିବଦ ପାଳନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ସତ୍ୟସାଇ ସୋସିଆଲ ଅର୍ଗାନାଇଜେସନ ପକ୍ଷରୁ ରକ୍ତଦାନ ଶିବିର

ବାଲେଶ୍ୱର,୪।୬ (ନି.ପ୍ର): କରୋନା ଜନିତ ଲକ୍ ଡାଉନ୍ ସ୍ଥିତିନେ୍ରକ୍ତର ଅଭାବ ପୂରଣର ଲକ୍ଷ୍ୟ ନେଇ 'ସତ୍ୟସାଇ ସୋସିଆଲ ଅର୍ଗାନାଇଜେସନ ଓ ସତ୍ୟସାଇ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ସ'ର ମିଳିତ ସହଯୋଗରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆଜି ଅନୁଷ୍ଠିତ ହୋଇଯାଇଛି । ସତ୍ୟସାଇ ଯୁକ୍ତଦୁଇ ଆବାସିକ ସାଇନ୍ସ କଲେଜ୍ କ୍ୟାମ୍ପସ ପରିସରରେ ଆୟୋଜିତ ଏହି ଶିବିରକୁ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ରାଜ୍ୟର ପୂର୍ବତନ ମନ୍ତ୍ରୀ ପଦ୍ମଲୋଚନ ପଣ୍ଡା ମିଳିତ ଭାବେ ଉଦ୍‌ଘାଟନ କରିଥିଲେ । ସତ୍ୟସାଇ ସୋସିଆଲ ଅର୍ଗାନାଇଜେସନର ବହୁ ସଂଖ୍ୟାରେ ଉତ୍ସାହୀ ଯୁବ ସଦସ୍ୟ ସାମାଜିକ ଦୂରତା ରକ୍ଷା ସହ ରକ୍ତଦାନ ପାଇଁ ଆଗେଇ ଆସିଥିବାରୁ ସେମାନେ ପ୍ରଶଂସାର ପାତ୍ର ବୋଲି ସତ୍ୟସାଇ ଗ୍ରୁପ୍ ଅଫ୍ ଅର୍ଗାନାଜେସନର ଚେୟାରମ୍ୟାନ୍ ଡକ୍ଟର ବେଣୁ ମାଧବ ପଣ୍ଡା ପ୍ରକାଶ କରିଛନ୍ତି । ଜିଲ୍ଲା ରକ୍ତଭଣ୍ଡାର ଅଧିକାରୀ ଡାକ୍ତର ବସନ୍ତ କୁମାର ଉପାଧ୍ୟାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ଛାତ୍ରଛାତ୍ରୀଙ୍କ ସମେତ ବହୁ ଯୁବକ ଯୁବତୀ ରକ୍ତଦାନ କରିଥିଲେ ।

ଶୁକ୍ରବାର,୫ ଜୁନ୍ ୨୦୨୦

ଧ୍ୱନି ପ୍ରତିଧ୍ୱନି



# ଆକ୍ରାନ୍ତ ବଢି ୭୪ ହେଲା ନିୟମ ପାଳନରେ ସୁନ୍ଦରଗଡ ଜିଲ୍ଲା ବିଗ୍ ଜିରୋ

ରାଉରକେଲା,୪।୬ (ନି.ପ୍ର): ସୁନ୍ଦରଗଡ ଜିଲ୍ଲାରେ ବର୍ତମାନ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢିଚାଲିଥିବା ବେଳେ,ଏହାର ସଂଖ୍ୟା ୭୪ରେ ପହଁଚିଛି ବୋଲି ଜିଲ୍ଲାପ୍ରଶାସନ ପକ୍ଷରୁ କୁହାଯାଇଛି । ଆଜି ଆଉ ୫ ଆକ୍ରାନ୍ତ କୁ ମିଶାଇ ସଂଖ୍ୟା ୭୪ରେ ପହଁଚିଛି ।ବର୍ତମାନ ଜିଲ୍ଲାର ବିଭିନ୍ନ ଅଂଚଳରୁ ଆକ୍ରନ୍ତଙ୍କ ରିପୋର୍ଟ ଆସୁଥିବା ବେଳେ ରାଉରକେଲା ଏଥିରୁ ବାଦ୍ ପଡିନି । ତେବେ ଏହି ଆକ୍ରନ୍ତଙ୍କ ଭିତରୁ ୩୯ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି ବୋଲି କୁହାଯାଇଛି । ଆଜି ମିଳିଥିବା ରିପୋର୍ଟ ଅନୁଶାରେ ୪ଜଣ ପୁରୁଷ ରାଉରକେଲାରୁ ଓ ଜଣେ ମହିଳା ବିଶ୍ରା ଅଂଚଳରୁ । ତେବେ ଏମାନେ କେଉଁ ଅଂଚଳର ତାହା ସରକାରୀ ଭାବେ ପ୍ରକାଶ କରାଯାଉନଥିବାରୁ ଲୋକେ ଆଶଙ୍କା ଭିତରେ ରହିଛନ୍ତି । ପୁର୍ବରୁ ଥିବା କଂଟେନମେଂଟ ଇଲାକା ରୁ ଆଉ ଆକ୍ରାନ୍ତ ବାହାରୁ ନଥିବାରୁ ୨୬ତାରିଖ ଗଣ୍ଡଗୋଳ ପରେ କଣ୍ଟେନମେଂଟ ସେଠାରୁ ଉଠାଇ ଦିଆଯାଇଛି । ତେବେ ଏକାଥରେ ପୁଣି କେଉଁ ଅଂଚଳରୁ ୪ଆକ୍ରାନ୍ତ ବାହାରିଲେ ସେ ଅଂଚଳରେ ସେମାନେ କେବେ ଠାରୁଥିଲେ,ସେମାନଙ୍କ ରେକର୍ଡ ବାହାର କରାଯାଉଥିବା ପ୍ରଶାସନ କହିଛି ସତ,କିନ୍ତୁ ସେ ଅଂଚଳକୁ କଂଟେନମେଂଟ ଘୋଷଣା କରିବା ନେଇ ସାଧାରଣରେ ନାନା ପ୍ରଶ୍ନ ଉଠୁଥିଲେ ବି,ପ୍ରଶାସନ କୌଣସି ସୁଚନା ଦେଇନାହିଁ । ସେପଟେ ଜୁନ୍ ମାସକୁ ଭିନ୍ନ ଭାବେ ପରିଚାଳନା ଲାଗି ସରକାର ସୁଚନା ଦେବା ସହ ସାମାଜୀକ ଦୁରତା,ମାସ୍କ ପିନ୍ଧା ଉପରେ ସରକାର ଗୁରୁତ୍ୱ ଦେଇଛନ୍ତି ।କିନ୍ତୁ ରାଉରକେଲା ସହରରେ ଏହାକୁ ମାତ୍ର ୧୦ପ୍ରତିଶତ ଲୋକେ ମାନୁଥିବା ବେଳେ ଅନ୍ୟ ମାନେ ଏହାକୁ ଶୁଣିବାକୁ ଭଲ ପାଉନାହାନ୍ତି । ଏହାର ଜ୍ୱଳନ୍ତ ଉଦାହରଣ ଦେଖିପାରିବେ କିଛି ମେକାନିକ ମାନଙ୍କ ପାଖରେ ।ବର୍ତମାନ ଏସି,କୁଲର ସିଜିନ ।ନୁଆ ଏସି ଟିଏ ଘରକୁ ଆସିଲେ ଅନ୍ୟୁନ୍ୟ ୨ଜଣ ମେକାନିକ ଘରକୁ ଆସିଥାନ୍ତି ସେହି ଏସିକୁ ଲଗାଇବା ଲାଗି ।କିନ୍ତୁ ଦେଖାଯାଉଛି ଆସୁଥିବା ମେକାନିକ ମାନେ ଆଦୌ ମାସ୍କ ଲଗାଉ ନାହାନ୍ତି ।

# ଫାଇନାନ୍ସ ସଂସ୍ଥାଙ୍କ କିସ୍ତି ଆଦାୟ ଜୁଲମରୁ ଆନ୍ଦୋଳନମୁଖୀ ମହିଳା

## ଏତଲା ଦେବାକୁ ଏସଏଚଜିଙ୍କୁ କେନ୍ଦ୍ରମନ୍ତ୍ରୀଙ୍କ ପରାମର୍ଶ



ବାଲେଶ୍ୱର,୪।୬ (ନି.ପ୍ର): ଲକ୍ ଡାଉନ ପ୍ରଭାବରୁ ମୁକୁଳିବା ପାଇଁ ଋଣ ଗ୍ରହିତାଙ୍କ ନିମନ୍ତେ ସରକାରଙ୍କ କିସ୍ତିଅର୍ଥ ଛାଡ଼ ନିର୍ଦ୍ଦେଶ ସତ୍ତ୍ୱେ ସ୍ୱୟଂ ସହାୟିକା ଗୋଷ୍ଠୀ (ଏସଏଚଜି)ଙ୍କ ଉପରେ ଅର୍ଥ ଲଗାଣକାରୀ ସଂସ୍ଥାମାନଙ୍କ ପକ୍ଷରୁ ହେଉଥିବା ଜୁଲମ ଜନିତ ଅସନ୍ତୋଷ କ୍ରମଶଃ ଜନ ଆନ୍ଦୋଳନରେ ରୂପ ନେବାରେ ଲାଗିଛି । ବିଭିନ୍ନ ଅଣବ୍ୟାଙ୍କିଙ୍ଗ୍ ଅର୍ଥଲଗାଣକାରୀ ସଂସ୍ଥା ପକ୍ଷରୁ ଋଣ ନେଇ ସମ୍ପ୍ରତି ଜୁଲମର ଶିକାର ହେଉଥିବା ବାଲେଶ୍ୱର ଜିଲ୍ଲାର ଶହ ଶହ ଏସଏଚଜି ଗ୍ରୁପର ମହିଳା ଜିଲ୍ଲାପାଳଙ୍କଠାରେ ଆପତ୍ତି କରୁଥିବା ଦେଖିବାକୁ ମିଳିଛି । କରୋନା ଭଳି ସଙ୍ଗୀନ ସ୍ଥିତିରେ ସ୍ୱୟଂ ସହାୟିକା ଗୋଷ୍ଠୀ (ଏସଏଚଜି)ମାନେ ନେଇଥିବା ଋଣ ବାବଦୀୟ କିସ୍ତି ଆଦାୟ ଉପରେ ଅଙ୍କୁଶ ଲଗାଇବା ଦାବିରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରୁଥିଲେ ବି ଏନେଇ ଜିଲ୍ଲା ପ୍ରଶାସନ କିମ୍ବା ପୁଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠା ପରିଲକ୍ଷିତ ହେଉନାହିଁ । କିସ୍ତି ଅର୍ଥ ଦେଇପାରୁ ନଥିବା ଗ୍ରୁପ୍‌ଙ୍କ ଉପରେ ଏବେ ସେମାନଙ୍କ ଦୌରାତ୍ମ୍ୟ ସୀମା ଟପିଥିବା ମହିଳାମାନେ ଆରୋପ ଉଠାଇଛନ୍ତି । ଋଣଗ୍ରହିତାଙ୍କ ଘରେ ପହଞ୍ଚି ସଂସ୍ଥାର ପ୍ରତିନିଧିମାନେ ବିଭିନ୍ନ ପ୍ରକାରର ଭୟଭ୍ରାନ୍ତି କଥା କହି ମାନସିକ ନିର୍ଯାତନା ଦେବା ସହ କିସ୍ତି ଅର୍ଥ ଆଦାୟ ପାଇଁ ଉଦ୍ୟମ ଜାରି ରଖିଛନ୍ତି । ଏଭଳି ସ୍ଥିତିରେ ପ୍ରଶାସନ ତଥା ସରକାର ହସ୍ତକ୍ଷେପ କରିବା ସହ ଅଣବ୍ୟାଙ୍କିଙ୍ଗ୍ ସଂସ୍ଥାଙ୍କ କିସ୍ତି ଆଦାୟ ଉପରେ ଅଙ୍କୁଶ ଲଗାଇବାକୁ ବିଭିନ୍ନ ଏସଏଚଜି ଗ୍ରୁପ୍ ପକ୍ଷରୁ ଦାବି ମଧ୍ୟ ହେଉଛି । ତେବେ ଅଣବ୍ୟାଙ୍କିଙ୍ଗ୍ ସଂସ୍ଥାଙ୍କ ବେଆଇନ୍ କିସ୍ତି ଆଦାୟକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ । ଲକ୍ ଡାଉନ୍ ଯୋଗୁଁ ସମଗ୍ର ଦେଶର ଜନତା ପ୍ରଭାବିତ ହୋଇଥିବା ବେଳେ ଋଣଗ୍ରହିତାଙ୍କୁ ସାମାୟିକ ଭାବେ ଆଶ୍ୱସ୍ତି ଦେବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ୬ ମାସ ପର୍ଯ୍ୟନ୍ତ ଋଣକିସ୍ତି ଛାଡ଼ ନର୍ଦ୍ଦେଶ ଦିଆଯାଇଛି । ଜାତୀୟକରଣ ଓ ଘରୋଇ ବ୍ୟାଙ୍କ ସମେତ ସମସ୍ତ ଅର୍ଥଲଗାଣକାରୀ ସଂସ୍ଥା ଏହି ନିର୍ଦ୍ଦେଶ ମାନିବାକୁ ବାଧ୍ୟତାମୂଳକ । ତେବେ ଯେଉଁମାନେ ଏହାକୁ ଉଲ୍ଲଂଘନ କରି କିସ୍ତିଅର୍ଥ ଆଦାୟ କରୁଛନ୍ତି, ସେମାନଙ୍କ ବିରୋଧରେ ତୁରନ୍ତ ଏତଲା ଦେବାକୁ ମନ୍ତ୍ରୀ ଶ୍ରୀ ଷଡ଼ଙ୍ଗୀ କହିଛନ୍ତି । ଥାନାରେ ଏତଲା ଦେଲେ ପୁଲିସ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି ।

# ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅବହେଳା ଚଳିବ ନାହିଁ : ଛାତ୍ର କଂଗ୍ରେସ

ଭୁବନେଶ୍ୱର,୪।୬ (ନି.ପ୍ର): ଛାତ୍ରଛାତ୍ରୀଙ୍କ ଫି’ ଛାଡ଼ ପ୍ରସଙ୍ଗକୁ ନେଇ ଛାତ୍ର କଂଗ୍ରେସ ତାର ସଂଗ୍ରାମ ଜାରି ରଖିଛି । ଦଳ ପକ୍ଷରୁ ଆଜି ପୂର୍ବାହ୍ନ ୧୧ ସମୟରେ ଏକ ନୀରବ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି । ଛାତ୍ର କଂଗ୍ରେସ ରାଜ୍ୟ ସମନ୍ୱୟ କମିଟି ସଦସ୍ୟ ନିରଞ୍ଜନ ଦାସଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଛାତ୍ର କଂଗ୍ରେସ ପକ୍ଷରୁ ଛାତ୍ରଛାତ୍ରୀଙ୍କର ଫି’ ଛାଡ ସହ ଦାଖଲ ସମୟ ସୀମା ବୃଦ୍ଧି ପାଇଁ ୭ ଦିନ ପୂର୍ବରୁ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କୁ ଚିଠି ଲେଖି ଅବଗତ କରାଯାଇଥିଲା । ତେବେ ଏଯାବତ୍ ଉଭୟ ସରକାର ଛାତ୍ରଛାତ୍ରୀଙ୍କ ସ୍ୱାର୍ଥ ପାଇଁ କୌଣସି ପଦକ୍ଷେପ ନେଇ ନଥିବାରୁ ପ୍ରତିବାଦ ସଭା କରାଯାଇଛି । ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଛାତ୍ରଙ୍କ ସ୍ୱାର୍ଥ ବିରୋଧୀ । କରୋନା ମହାମାରୀ ସମୟରେ ବିଦ୍ୟାର୍ଥୀଙ୍କୁ ସହଯୋଗ କରିବାକୁ ସରକାର ଚେଷ୍ଟା କରିବା ପରିବର୍ତେ ବିଦ୍ୟାର୍ଥୀଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ କରୁଛନ୍ତି । ସେଥିପାଇଁ ଆଜି ସାମାଜିକ ଦୂରତା ବଜାୟ ରଖି ନୀରବ ପ୍ରତିବାଦ ସଭା କରାଯାଇଛି । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଅଂଚଳର ଛାତ୍ର କଂଗ୍ରେସ କର୍ମକର୍ତା ଯୋଗଦେଇଥିଲେ । ଛ । ତ_ କଂଗ୍ରେସ ରାଜ୍ୟ ସମନ୍ୱୟ କମିଟି ସଦସ୍ୟ ନିରଞ୍ଜନ ଦାସ କହିଛନ୍ତି ସରକାର ତୁରନ୍ତ ଛାତ୍ରଛାତ୍ରୀଙ୍କ ଫି ଛାଡ଼ କରନ୍ତୁ । ଯଦି ଫି ଛାଡ଼ ନକରିବେ ଗରୀବ ବିଦ୍ୟାର୍ଥୀଙ୍କୁ ଚିହ୍ନଟ କରିବା ସହ ତୁରନ୍ତ ସେମାନଙ୍କ ବ୍ୟାଙ୍କ ଆକାଉଂଟରେ ଅର୍ଥ ପ୍ରଦାନ କରନ୍ତୁ । ଛାତ୍ର କଂଗ୍ରେସ ଓଡ଼ିଶାର ବିଦ୍ୟାର୍ଥୀଙ୍କ ସୁରକ୍ଷା ପାଇଁ ତାର ଲଢେଇ ଜାରି ରଖିବ । ସମଗ୍ର ଦେଶରେ ଜୀବନ ଜୀବିକା ପ୍ରଭାବିତ ହୋଇଥିବାବେଳେ ଉଭୟ ସରକାର ବିଦ୍ୟାର୍ଥୀଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେବା ଗ୍ରହଣୀୟ ନୁହେଁ । ଯଦି ସରକାର ଛାତ୍ର କଂଗ୍ରେସର ଦାବିକୁ ନମାନନ୍ତି ତେବେ ଆଗାମୀ ଦିନରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ପରାମର୍ଶକ୍ରମେ ସାରା ରାଜ୍ୟରେ ଛାତ୍ରଛାତ୍ରୀମାନଙ୍କୁ ଏକାଠି କରି ଛାତ୍ର କଂଗ୍ରେସ ନୀରବ ପ୍ରତିବାଦର ସ୍ୱରକୁ ଦୃଢ଼ କରିବ ।

# ଯୁକ୍ତ ଦୁଇ ପରୀକ୍ଷା କେନ୍ଦ୍ର ଏବଂ ମୂଲ୍ୟାୟନ କେନ୍ଦ୍ର ମାନଙ୍କରେ ଥର୍ମାଲ ସ୍କାନିଂର ବ୍ୟବସ୍ଥା କରିବା ଲାଗି ନିର୍ଦ୍ଦେଶ

ଭୁବନେଶ୍ୱର,୪।୬ (ନି.ପ୍ର): ଯୁକ୍ତ ଦୁଇ ପରୀକ୍ଷା ଏବଂ ମୂଲ୍ୟାୟନ କେନ୍ଦ୍ର ମାନଙ୍କରେ ଥର୍ମାଲ ସ୍କାନିଂର ବ୍ୟବସ୍ଥା କରିବା ଲାଗି ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ସମ୍ପୃକ୍ତ କେନ୍ଦ୍ରର ଅଧ୍ୟକ୍ଷ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ବ୍ୟବସ୍ଥା ଲାଗି ଆବଶ୍ୟକ ହେଉଥିବା ମେସିନ ଯୋଗାଇ ଦେବାକୁ ଜିଲ୍ଲା ପ୍ରଶାସନ କରିବା ଦରକାର । ଯଦି ତାହା ନ କରନ୍ତି କେନ୍ଦ୍ର ପି.ଏଲ ଆକାଉଂଟ ବା ଡେଭେଲପମେଂଟ ଫଣ୍ଡରୁ ଅର୍ଥର ବ୍ୟବସ୍ଥା କରିବା ପାଇଁ କୁହାଯାଇଛି । ୬୬ଟି ମୂଲ୍ୟାୟନ କେନ୍ଦ୍ର ଏବଂ ୧୧୪୨ଟି ପରୀକ୍ଷା କେନ୍ଦ୍ର ରହିଛି ।

# ଅତ୍ୟାବଶ୍ୟକ ସାମଗ୍ରୀ ଆଇନରେ ଐତିହାସିକ ସଂଶୋଧନକୁ ବିଭିନ୍ନ ମହଲରେ ସ୍ୱାଗତ

- କୃଷି ଓ ଖାଦ୍ୟସାମଗ୍ରୀ କ୍ଷେତ୍ରରେ ଆସିବ ବ୍ୟାପକ ସୁଧାର
- କୃଷକମାନଙ୍କୁ ଉତ୍ପାଦିତ ସାମଗ୍ରୀର ଉଚିତ ମୂଲ୍ୟ ମିଳିପାରିବ
- ଚାଷ ପ୍ରତି ଆଗ୍ରହ ଓ କୃଷି କ୍ଷେତ୍ରରେ ଅଧିକ ଲୋକଙ୍କ ସମ୍ପୃକ୍ତି ବଢ଼ିବ
- ସଂଶୋଧିତ ବ୍ୟବସ୍ଥାରେ ଚାଷୀ ଓ ଉପଭୋକ୍ତାଙ୍କ ହିତ ସୁରକ୍ଷିତ

ବାଲେଶ୍ୱର,୪।୬ (ନି.ପ୍ର): ଅତ୍ୟାବଶ୍ୟକ ସାମଗ୍ରୀ ଆଇନରେ ସଂଶୋଧନ ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ନେଇଥିବା ନିଷ୍ପତିକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି । ଏହା କୃଷି କ୍ଷେତ୍ର ସମେତ ଦେଶର ଖାଦ୍ୟସାମଗ୍ରୀ ବିପଣନ ତଥା ବିତରଣ କ୍ଷେତ୍ରରେ ବ୍ୟାପକ ସୁଧାର ଆଣିପାରିବ ବୋଲି ଅଂଶୀଦାରମାନେ ମତପ୍ରକାଶ କରିଛନ୍ତି । ବାଲେଶ୍ୱର ଜିଲ୍ଲା ପାଖର ପଂଚାୟତର ସରପଂଚ ତ୍ରିଲୋଚନ ପାଣିଗ୍ରାହୀ ମତପ୍ରକାଶ କରିଛନ୍ତି ଯେ, ଆଳୁ, ଡାଲି ଜାତୀୟ ଫସଲ ଉପରୁ ଅତ୍ୟାବଶ୍ୟକ ସାମଗ୍ରୀ ଆଇନ ଉଚ୍ଛେଦ କରିବା ଲାଗି ଗତକାଲି କେନ୍ଦ୍ର ସରକାର ଯେଉଁ ଐତିହାସିକ ନିଷ୍ପତି ନେଇଛନ୍ତି ତାହାଦ୍ୱାରା କୃଷକମାନେ ନିଜ ଉତ୍ପାଦିତ ସାମଗ୍ରୀର ଉଚିତ ମୂଲ୍ୟ ପାଇପାରିବେ ଏବଂ ଅଧିକ ସାମଗ୍ରୀ ଉତ୍ପାଦନ ପ୍ରତି ସେମାନଙ୍କର ଆଗ୍ରହ ବଢ଼ିବ । କୃଷି କ୍ଷେତ୍ରରେ ଅଧିକ କୃଷକମାନଙ୍କର ସମ୍ପୃକ୍ତି ବଢ଼ିବ । ଏଭଳି ଐତିହାସିକ ନିଷ୍ପତି ପାଇଁ ସେ କେନ୍ଦ୍ର ସରକାର ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରତି କୃତଜ୍ଞତା ବ୍ୟକ୍ତ କରିଛନ୍ତି । ଏଠାରେ ସୂଚନାଯୋଗ୍ୟ ଯେ ଚାଉଳ, ଡାଲି, ତୈଳବୀଜ, ଖାଇବା ତେଲ, ପିଆଜ ଓ ଆଳୁ ଭଳି ସାମଗ୍ରୀକୁ ଅତ୍ୟାବଶ୍ୟକ ସାମଗ୍ରୀ ତାଲିକାରୁ ହଟାଇବା ଲାଗି ଅତ୍ୟାବଶ୍ୟକ ସାମଗ୍ରୀ ଆଇନରେ ସଂଶୋଧନ କରାଯାଇଛି । ଫଳରେ ଉତ୍ପାଦନ, ଭଣ୍ଡାରଣ, ଲୋଡିଂ, ବିତରଣ ଏବଂ ଯୋଗାଣ କରିବାର ସ୍ୱାଧୀନତା ମିଳିବ । ଯାହା ଉତ୍ପାଦନ ବୃଦ୍ଧି କରିବା ସହିତ କୃଷି କ୍ଷେତ୍ରକୁ ଘରୋଇ/ପ୍ରତ୍ୟକ୍ଷ ନିବେଶ ଆକୃଷ୍ଟ ହେବ । ଶୀତଳ ଭଣ୍ଡାରରେ ନିବେଶ ବଢ଼ିବା ଏବଂ ଖାଦ୍ୟ ଯୋଗାଣ ଶୃଙ୍ଖଳ (ସପ୍ଲାଇ ଚେନ)ର ଆଧୁନିକୀକରଣରେ ସହାୟତା ମିଳିପାରିବ । ଏହା କୃଷି କ୍ଷେତ୍ରରେ ଆମୂଳଚୁଳ ପରିବର୍ତନ ଆଣିବା ଏବଂ କୃଷକମାନଙ୍କ ଆୟ ବଢ଼ାଇବା ଦିଗରେ କେନ୍ଦ୍ର ସରକାରଙ୍କର ଏକ ଦୂରଦର୍ଶୀ ପଦକ୍ଷେପ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଭାରତ ଅଧିକାଂଶ କୃଷିଜାତ ସାମଗ୍ରୀ ଉତ୍ପାଦନରେ ବଳକା ସ୍ଥିତିରେ ରହିଛି, ମାତ୍ର ଶୀତଳ ଭଣ୍ଡାର, ପଣ୍ୟାଗାର, ପ୍ରକ୍ରିୟାକରଣ ଏବଂ ରପ୍ତାନିରେ କମ ନିବେଶ କାରଣରୁ କୃଷକମାନେ ସେମାନଙ୍କ ଉତ୍ପାଦର ଉଚିତ ମୂଲ୍ୟ ପାଇବାକୁ ସକ୍ଷମ ହେଉନାହାନ୍ତି । ଅନ୍ୟପଟେ ଅତ୍ୟାବଶ୍ୟକ ସାମଗ୍ରୀ ଆଇନର ଅଙ୍କୁଶ ସେମାନଙ୍କ ଉଦ୍ୟମଶୀଳତା ଭାବନାକୁ ହତୋତ୍ସାହିତ କରୁଛି । ଏଭଳି ସ୍ଥିତିରେ ଶୀଘ୍ର ନଷ୍ଟ ହୋଇଯାଉଥିବା କୃଷି ଉତ୍ପାଦ ଅଧିକ ପରିମାଣରେ ଅମଳ ହେଲେ, କୃଷକମାନଙ୍କୁ ଅତ୍ୟଧିକ କ୍ଷତି ସହିବାକୁ ପଡ଼ିଥାଏ । ପର୍ଯ୍ୟାପ୍ତ ପ୍ରକ୍ରିୟାକରଣ ସୁବିଧା ଉପଲବ୍ଧ ହେଲେ ଏଭଳି କ୍ଷତିକୁ ବ୍ୟାପକ ପରିମାଣରେ ରୋକାଯାଇପାରିବ । ଏସବୁ ଲାଭକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଏଭଳି ନିଷ୍ପତି ନେଇଛନ୍ତି । ଅନ୍ୟପକ୍ଷରେ ସରକାର ନିୟାମକ ବ୍ୟବସ୍ଥାକୁ ଉଦାର କରିବା ଫଳରେ ଉପଭୋକ୍ତାଙ୍କ ସ୍ୱାର୍ଥରକ୍ଷା ମଧ୍ୟ ସୁନିଶ୍ଚିତ ହେବ । ସଂଶୋଧନ ଅନ୍ତର୍ଗତ ଏପରି ବ୍ୟବସ୍ଥା କରାଯାଇଛି, ଯାହାଦ୍ୱାରା ମରୁଡ଼ି, ଯୁଦ୍ଧ, ମୂଲ୍ୟରେ ଅପ୍ରତ୍ୟାଶିତ ବୃଦ୍ଧି ଏବଂ ପ୍ରାକୃତିକ ବିପର୍ଯ୍ୟୟ ଭଳି ପରିସ୍ଥିତିରେ ଏଭଳି କୃଷି ଉତ୍ପାଦଗୁଡ଼ିକର ମୂଲ୍ୟକୁ ନିୟନ୍ତ୍ରିତ କରାଯାଇପାରିବ । ତେବେ ମୂଲ୍ୟ ଶୃଙ୍ଖଳ ବା ଭ୍ୟାଲ୍ୟୁ ଚେନର କୌଣସି ଅଂଶୀଦାରଙ୍କ ପ୍ରତିଷ୍ଠିତ କ୍ଷମତା ଏବଂ କୌଣସି ରପ୍ତାନିକାରୀଙ୍କ ରପ୍ତାନି ଚାହିଦା ଏଭଳି ଷ୍ଟକ ସୀମା ଲାଗୁ ବ୍ୟବସ୍ଥାରୁ ମୁକ୍ତ ରହିବେ । ଏହି ପଦକ୍ଷେପ ଦ୍ୱାରା କୃଷି କ୍ଷେତ୍ରରେ ନିବେଶ ହତୋତ୍ସାହିତ ହେବ ନାହିଁ । ଘୋଷିତ ସଂଶୋଧନ ମୂଲ୍ୟ ଲାଗୁ ହେବା ଦ୍ୱାରା କୃଷକ ଏବଂ ଉପଭୋକ୍ତା ଉଭୟଙ୍କ ପାଇଁ ଲାଭଦାୟୀ ହେବ । ଏଥିସହିତ ଭଣ୍ଡାରଣ ସୁବିଧା ଅଭାବ କାରଣରୁ ହେଉଥିବା କୃଷିଜାତ ସାମଗ୍ରୀ ନଷ୍ଟକୁ ମଧ୍ୟ ରୋକାଯାଇପାରିବ ।

# ଦାରିଙ୍ଗବାଡିରେ ମୃଦୁ ଭୂକମ୍ପ ଅନୁଭୂତ

କନ୍ଧମାଳ,୪।୬ (ନି.ପ୍ର): କନ୍ଧମାଳ ଜିଲା ଦାରିଙ୍ଗବାଡି ଅଂଚଳରେ ମୃଦୁ ଭୂକମ୍ପ ଅନୁଭୂତ ହୋଇଛି । ତେବେ ଏଥିରେ କାହାର କୌଣସି ପ୍ରକାରର କ୍ଷୟକ୍ଷତି ହୋଇନାହିଁ ବୋଲି ଜଣାପଡିଛି । ହେଲେ ସ୍ୱଳ୍ପ ସମୟ ପାଇଁ ଏହିଭୂକମ୍ପ ଅନୁଭୂତ ହୋଇଥିଲେ ହେଁ ଲୋକେ ଭୟରେ ନିଜନିଜ ଘରୁ ବାହାରକୁ ବାହାରି ଆସିବାର ଦେଖିବାକୁ ମିଳିଥିଲା । ଆଜି ଦିନ ପ୍ରାୟ ୨ଟା ୫୭ ମିନିଟରେ ଦାରିଙ୍ଗବାଡି ଅଂଚଳରେ ଏକ ପ୍ରକାରର ଶବ୍ଦ ହେବା ସହିତ ଭୂକମ୍ପ ଅନୁଭୂତ ହୋଇଥିଲା । ଫଳରେ ସେହି ଅଂଚଳର ଲୋକେ ଭୟଭୀତ ହୋଇ ଘରୁ ବାହାରି ଆସିଥିଲେ । କରୋନା ସଂକ୍ରମଣ ପାଇଁ ଦୋକାନ ବଜାର ସବୁ ଅପରାହ୍ନ ଗୋଟାଏ ବେଳେ ବନ୍ଦ ହୋଇଯାଉଥିବାରୁ ଲୋକମାନେ ସେମାନଙ୍କର ଘରେ ଥିଲେ ଅହା ଅନୁଭୂତ ହେବାରୁ ସେହି ଅଂଚଳରେ ଏକ ପ୍ରକାରର ଭୟର ବାତାବରଣ ଖେଳାଇ ହୋଇଯାଇଥିଲା । କିନ୍ତୁ ଭୂକମ୍ପର ତୀବ୍ରତାକୁ ମାପିବାର କୌଣସି ଯନ୍ତ୍ର ଉପଲବ୍ଧ ନଥିବାରୁ ଅନୁଭୂତ ଭୂକମ୍ପର ତୀବ୍ରତା ଜଣାପଡିନାହିଁ ।

# ଶ୍ରୀକ୍ଷେତ୍ରରେ ପହଂଚିଲା ରଥ ଦଉଡ଼ି

ପୁରୀ,୪।୬ (ନି.ପ୍ର): ଓଡ଼ିଶା ସମବାୟ କତା ନିଗମରୁ ଆଜି ଶ୍ରୀକ୍ଷେତ୍ରରେ ପହଂଚିଛି ୨୦ ଟି ଦଉଡ଼ି । ଯାହାକି ଆଗାମୀ ରଥଯାତ୍ରାରେ ରଥଟଣା କାର୍ଯ୍ୟରେ ବ୍ୟବହୃତ ହେବ । ୨୦ଟି ଦଉଡ଼ି ମଧ୍ୟରେ ୧୪ଟି ରଥ ଟଣା ପାଇଁ ଏବଂ ଅନ୍ୟ ୬ଟି କର୍ଡ଼ନ ଦଉଡ଼ି ଭାବେ ବ୍ୟବହୃତ ହେବା ନେଇ ସୂଚନା ମିଳିଛି । ତେବେ ଚଳିତ ବର୍ଷ ରଥ ଯାତ୍ରାର ଅବ୍ୟବହିତ ପୂର୍ବରୁ ରଥ ଦଉଡ଼ି ପୁରୀରେ ଆସି ପହଂଚି ଥିବା ଜଣାପଡିଛି ।

# ବିଭିନ୍ନ ଜିଲ୍ଲାରେ କରୋନାର ସ୍ଥିତି

ଭୁବନେଶ୍ୱର,୪।୬ (ନି.ପ୍ର): ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଲଗାତାର ଭାବେ ବଢିବାରେ ଲାଗିଛି । । କରୋନା ଆକ୍ରାନ୍ତ ଜିଲ୍ଲାଙ୍କ ସୂଚୀରେ ଗଂଜାମ ଜିଲ୍ଲା ଆଜି ମଧ୍ୟ ସବୁଠାରୁ ଆଗରେ ରହିଛି । ଗଂଜାମ ଜିଲ୍ଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢି ୫୨୧ ରେ ପହଂଚିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ବର୍ତମାନ ସୁଦ୍ଧା ଯାଜପୁର ଜିଲ୍ଲାରେ ୨୯୦ ଓ ଖୋର୍ଦ୍ଧା ଜିଲ୍ଲାରେ ୧୯୫ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ବାଲେଶ୍ୱର ଜିଲ୍ଲାରେ ୧୭୯ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । କେନ୍ଦ୍ରାପଡା ଜିଲ୍ଲାରେ ୧୬୧ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । କଟକ ଜିଲ୍ଲାରେ ୧୩୧ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ସେହିପରି ଭଦ୍ରକ ଜିଲ୍ଲାରେ ୧୩୨ ଜଣ ଚିହ୍ନଟ ହୋଇଛନ୍ତି । ପୁରୀ ଜିଲ୍ଲାରେ ୯୮ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀର ଜିଲ୍ଲାରେ ୧୦୨ ଜଣ, ଜଗତସିଂହପୁର ଜିଲ୍ଲାରେ ୮୬ ଜଣ ଓ ନୟାଗଡ ଜିଲ୍ଲାରେ ୭୬ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସୁନ୍ଦରଗଡ ଜିଲ୍ଲାରେ ୭୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ନୂଆପଡା ଜିଲ୍ଲାରେ ୬୦ ଜଣ ସଂକ୍ରମିତ ହୋଇଥିବାବେଳେ ଗଜପତି ଜିଲ୍ଲାରେ ୪୪ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରେ ୩୪ ଜଣ ଆକ୍ରାନ୍ତ, ଚିହ୍ନଟ ହୋଇଥିବାବେଳେ ଦେବଗଡ ଜିଲ୍ଲାରେ ୩୩ ଜଣ, ମୟୁରଭଂଜ ଜିଲ୍ଲାରେ ୩୫, ଢେଙ୍କାନାଳ ଜିଲ୍ଲାରେ ୩୧ ଜଣ, କେନ୍ଦୁଝର ଜିଲ୍ଲାରେ ୩୦ ଜଣ. ଅନୁଗୁଳ ଜିଲ୍ଲାରେ ୩୦ ଜଣ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସୋନପୁରରେ ୨୫ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । କନ୍ଧମାଳ ଜିଲ୍ଲାରେ ୨୨,ମାଲକାନଗିରି ଜିଲ୍ଲାରେ ୨୧ ଜଣ . କଳାହାଣ୍ଡି ଜିଲ୍ଲାରେ ୨୨ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । । ସମ୍ବଲପୁର ଜିଲ୍ଲାରେ ୧୬ ଜଣ ଓ ବରଗଡରେ ୧୨ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରେ ୮ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡା ଜିଲ୍ଲାରେ ୭ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ନବରଂଗପୁର ୨ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାୟଗଡାରେ ଜଣେ ବ୍ୟକ୍ତି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି ।

# ବାଲେଶ୍ୱର ଏସପି ସୁଧାଂଶୁ ଶେଖର ମିଶ୍ରଙ୍କ ଦାୟିତ୍ୱ ଗ୍ରହଣ



ବାଲେଶ୍ୱର,୪।୬ (ନି.ପ୍ର): ଯୁବ ଆଇପିଏସ ସୁଧାଂଶୁ ଶେଖର ମିଶ୍ର ବାଲେଶ୍ୱର ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଭାବେ ଆଜି କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ଜିଲ୍ଲା କାର୍ଯ୍ୟାଳୟରେ ପହଞ୍ଚି ଏସପି ବି ଯୁଗଲ କିଶୋର କୁମାରଙ୍କଠାରୁ ସେ ଦାୟିତ୍ୱ ଗ୍ରହଣ କରିଥିଲେ । ଏହି ଅବସରରେ ବିଭାଗୀୟ ଅଧିକାରୀମାନେ ତାଙ୍କୁ ସୌଜନ୍ୟମୂଳକ ସାକ୍ଷାତ ସହ ଶୁଭେଚ୍ଛା ଜଣାଇଥିବା ଦେଖିବାକୁ ମିଳିଥିଲା । ଜିଲ୍ଲାବାସୀଙ୍କ ନିକଟରେ ପୁଲିସ ସେବା ପହଞ୍ଚାଇବା ସହ ଆଇନ୍ ଶୃଙ୍ଖଳା କ୍ଷେତ୍ରକୁ ସୁଚାରୁରୂପେ ପରିଚାଳନା ପାଇଁ ସମନ୍ୱୟ ରକ୍ଷା ପୂର୍ବକ କର୍ତ୍ତବ୍ୟ କରିବା ନିମନ୍ତେ ସେ ଅଧସ୍ତନ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି । ଅନ୍ୟପକ୍ଷରେ ବାଲେଶ୍ୱର ଭଳି ଜିଲ୍ଲାରେ ଏସପି ଭାବେ ଦାୟିତ୍ୱ ଗ୍ରହଣ କରି ସେ ବେଶ ଆନନ୍ଦିତ ଥିବା ଶ୍ରୀ ମିଶ୍ର ସାମ୍ବାଦିକମାନଙ୍କୁ କହିଛନ୍ତି । ଜିଲ୍ଲାରେ ଅସାମାଜିକ କାର୍ଯ୍ୟକଳାପ ହ୍ରାସ, ଆଇନ ଶୃଙ୍ଖଳା ସ୍ଥିତିକୁ ସଜାଡ଼ିବା ତଥା ପୁଲିସ-ପବ୍ଲିକ ସମ୍ପର୍କ ଦୃଢ଼ କରିବା ସହ ଲୋକଙ୍କଠାରେ ସହଜରେ ପୁଲିସ ସେବା ପହଞ୍ଚାଇବାକୁ ସେ ପ୍ରାଥିମିକତା ଦେବେ ବୋଲି କହିଛନ୍ତି । ଗୋଇନ୍ଦା ବିଭାଗର ସାହାଯ୍ୟରେ ବେଆଇନ୍ ନିଶା କାରବାର କରୁଥିବା ମାଫିଆ ଓ ଅପରାଧୀ ଗ୍ୟାଙ୍ଗଙ୍କୁ ଧରିବା ଏବଂ ନାରୀ ସୁରକ୍ଷାକୁ ସେ ଅଧିକ ଗୁରୁତ୍ୱ ଦେବେ ବୋଲି ଏସପି ଶ୍ରୀ ମିଶ୍ର କହିଛନ୍ତି । ଏନେଇ ସେ ଜିଲ୍ଲାବାସୀଙ୍କ ସହଯୋଗ କାମନା କରିଛି । ଏସପି ଶ୍ରୀ ମିଶ୍ରଙ୍କ କାର୍ଯ୍ୟଭାର ଗ୍ରହଣ ବେଳେ ଜିଲ୍ଲାର ବହୁ ପୁଲିସ ଅଧିକାରୀ ଉପସ୍ଥିତ ଥିଲେ । ସାମାଜିକ ଦୂରତା ରକ୍ଷା ସହ ଶ୍ରୀ ମିଶ୍ର ନିଜର ଦାୟିତ୍ୱ ଗ୍ରହଣ କରିଥିବା ପରିଲକ୍ଷିତ ହୋଇଥିଲା । ୨୦୧୨ ମସିହା ବ୍ୟାଚ୍ ଆଇପିଏସ ଭାବେ ଶ୍ରୀ ମିଶ୍ର ପ୍ରଥମେ କନ୍ଧମାଳ ଜିଲ୍ଲାର ଏସପି ଭାବେ ସୁଚାରୁ ରୂପେ ଦାୟିତ୍ୱ ତୁଲାଇଥିଲେ । ବାଲେଶ୍ୱରକୁ ଆସିବା ପୂର୍ବରୁ ସେ କ୍ରାଇମବ୍ରାଞ୍ଚ ଏସପି ଭାବେ କଟକରେ ଅବସ୍ଥାପିତ ହୋଇଥିଲେ । ବାଲେଶ୍ୱରରୁ ବି ଯୁଗଲ କିଶୋର କୁମାରଙ୍କର କଟକ ବଦଳି ହୋଇଥିବା ବେଳେ ସେ କଟକ ଗ୍ରାମାଞ୍ଚଳ ଏସପି ଭାବେ ଦାୟିତ୍ୱ ଗ୍ରହଣ କରିବେ ବୋଲି ଜଣାପଡ଼ିଛି ।

# ସାଂସଦ ଅପରାଜିତା ଷଡଙ୍ଗୀଙ୍କ ନାମରେ ଥାନାରେ ମାମଲା



ଭୁବନେଶ୍ୱର,୪।୬ (ନି.ପ୍ର): ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀଙ୍କ ନାମରେ ଥାନାରେ ମାମଲା ରୁଜୁ ହୋଇଛି । କୋଭିଡ କଟକଣା ଉଲଂଘନ ଅଭିଯୋଗରେ ଭୁବନେଶ୍ୱର କ୍ୟାପିଟାଲ ଥାନାରେ ସାଂସଦଙ୍କ ନାମରେ ଏତଲା ଦିଆଯାଇଛି । ସାଂସଦ ବାହାରୁ ଭୁବନେଶ୍ୱର ଆସିବା ପରେ କୋଭିଡ କଟକଣାକୁ ନମାନି କର୍ମୀଙ୍କ ସହ ମିଳାମିଶା କରଛନ୍ତି । ସାମାଜିକ ଦୂରତା ପାଳନ କରିନାହାନ୍ତି, ମାସ୍କ ନ ପିନ୍ଧି ଦଳୀୟ କର୍ମୀଙ୍କ ସହ ଜନ୍ମଦିନ ବି ପାଳନ କରିଛନ୍ତି ବୋଲି ଅଭିଯୋଗରେ ଦର୍ଶାଯାଇଛି । ଅନ୍ୟପକ୍ଷରେ ସାମାଜିକ ଦୂରତାକୁ ପାଳନ କରି ନ ଥିବାରୁ ନିଜ ଆଡୁ ଜରିମାନା ଦେଇଛନ୍ତି ଭୁବନେଶ୍ୱର ସାଂସଦ । ଏସମ୍ପର୍କରେ ସେ ଟୁଇଟ୍ କରି ସୂଚନା ଦେଇଛନ୍ତି । ୨ ଦିନ ପୂର୍ବେ ଦଳରୁ ଇସ୍ତଫା ଦେଇଥିବା ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କ ଘରକୁ ଯାଇଥିଲେ ଅପରାଜିତା ଷଡଙ୍ଗୀ ।

# କରୋନା ପାଇଁ ସତର୍କ ରହିବାକୁ ଆହ୍ୱାନ ଜଣାଇଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୪।୬ (ନି.ପ୍ର): ଚଳିତ ଜୁନ୍ ମାସ କରୋନା ମୁକାବିଲା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ସେ ଏହି ଅବଧି ମଧ୍ୟରେ ଅତ୍ୟନ୍ତ ସତର୍କତାର ସହ ଜୀବନ ଯାପନ କରିବା ପାଇଁ ଆହ୍ୱାନ ଜଣାଇଛନ୍ତି । ଗୁରୁବାର ସନ୍ଧ୍ୟା ୮.୩୦ରେ ଏକ ଭିଡ଼ିଓ ବାର୍ତାରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଲକ୍‌ଡାଉନ କଟକଣା ହଟିବାର ଅର୍ଥ ନୁହେଁ ଯେ, କରୋନା ଚାଲିଗଲା । କରୋନା ବିରୁଦ୍ଧରେ ଲଢ଼େଇ ଏକ ଲମ୍ବା ଲଢ଼େଇ । ପୂର୍ବରୁ ଦେଶରେ ଦୈନିକ ୩୦୦୦ କରୋନା ଆକ୍ରାନ୍ତ ଚିହ୍ନଟ ହେଉଥିଲା ବେଳେ ବର୍ତମାନ ଏହା ୧୦ ହଜାରରେ ପହଂଚିଲାଣି । ବିଶେଷ କରି ଓଡ଼ିଶାରେ କରୋନା ଶୀର୍ଷ ସ୍ଥାନରେ ପହଂଚିଛି । ଆପଣମାନେ ଘରୁ ନ ବାହାରେ କରୋନା ଆପଣଙ୍କଠାରେ ପ୍ରବେଶ କରିପାରିବ ନାହିଁ । ଏହାକୁ ଆଖି ଆଗରେ ରଖି ଚଳିତ ମାସ ପ୍ରତ୍ୟେକ ଶନିବାର ଓ ରବିବାରକୁ ସଟ୍‌ଡାଉନ ରହିବ ବୋଲି ଘୋଷଣା କରାଯାଇଛି । ଏହି ସମୟରେ କେହି ଘରୁ ନ ବାହାରିବା ପାଇଁ ସେ ନିବେଦନ କରିଛନ୍ତି । ସେ କହିଛନ୍ତି ଯେ, ଜୁନ୍ ମାସ ୧୦ ତାରିଖରେ ମୌସୁମୀ ଓଡ଼ିଶାରେ ପ୍ରବେଶ କରିବ ବୋଲି ସୂଚନା ମିଳିଛି । ତେଣୁ ଏହାର ପ୍ରଭାବରେ ଥଣ୍ଡା, କାଶ, ଜ୍ୱର ଆଦି ହେବାର ଆଶଙ୍କା ରହିଛି । ଲୋକମାନଙ୍କୁ ଅତ୍ୟନ୍ତ ସାବଧାନ ସହିତ ରହିବା ପାଇଁ ସେ ଆହ୍ୱାନ ଜଣାଇଛନ୍ତି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo